

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-60 SUNDAY 24 AUGUST 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୬୦ ରବିବାର ୨୪ ଅଗଷ୍ଟ ୨୦୨୫ ପୃଷ୍ଠା-୧୨ ଟ.୬.୦୦ (ସିନ୍ଦୂରା ସହ)


### ଚଢ଼ା ଶୁଳ୍କର ପ୍ରଭାବ

# ଆମେରିକାକୁ ଡାକ ସେବା ବନ୍ଦ

■ **ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି):** ଜବାବୀ ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ତିକ୍ତତା ଦେଖାଦେଇଛି। ଏପରି ସମୟରେ ଭାରତ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ ନୂଆ ନିୟମ ଘୋଷଣା ହେବା ପରେ ଭାରତ ସରକାର ଆମେରିକାକୁ ଅସ୍ଥାୟୀ ଭାବେ ଡାକ ସେବା ବନ୍ଦ କରିଦେଇଛନ୍ତି। ୨୫ ତାରିଖରୁ ଡାକ ମାଧ୍ୟମରେ ଆମେରିକାକୁ ଯାଉଥିବା ସାମଗ୍ରୀ ବୁକିଂ ଉପରେ କଟକଣା ଲଗାଇ ଦିଆଯାଇଛି। ତେବେ ଶହେ ଡଲାର ପର୍ଯ୍ୟନ୍ତ ଉପହାର ଏବଂ ଚିଠିକୁ ପୂର୍ବଭଳି ସ୍ୱୀକାର କରାଯିବ। ଆମେରିକାର ଶୁଳ୍କ ଜବାବରେ ଭାରତ ଏହି ପଦକ୍ଷେପ ନେଇଥିବା କୁହାଯାଉଛି।

ଡାକ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ ଅନ୍ତର୍ଜାତୀୟ ଡାକ ନେଟୱର୍କ ଦ୍ୱାରା ମାଲ୍ ପହଞ୍ଚାଉ ଥିବା ଗାଡ଼ି କିମ୍ବା ଆମେରିକା ସୀମା ଶୁଳ୍କ ଏବଂ ସୀମା ସୁରକ୍ଷା (ସିବିପି) ଦ୍ୱାରା ଅନୁମୋଦନ ହୋଇଥିବା ଅନ୍ୟ 'ଯୋଗ୍ୟ ପକ୍ଷ'ଙ୍କୁ ଡାକ ସିପ୍‌ମେଣ୍ଟ ଉପରେ ଶୁଳ୍କ ଆଦାୟ କରାଯିବ। ତେବେ ଏ ପର୍ଯ୍ୟନ୍ତ ଯୋଗ୍ୟ ପକ୍ଷ୍ କିଏ ହେବ ତାହାକୁ ନେଇ ସ୍ଥିତି ସ୍ପଷ୍ଟ ହୋଇନାହିଁ। ଗତ ୩୦ ତାରିଖରେ ଆମେରିକା ମଧ୍ୟ ଏଭଳି ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିଥିଲା। ଏଥିରେ ୮୦୦ ଡଲାର ପର୍ଯ୍ୟନ୍ତ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଶୁଳ୍କ ରିଆତିକୁ ବନ୍ଦ କରିଦିଆଯାଇଥିଲା। ୨୯ ତାରିଖରୁ ଆମେରିକା ଯାଉଥିବା ସବୁ ସାମଗ୍ରୀ ଉପରେ ସୀମା ଶୁଳ୍କ ଦେବାକୁ ପଡ଼ିବ। ଇଣ୍ଟରନ୍ୟାସନାଲ 'ଏମର୍ଜେନ୍ସି ଇକୋନମିକ ପାୱାର ଆକ୍ଟ' ଅଧୀନରେ ଏହା ଧାର୍ଯ୍ୟ କରାଯିବ। ତେବେ ଶହେ ଡଲାର ପର୍ଯ୍ୟନ୍ତ ଉପହାର ପରେ ଶୁଳ୍କ ଲାଗିବ ନାହିଁ ବୋଲି କୁହାଯାଇଥିଲା।

ଭାରତୀୟ ଡାକ ବିଭାଗ ଏ ନେଇ ସବୁ ଅଂଶଧାରକଙ୍କ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି। ଯଥାଶୀଘ୍ର ସେବାକୁ ସ୍ୱାଭାବିକ କରିବା ପାଇଁ ପ୍ରୟାସ କରାଯାଉଥିବା କୁହାଯାଇଛି। ଯେଉଁ ଗ୍ରାହକ ପୂର୍ବରୁ ଏଭଳି ସାମଗ୍ରୀ ବୁକ୍ କରି ସାରିଛନ୍ତି କିମ୍ବା ଆମେରିକା ପଠାଇ ପାରିନାହାନ୍ତି, ସେମାନେ ଶୁଳ୍କ ଫେରାଇ ନେଇପାରିବେ ବୋଲି କୁହାଯାଇଛି। ସମସ୍ୟା ପାଇଁ ଗ୍ରାହକଙ୍କୁ ଭାରତୀୟ ଡାକ ବିଭାଗ କ୍ଷମା ମାଗିଛି।

ଏବେ ଶହେ ଡଲାର ଅର୍ଥାତ୍ ପ୍ରାୟ ୮,୭୦୦ ଟଙ୍କା ମୂଲ୍ୟ ଉପହାର ଉପରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ଏହି ସୀମା ୮୦୦ ଡଲାର ଅର୍ଥାତ୍ ୭୦ ହଜାର ଟଙ୍କା ଥିଲା। ଆମେରିକାର ନିର୍ଦ୍ଦେଶ ପରେ ଅନେକ ଦେଶ ମଧ୍ୟ ସମାନ ପଦକ୍ଷେପ ନେଉଛନ୍ତି। ଡାକ ବିଭାଗ ଏହା ଉପରେ ଅସ୍ଥାୟୀ କଟକଣା ଲଗାଇ ଥିଲେ ବି ଏହା କେତେ ଦିନ ପର୍ଯ୍ୟନ୍ତ ଜାରି ରହିବ ତାହା ସ୍ପଷ୍ଟ କରିନାହିଁ। ସିବିପି ଏବଂ ୟୁନାଇଟେଡ ଷ୍ଟେଟସ୍ ପୋର୍ଟାଲ ସର୍ଭିସେସ (ୟୁଏସପିଏସ) ସହ ମିଶି ଏହି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରାଯାଉଛି ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଇଛି।




# ନବୀନ ନିବାସରେ ମୋହନ

## ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୩।୮ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ସୁସ୍ଥତା କାମନା କରି 'ଆପଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିପରି ଅଛି' ବୋଲି ପଚାରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଉତ୍ତରରେ 'ମୁଁ ସୁସ୍ଥ ଅନୁଭବ କରୁଛି' ବୋଲି କହିଥିଲେ। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ ଧରି ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ନବୀନ ନିରାମୟ ଜୀବନ କାମନା କରିବା ସହ ଆଗାମୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ, ସେଥିନେଇ ସହଯୋଗ ଲୋଡ଼ିଥିଲେ। ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ଅତ୍ୟଧିକ 'ଡିହାଇଡ୍ରେସନ' କାରଣରୁ ବିରୋଧୀ ଦଳ ନେତା ▶ପୃଷ୍ଠା-୭

**ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା**





## କର୍ଣ୍ଣାଟକ ବିଧାୟକ ଗିରଫ

■ **ବେଙ୍ଗାଲୁରୁ, ୨୩।୮ (ଏଜେନ୍ସି):** ଅନ୍‌ଲାଇନ୍ ବେଟିଂ ତଥା ଜୁଆକୁ ବ୍ୟାନ୍ କରାଯିବାର ଗୋଟିଏ ଦିନ ପରେ କର୍ଣ୍ଣାଟକର କଂଗ୍ରେସ ବିଧାୟକ କେସି ବୀରେନ୍ଦ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ସିକ୍କିମରୁ ଗିରଫ କରିଛି। ମନି ଲଣ୍ଡରିଂ ଆକ୍ଟ ମାମଲାରେ ତାଙ୍କୁ ଗିରଫ କରାଯାଇଛି। ଇଡି ଶୁକ୍ରବାର ବୀରେନ୍ଦ୍ରଙ୍କ ବିଭିନ୍ନ ଠିକଣା ଉପରେ ଚଢ଼ଉ କରିଥିଲା ଇଡି। ଚଢ଼ଉ ବେଳେ ନଗଦ ୧୨ କୋଟି ଟଙ୍କା, ୬ କୋଟି ଟଙ୍କାର ସୁନା ଗହଣା ଜବତ କରାଯାଇଛି। କେବଳ ସେତିକି ନୁହେଁ; ଏକ କୋଟି ଟଙ୍କାର ବିଦେଶୀ ମୁଦ୍ରା ଓ ୪ଟି ଗାଡି ମଧ୍ୟ ଇଡି ଜବତ କରିଛି।

ବୀରେନ୍ଦ୍ରଙ୍କ ଗ୍ୟାଙ୍ଗଟକ, ଚିତ୍ରଦୁର୍ଗ ଜିଲ୍ଲା, ବେଙ୍ଗାଲୁରୁ, ହୁବଲି, ଯୋଧପୁର, ମୁମ୍ବଇ ଓ ଗୋଆର ଠିକଣା ଉପରେ ଚଢଉ କରାଯାଇଛି। ତାଙ୍କର ୫ଟି କାସିନୋ ଉପରେ ମଧ୍ୟ ଚଢ଼ଉ କରାଯାଇଥିବା ଜଣାପଡ଼ିଛି। ବୀରେନ୍ଦ୍ର କର୍ଣ୍ଣାଟକର ଚିତ୍ରଦୁର୍ଗ ବିଧାନସଭାର ବିଧାୟକ ରହିଛନ୍ତି। ଗୋଆରେ ତାଙ୍କର କ୍ୟାସିନୋ କାରବାର ମଧ୍ୟ ରହିଛି ବୋଲି କୁହାଯାଉଛି। ତାଙ୍କର ୧୭ଟି ବ୍ୟାଙ୍କ ଖାତା ଓ ଦୁଇଟି ବ୍ୟାଙ୍କ ଲକରକୁ ସିଜ୍ ▶ପୃଷ୍ଠା-୭



**୧୨ କୋଟି ନଗଦ ଟଙ୍କା, ୬ କୋଟିର ଗହଣା ଜବତ**

### ୩,୦୭୩ କୋଟିର ଋଣ ଠକେଇ

## ଅନିଲ ଅମ୍ବାନୀଙ୍କ ଘରେ ସିବିଆଇ ଚଢ଼ଉ

■ **ମୁମ୍ବଇ, ୨୩।୮ (ଏଜେନ୍ସି):** ଶିଳ୍ପପତି ଅନିଲ ଅମ୍ବାନୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ୩,୦୭୩ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ସିବିଆଇ ଶନିବାର ସକାଳେ ଅନିଲଙ୍କ ମୁମ୍ବଇର ସିଁୱିଣ୍ଡ ସ୍ଥିତ ବାସଭବନରେ ଚଢ଼ଉ କରିଛି। ସୂଚନା ଅନୁଯାୟୀ ସକାଳ ୭ଟାରେ ସିବିଆଇର ୭ରୁ ୮ ଅଧିକାରୀ ଶିଳ୍ପପତିଙ୍କ ଘରେ ପହଞ୍ଚି ଥିଲେ। ଅନିଲ ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଅଧିକାରୀ ଘରର ତଲାସୀ ନେଇଥିଲେ। ଏହି ମାମଲା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସମ୍ବନ୍ଧିତ। ଦିଲ୍ଲୀରେ ଏ ନେଇ ଏସ୍‌ବିଆଇ ପକ୍ଷରୁ ଏତଲା ଦିଆଯାଇଥିଲା। ଏ ନେଇ ସିବିଆଇ ଅନିଲ ଏବଂ ତାଙ୍କ କମ୍ପାନୀ ରିଲାଏସ କମ୍ୟୁନିକେସନ (ଆର କମ୍) ବିରୋଧରେ ନୂଆ ଏତଲା ରୁଜୁ କରିଥିଲା। କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ନିକଟରେ ଲୋକସଭାରେ ଏହି ▶ପୃଷ୍ଠା-୭



# ବର୍ଷାରେ ଭିଜିବ ପହିଲି ପାର୍ବଣ

**୨୭ ଯାଏଁ ରାଜ୍ୟବ୍ୟାପୀ ବର୍ଷା**

**ଆଜି ୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି**

■ **ଭୁବନେଶ୍ୱର, ୨୩।୮ (ସମିସ):** ରାଜ୍ୟର ବିଭିନ୍ନ ଭାଗରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହା ପହିଲି ପାର୍ବଣକୁ ଫିକା କରିପାରେ। ଆଗାମୀ ୪ ଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ପହିଲି ପାର୍ବଣ ଗଣେଶ ପୂଜା ଫିକା ପଡ଼ିବା ନେଇ ଆଶଙ୍କା ଦେଖାଦେଇଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିବା କାରଣରୁ ଆଗାମୀ ୨୭ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ବୁଲେଟିନ୍ ଜାରି କରି ସବିଶେଷ ସୂଚନା ପ୍ରଦାନ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଏହି ଲଘୁଚାପ କ୍ଷେତ୍ର ଆଗାମୀ ୨୪ ଘଣ୍ଟାରେ ଉତ୍ତର ପଶ୍ଚିମ ଦିଗରେ ଗତି କରିବା ସହ ଝାଡଖଣ୍ଡ ଦେଇ ଗତି କରିବାର ସମ୍ଭାବନା ରହିଛି। ଫଳସ୍ୱରୂପ ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡାରେ ପ୍ରବଳ ବର୍ଷା ସମ୍ଭାବନା ▶ପୃଷ୍ଠା-୭

## ପୁଣି ୮ ଫାଟକ ଖୋଲିଲା ହୀରାକୁଦ

■ **ସମ୍ବଲପୁର, ୨୩।୮ (ସମିସ):** ହୀରାକୁଦ ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ଏବଂ ଲଘୁଚାପ ବର୍ଷା ଯୋଗୁଁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବନ୍ୟାଜଳ ପରିମାଣ ବୃଦ୍ଧି ପାଇଛି। ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଜଳ ପରିଚାଳନା ସକାଶେ ଆଜି ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ପୁଣିଥରେ ଜଳଭଣ୍ଡାରର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଏହିପରି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି। ଏହି ସମୟରେ ହୀରାକୁଦ ଜଳସ୍ତର ୬୨୦.୪୦ ଫୁଟ୍ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ▶ପୃଷ୍ଠା-୭

**ପ୍ରବେଶ କରୁଛି ୨,୧୩,୧୩୫ ଘନଫୁଟ ଜଳ**

# ସୁବର୍ଣ୍ଣରେଖାରେ ପୁଣି ବନ୍ୟା ଆଶଙ୍କା

**ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ ଖୋଲିଲା ୧୩ ଫାଟକ**

■ **ବାଲେଶ୍ୱର, ୨୩।୮ (ସମିସ):** ଲଘୁଚାପ ଯୋଗୁଁ ସୁବର୍ଣ୍ଣରେଖାର ଉପରମୁଣ୍ଡ ତଥା ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରେ ପ୍ରବଳ ବର୍ଷା ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଗାଲୁଡିହି ବ୍ୟାରେଜ୍‌ର ୧୩ଟି ଫାଟକ ଖୋଲି ଦିଆଯାଇଛି। ଫଳରେ ଉପରମୁଣ୍ଡରୁ ଘଣ୍ଟାପ୍ରତି ୫୪୨୮.୫୬ କ୍ୟୁସେକ୍ ପାଣି ମାଡ଼ି ଆସୁଛି। ଏହାଦ୍ୱାରା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଥିବା ବିଭିନ୍ନ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। ବିଶେଷକରି ସୁବର୍ଣ୍ଣରେଖାରେ ଜଳସ୍ତର ବଢ଼ି ଚଳିତବର୍ଷ ଷଷ୍ଠଥର ପାଇଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷେ, ବାଲେଶ୍ୱର ଜିଲ୍ଲାରେ ତିନିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଫଳରେ ଜିଲ୍ଲାରେ ଥିବା ତିନୋଟି ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଏବଂ ଜଳକା ନଦୀର ଜଳସ୍ତର ବୃଦ୍ଧି ▶ପୃଷ୍ଠା-୭

## ମାରିଜୁଆନା ପାଇଁ ଭୁବନେଶ୍ୱର ନିରାପଦ!

**ବିମାନବନ୍ଦରରୁ ଆଉ ୪ କୋଟିର ମାରିଜୁଆନା ଜବତ**

**ପ୍ରେମୀ ଯୁଗଳ ଗିରଫ, ବ୍ୟାଙ୍କକ୍‌ରୁ ଆସିଥିଲେ**

**ଧରାପଡିଲାଣି ୫୦ କୋଟିର ବିଦେଶୀ ଡ୍ରଗ୍ସ**

■ **ଭୁବନେଶ୍ୱର, ୨୩।୮ (ସମିସ):** ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହେଲା ୪କୋଟିର ମାରିଜୁଆନା। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଲା ବେଳେ ଧରିଲା କଷ୍ଟମ ବିଭାଗ। ମାରିଜୁଆନା ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି ପଞ୍ଜାବର ପ୍ରେମୀ ଯୁଗଳ। ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହାପୂର୍ବରୁ ସେମାନେ ଏକାଧିକ ଥର ଏୟାରପୋର୍ଟ ଦେଇ ମାରିଜୁଆନା ଭୁବନେଶ୍ୱରକୁ ଆଣିଥିବା କହିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ କଡ଼ା ଯାଞ୍ଚ ▶ପୃଷ୍ଠା-୭





# ୩୦ ହଜାର ପ୍ରିମିୟମ; ଚାଷୀ ପାଇଲେ ୧୨୭୪

■ **ଭୋପାଳ, ୨୩।୮ (ଏଜେନ୍ସି):** ଫସଲ କ୍ଷତିରୁ ଚାଷୀଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଣାଯାଇଥିବା ସରକାର ଦାବି କରୁଛନ୍ତି। ମାତ୍ର ଏହାର ପ୍ରକୃତ ଲାଭ ଚାଷୀଙ୍କୁ ମିଳିପାରୁନାହିଁ। କିନ୍ତୁ ଚାଷୀ ଯେଉଁ ଅର୍ଥ ଦେଇ ଫସଲ ବୀମା କରାଉଛନ୍ତି ସେଥିରେ ବୀମା କମ୍ପାନୀ ଲାଭାନ୍ୱିତ ହେଉଛନ୍ତି। ଧର୍ମକୁ ଆଖିଠାରୁ ଭଳି ଫସଲ କ୍ଷତିର କ୍ଷତିପୂରଣ ନାମରେ ଠକି ଦିଆଯାଇଛି ବୋଲି ଖୋଦ୍ ଚାଷୀ କହୁଛନ୍ତି।

ମଧ୍ୟପ୍ରଦେଶ ଖଣ୍ଡୱାରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଗତ ବର୍ଷ ଚାଷୀ ରାଜେନ୍ଦ୍ର ପ୍ରଜାପତି ୨୧ ଏକରରେ ସୋୟାବିନ ଚାଷ କରିଥିଲେ। ମାତ୍ର ଏହି ଫସଲ ଖରାପ ହୋଇ ଯାଇଥିଲା। ମରୁଡି ଯୋଗୁଁ ଗୋଟିଏ ଦାନା ବି ତାଙ୍କୁ ମିଳିପାରି ନ ଥିଲା। ଫସଲ ବୀମା କରିବାକୁ ସେ ନିଜ ହାତରୁ ୬ ହଜାର ଟଙ୍କାର ପ୍ରିମିୟମ ଦେଇଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଂଶକୁ ମିଶାଇ ପ୍ରିମିୟମ ମୋଟ ୩୦ ହଜାର ଟଙ୍କା ହୋଇ ଯାଇଥିଲା। ୭ ଲକ୍ଷରୁ ଅଧିକ ଟଙ୍କାର ଫସଲ ବରବାଦ ହେବା ପରେ ବୀମା ପାଇଁ ଦାବି କରାଯାଇଥିଲା। ମାତ୍ର ଏବେ ସରକାର କ୍ଲେମ କରାଇବାରୁ ବୀମା କମ୍ପାନୀ କେବଳ ୧୨୭୪ ଟଙ୍କା ପ୍ରଦାନ କରିଛି। ବୀମା କମ୍ପାନୀ ଘା'ରେ ମଲମ ଲଗାଇବା ପରିବର୍ତ୍ତେ ଅଧିକ ଦୁଃଖ ଦେଇଛି। ତେଣୁ ବୀମାରାଶିକୁ ଡିଡି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପଠାଇବି ବୋଲି ଚାଷୀ କହିଛନ୍ତି।

ରାଜେନ୍ଦ୍ରଙ୍କ ସୂଚନା ଅନୁଯାୟୀ ସରକାର ଏବଂ ବୀମା କମ୍ପାନୀ କ୍ଲେମ ବାବଦ ଅର୍ଥ ଦେଇ ଖରିଫ ଋତୁରେ ଫସଲ କ୍ଷତି ହୋଇଛି ବୋଲି ସ୍ୱୀକାର କରିଛନ୍ତି। କ୍ଲେମ ବାବଦକୁ ୧୨୭୪ ଟଙ୍କା କେମିତି ହେଲା ତାହାର ଗଣିତ ବୁଝା ପଡୁନାହିଁ। ପ୍ରିମିୟମ ବାବଦକୁ ଏହାର ୫ ଗୁଣା ରାଶି ପ୍ରଦାନ କରିଛି। ଅଂଶଧନ ବାବଦକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଚାରି ଗୁଣା ଲେଖାଏଁ ରାଶି ପ୍ରଦାନ କରିଛନ୍ତି। ରାଜେନ୍ଦ୍ର କହିଛନ୍ତି ଯେ ସହରଠୁ ୧୫ କିମି ଦୂର ମୋରଦଡ଼ରେ ତାଙ୍କ ୨୫ ଏକର ପୈତୃକ ଜମି ରହିଛି। ସେ ଏଥିରୁ ୨୧ ଏକରରେ ସୋୟାବିନ ଲଗାଇ ଥିଲେ। କିନ୍ତୁ ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଥିଲା। ବୀମା କମ୍ପାନୀର ସର୍ଭେୟର ମଧ୍ୟ ଖେତକୁ ବୁଲି ଦେଖିଥିଲେ। ଏକର ପିଛା ୭ କ୍ୱିଣ୍ଟାଲ ହିସାବରେ ମୋଟ ୧୪୦ କ୍ୱିଣ୍ଟାଲ ସୋୟାବିନ ହେବ ବୋଲି ଆକଳନ କରିଥିଲେ। ସେ ସମୟରେ ବଜାରରେ ଏହାର ମୂଲ୍ୟ କ୍ୱିଣ୍ଟାଲ ପିଛା ୫ ହଜାର ଟଙ୍କା ଥିଲା। ଏହି ହିସାବରେ ଫସଲ ମୂଲ୍ୟ ୭ ▶ପୃଷ୍ଠା-୭






# ଭାରତରୁ ତେଲ କିଣିବାକୁ କାହାକୁ ବାଧ କରାଯାଉ ନାହିଁ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ୨୫ ପ୍ରତିଶତ ଶୁଳ୍କ ଲାଗୁ ହୋଇସାରିଥିବା ବେଳେ ବାକି ୨୫% ୨୭ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଶୁଳ୍କକୁ ଭାରତ ବିରୋଧ କରିଛି। ଏହାକୁ ମନମୁଖି ଏବଂ ବେଆଇନ କହିଛି। ଏହାକୁ ନେଇ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଲାଗି ରହିଛି। ଏପରି ସମୟରେ ଭାରତ ଏବଂ ଆମେରିକା ମଧ୍ୟରେ କୌଣସି ଝଗଡ଼ା ନାହିଁ ବୋଲି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ଏବେ ବି ବାଣିଜ୍ୟ ଚୁକ୍ତିକୁ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ତେବେ ଏହି ଚୁକ୍ତିରେ କିଛି ଲକ୍ଷ୍ମଣରେଖା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ 'ଇକନୋମିକ ଟାଇମ୍ସ ୱାର୍ଲ୍ଡ ଲିଡର୍ସ ଫୋରମ-୨୦୨୫'ରେ ସାମିଲ ହୋଇ ସେ ଶନିବାର ଏହି ଟିପ୍ପଣୀ ଦେଇଛନ୍ତି।

ଜୟଶଙ୍କର କହିଛନ୍ତି ଯେ ଭାରତର ଚାଷୀ ଏବଂ କ୍ଷୁଦ୍ର ଉତ୍ପାଦକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ନିଷ୍ପତ୍ତି ନିଆଯାଉଛି। ରୁଷଠାରୁ ତୈଳ କ୍ରୟକୁ ନେଇ ସମାଲୋଚକଙ୍କୁ ବିଦେଶମନ୍ତ୍ରୀ ଦୃଢ଼ ଜବାବ ଦେଇଛନ୍ତି। ସେ ଭାରତର ତୈଳ କ୍ରୟକୁ ଉଚିତ ବୋଲି କହିଛନ୍ତି। ଭାରତ ନିଜ ରାଷ୍ଟ୍ରୀୟ ସ୍ୱାର୍ଥକୁ ଦେଖି ନିଷ୍ପତ୍ତି ନେଉଛି। ଏହା ମୂଲ୍ୟକୁ ମଧ୍ୟ ସ୍ଥିର ରଖୁଛି। ଅଧିକ ଦାମ୍‌ରେ ରୁଷ୍ ତୈଳ ବିକିବା ଅଭିଯୋଗ ଉପରେ ଜୟଶଙ୍କର କହିଛନ୍ତି ଯେ ଆମେରିକା ସରକାରର ବ୍ୟବସାୟିକ ସ୍ୱାର୍ଥ ସପକ୍ଷରେ କାମ କରୁଥିବା ଲୋକ ଅନ୍ୟମାନଙ୍କ ଉପରେ ବ୍ୟବସାୟକୁ ନେଇ ଅଭିଯୋଗ ଲଗାଇବା ହାସ୍ୟାସ୍ପଦ। ଯଦି କୌଣସି ଦେଶ ଭାରତଠାରୁ ତେଲ କିଣିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ସେମାନେ ନ କିଣନ୍ତୁ। ଭାରତ କୌଣସି ଦେଶକୁ ତେଲ କିଣିବାକୁ ବାଧ କରୁନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ରୁଷ ଠାରୁ ତେଲ କିଣି ଏହାର ବିଶୋଧନ ପରେ ଭାରତୀୟ



**ଯାହାର ସମସ୍ୟା ହେଉଛି ସେ ନ ନିଅନ୍ତୁ**

**ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି**

କଂପାନୀ ଅନ୍ୟ ଦେଶକୁ ବିକ୍ରି କରୁଛନ୍ତି।

ଶୁଳ୍କ ବିବାଦ ସଂପର୍କ।।ରେ ଜୟଶଙ୍କର ତିନୋଟି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିରେ ବ୍ୟବସାୟ, ରୁଷ ତୈଳ କ୍ରୟ ଏବଂ ଭାରତ-ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା ସାମିଲ ରହିଛି। ଜୟଶଙ୍କର କହିଛନ୍ତି ଯେ ବ୍ୟବସାୟ ଏବଂ ଚାଷୀଙ୍କ ସ୍ୱାର୍ଥକୁ ନେଇ ଭାରତର ଆଭିମୁଖ୍ୟ ସ୍ପଷ୍ଟ ରହିଛି। କୌଣସି ବି ପରିସ୍ଥିତିରେ ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ। ଏଥିପାଇଁ ଯାହା କରିବାକୁ ପଡ଼ିବ ତାହା କରାଯିବ।

ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ଜୟଶଙ୍କର କହିଛନ୍ତି ଯେ ଏଥିରେ କାହାର ମଧ୍ୟସ୍ଥତାକୁ ଗ୍ରହଣ କରାଯିବ ନାହିଁ। ଏ ନେଇ ଭାରତର ଆଭିମୁଖ୍ୟ ବହୁତ ସ୍ପଷ୍ଟ ରହିଛି। ସୂଚନାଯୋଗ୍ୟ ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବାରମ୍ବାର ଏହି ସଂଘର୍ଷ ବନ୍ଦ କରାଇଥିବା ଦାବି କରି ଆସୁଛନ୍ତି। ମାତ୍ର ଭାରତ ଏହାକୁ ଖାରଜ କରିଚାଲିଛି। ଜୟଶଙ୍କର କହିଛନ୍ତି ଯେ କୌଣସି ସଂଘର୍ଷ ହେଲେ ଦେଶମାନେ ପରସ୍ପର ସହ ଆଲୋଚନା କରିଥାନ୍ତି। ଆମେରିକା ଏବଂ ଅନ୍ୟ ଦେଶମାନେ ମଧ୍ୟ ଫୋନ୍ କରିଥିଲେ। ଏହାକୁ ନେଇ ଚୁକ୍ତି କରାଇଥିବା ଦାବି କରିବା ଭୁଲ୍। ପାକିସ୍ତାନ ସହ ନିଜର ପୁରୁଣା ସମ୍ପର୍କକୁ ଆମେରିକା ଭୁଲି ଯାଉଛି। ବିଶ୍ୱର ସବୁଠୁ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଲାଡେନ ପାକିସ୍ତାନରେ ହିଁ ଥିଲା। ଆମେରିକା ଏବଂ ପାକିସ୍ତାନ ନିଜ ନିଜ ଇତିହାସକୁ ବାରମ୍ବାର ଅଣଦେଖା କରିଚାଲିଛନ୍ତି। କିଛି ଦେଶ ସୁବିଧା ପାଇଁ ରାଜନୀତି କରୁଛନ୍ତି। ଏଥିରେ କିଛି ରଣନୈତିକ ଲାଭ ଥାଇପାରେ ବୋଲି ସେ କହିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ସଂପର୍କରେ ସେ କହିଛନ୍ତି ଯେ ଏହାପୂର୍ବରୁ ଆମେରିକା।।ରେ ଏଭଳି ରାଷ୍ଟ୍ରପତି ନଥିଲେ। ଟ୍ରମ୍ପଙ୍କ ଭଳି କୌଣସି ରାଷ୍ଟ୍ରପତି ବିଦେଶ ନୀତିର ପରିଚାଳନା କରି ନାହାନ୍ତି। ଏହା ଦ୍ୱାରା ବଡ଼ ପରିବର୍ତ୍ତନ ଆସିଛି। କେବଳ ଭାରତ ନୁହେଁ, ଅନେକ ରାଷ୍ଟ୍ର ଉପରେ ଏହାର ପ୍ରଭାବ ପଡ଼ିଛି।

### ଫୋଗତ ହତ୍ୟା ମାମଲା

## ୩ ବର୍ଷରେ ୫୦ ତାରିଖ; ସିବିଆଇ ବାଟବଣା

ଫତେହାବାଦ୍, ୨୩।୮(ଏଜେନ୍ସି): ହରିୟାଣାର ଜଣାଶୁଣା ଟିକ୍‌ଟକ୍ ତାରକା ତଥା ବିଜେପି ନେତ୍ରୀ ସୋନାଲି ଫୋଗତ ହତ୍ୟା ଘଟଣା ଆଜିକୁ ୩ ବର୍ଷ ପୁରିଛି। ୩ ବର୍ଷ ଧରି ସିବିଆଇ ଯାଞ୍ଚ୍ କରିବା ପରେ ହତ୍ୟାର ଉଦ୍ଦେଶ୍ୟ ନେଇ କୌଣସି ସୂଚନା ପାଇନାହିଁ ଓ ବାଟବଣା ହୋଇଛି। ଗତ ୩ ବର୍ଷ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ତାରିଖ ଆସିଛି ବୋଲି ତାଙ୍କ ଭାଇ କହିଛନ୍ତି। ଅଭିଯୁକ୍ତ ଜାମିନ ପାଇ ବାହରକୁ ଆସି ଖୋଲା ଖୋଲି ଭାବେ ବୁଲୁ ଛନ୍ତି ବୋଲି ସୋନାଲିଙ୍କ ପରିବାର ତରଫରୁ କୁହାଯାଇଛି। ନ୍ୟାୟ ପାଇବାକୁ ତାଙ୍କ ପରିବାର ଆଶାବାନ୍ଧି ବସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ଅଗଷ୍ଟ ୨୨ ଓ ୨୩ ତାରିଖ ରାତିରେ ଗୋଆର ଅଞ୍ଜୁନା ବିଚ୍‌ସ୍ଥିତ କର୍ଲିସ ରେସ୍ତୋରାଁ-କ୍ଲବ ସୋନାଲିଙ୍କୁ ସନ୍ଦେହଜନକ ଭାବେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅତ୍ୟଧିକ ଔଷଦ ସେବନ ବା ଡ୍ରଗ୍ ଓଭରଡୋଜ କାରଣରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଛି। ସୋନାଲିଙ୍କ ବ୍ୟକ୍ତିଗତ ସହଯୋଗୀ ସୁଧୀର ସାଙ୍ଗୱାନ ଓ ତାଙ୍କ ବନ୍ଧୁ ସୁଖବିନ୍ଦର ସିଂ ହତ୍ୟା କରିଛନ୍ତି ବୋଲି ସୋନାଲିଙ୍କ ପରିବାର ତରଫରୁ ଅଭିଯୋଗ କରାଯାଇଛି। ତଦନ୍ତ ପରେ ସବିଆଇ ଏହି ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ତେବେ ୮ ମାସ ପରେ ଦୁହିଁଙ୍କୁ ଜାମିନ ମିଳିଥିଲା। ଜାମିନ ବାତିଲ କରିବାକୁ ପରିବାର ତରଫରୁ ଆବେଦନ କରାଯାଇଥିଲେ ମଧ୍ୟ ଏ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଆଗାମୀ ସେପ୍ଟେମ୍ବର ୩ରେ ଏହି ମାମଲାର ଆଗାମୀ ଶୁଣାଣି ଗୋଆ ଜିଲ୍ଲା କୋର୍ଟରେ ହେବ। ସୁଧୀର ଏବେ ମଧ୍ୟ ସୋନାଲିଙ୍କ କାର ଚଳାଉଛନ୍ତି ଓ ସେ ତାଙ୍କର ୨୫ ଲକ୍ଷ ଟଙ୍କା ଜିନିଷ ହଡପ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ସୋନାଲିଙ୍କ ଝିଅ ଯଶୋଧାରା ସ୍କୁଲ ଶେଷ କରିବା ପରେ ଏବେ କଲେଜରେ ଆଡମିଶନ କରିବେ।

## ପଞ୍ଜାବରେ ଏଲ୍‌ପିଜି ଟ୍ୟାଙ୍କର ବିସ୍ଫୋରଣରେ ୫ ମୃତ

ହୋଶିଆରପୁର, ୨୩।୮(ଏଜେନ୍ସି): ପଞ୍ଜାବର ହୋସିଆରପୁରରେ ପରିବା ନେଇ ଯାଉଥିବା ପିକ୍‌ଅପ୍ ଭ୍ୟାନ ଏକ ଏଲ୍‌ପିଜି ଟ୍ୟାଙ୍କରକୁ ଧକ୍କା ଦେବା ଫଳରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି। ସ୍ଥାନୀୟ ମଣ୍ଡିଆଲା ଗାଁରେ ଶୁକ୍ରବାର ଏହି ଦୁର୍ଘଟଣା ଘଟିଛି। ଏଥିରେ ଏପର୍ଯ୍ୟନ୍ତ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ବିସ୍ଫୋରଣ ପରେ ୨୦୦ମିଟର ପରିମିତ ଅଞ୍ଚଳରେ ୨୫ଟି ଦୋକାନ ଓ ୧୦ଟି ଦୋକାନ ଜଳିବା ସହ କ୍ଷତିଗ୍ରସ୍ତ ହୋଇଛି। କେତୋଟି ଘରର ଛାତ ଗଳି ପଡ଼ିଛି। ଏଥିରେ ୩୦ ଜଣ ଲୋକଙ୍କ ଦେହରେ ନିଆଁ ଲାଗିବା ଫଳରେ ସେମାନେ ଆହତ ହୋଇଛନ୍ତି। ପିକ୍‌ଅପ ଚଳାଉଥିବା ଡ୍ରାଇଭରଙ୍କର କୌଣସି ପତା ମିଳିନାହିଁ। ସେ ଘଟଣାସ୍ଥଳରୁ ପଳାଇଯାଇଥିବା ଅନୁମାନ କରାଯାଉଛି। କିନ୍ତୁ ଏଲ୍‌ପିଜି ଟ୍ୟାଙ୍କର ଡ୍ରାଇଭର ମୃତ୍ୟୁବରଣ କରିଛନ୍ତି। ଆହତଙ୍କୁ ହୋସିଆପୁର ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଭାବେ ଆହତଙ୍କୁ ଅନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପାକିସ୍ତାନ ମିସାଇଲ ଦ୍ୱାରା ଆକ୍ରମଣ କରିଛି ବୋଲି ଭାବି ନେଇଥିଲେ। ସୂଚନା ପାଇବା ପରେ ବାୟୁସେନାର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀ ଭଗବତ ମାନ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ୧୪ ଘଣ୍ଟା ଧରି ଧରି ରାସ୍ତା ଜାମ ରହିବା ପରେ ପୁଲିସ ଜଳନ୍ଧର- ହୋସିଆରପୁର ହାଇୱେକୁ ଖାଲି କରିଛି।

## ନ୍ୟୁୟର୍କରେ ପଲଟିଲା ପର୍ଯ୍ୟଟକ ବସ୍, ୫ ମୃତ

ନ୍ୟୁୟର୍କ, ୨୩।୮(ଏଜେନ୍ସି): ନ୍ୟୁୟର୍କରେ ଶୁକ୍ରବାର ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍ ପଲଟିବା ଫଳରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ନାଏଗ୍ରା ଜଳପ୍ରପାତରୁ ବସ୍‌ଟି ନ୍ୟୁୟର୍କ ସିଟି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ବସ ଡ୍ରାଇଭର ନିୟନ୍ତ୍ରଣ ହରାଇବା ପରେ ବସ୍ ପଲଟିଥିଲା ବୋଲି ନ୍ୟୁୟର୍କ ଷ୍ଟେଟ୍ ପୁଲିସ ତରଫରୁ କୁହାଯାଇଛି। ଏହି ଦୁର୍ଘଟଣା ସ୍ଥାନୀୟ ସମୟ ଅପରାହ୍ଣ ୧୨.୩୦ରେ ହୋଇଥିଲା। ବସରେ ୫୪ ଜଣ ଯାତ୍ରୀ ଥିଲେ। ଅଧିକାଂଶ ଯାତ୍ରୀ ସିଟ୍ ବେଲ୍ଟ ଲଗାଇ ନଥିଲେ। ଫଳରେ କିଛି ଯାତ୍ରୀ ଝରକା କାଚ ଭାଙ୍ଗିବା ଫଳରେ ବାହରକୁ ବାହାରି ଯାଇଥିଲେ। ଏହି ବସରେ ଅଧିକାଂଶ ଭାରତ, ଚୀନ୍ ଓ ଫିଲିପାଇନ୍ସର ଯାତ୍ରୀ ବସିଥିଲେ। ବସରେ ଛୋଟପିଲା ମଧ୍ୟ ଥିଲେ। ଆହତଙ୍କୁ ହଲିକପ୍ଟର ଓ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ରସ୍ତାକୁ ବନ୍ଦ କରାଯାଇଥିଲା। ଉଦ୍ଧାରକାର୍ଯ୍ୟ ଏବେବି ଜାରି ରହିଛି।

### କର୍ଣ୍ଣାଟକ ଧର୍ମସ୍ଥଳ ମାମଲାରେ ନୂଆ ମୋଡ଼

## ମିଛ କହି ଗିରଫ ହେଲା ଅଭିଯୋଗକାରୀ

ମାଙ୍ଗାଲୁରୁ, ୨୩।୮ (ଏଜେନ୍ସି): କର୍ଣ୍ଣାଟକର ଧର୍ମସ୍ଥଳରେ ଏକାଧିକ ମୃତଦେହକୁ କବର ଦେବା ମାମଲା ଏବେ ନୂଆ ମୋଡ଼ ନେଇଛି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏହି ମାମଲାରେ ଅଭିଯୋଗକାରୀକୁ ହିଁ ଗରିଫ କରିଛି। ତାଙ୍କ ବିରୋଧରେ ମିଥ୍ୟା ସୂଚନା ଓ ପ୍ରମାଣ ଦେବା ଅଭିଯୋଗ ହୋଇଛି। ଗିରଫ୍ ହୋଇଥିବା ଏହି ବ୍ୟକ୍ତି ମନ୍ଦିରର ପୂର୍ବତନ ସଫାଇ କର୍ମଚାରୀ ଥିଲେ। ଏହି ବ୍ୟକ୍ତି ହିଁ ଦୁଇ ଦଶନ୍ଧି ହେବ ଧର୍ମସ୍ଥଳରେ ଏକାଧିକ ହତ୍ୟା, ଦୁଷ୍କର୍ମ ଓ ମୃତଦେହ ପୋତିବାର ଅଭିଯୋଗ ଆଣିଥିଲେ। ଏହି ରହସ୍ୟମୟ ବ୍ୟକ୍ତି ହେଉଛନ୍ତି ସିଏନ ଚିନ୍ନାୟା। ସେ ୭୦ରୁ ୮୦ଟି ମୃତହେହ ବିଭିନ୍ନ ସ୍ଥାନରେ ପୋତିବା



ନେଇ ଦାବି କରିଥିଲେ। ତାଙ୍କୁ ଗତ ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ପଚରା ଉଚରା କରାଯାଇଥିଲା। ସେ ଦେଇଥିବା ସୂଚନା ଓ କାଗଜପତ୍ରରେ ପାର୍ଥକ୍ୟ ଦେଖିବାକୁ ମିଳିଥିଲା ବୋଲି ଏସ୍‌ଆଇଟି ମୁଖ୍ୟ ପ୍ରଣବ ମହାନ୍ତି କହିଛନ୍ତି। ତାଙ୍କୁ ଶନିବାର ସକାଳେ ଗରିଫ କରାଯାଇଛି। ପାର୍ଷ୍ଟକ୍ଲାସ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ହାଜର କରାଯାଇଥିଲା। କୋର୍ଟ ତାକୁ ୧୦ ଦିନ ପାଇଁ ଏସଆଇଟି ହେପାଜତକୁ ପଠାଇ ଦେଇଛନ୍ତି। ଚିନ୍ନାୟା ଏହି ମନ୍ଦିରରେ ୨୦୧୪ ପର୍ଯ୍ୟନ୍ତ ଝାଡୁଦାର ରୂପେ କାର୍ଯ୍ୟ କରୁଥିଲେ।

ଏହି ମାମଲାରେ କୌଣସି ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇନାହିଁ। ଗତ ଜୁଲାଇ ୧୧ରେ ଚିନ୍ନାୟା ବେଲଥାଙ୍ଗାଡି ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ନିଜର ବୟାନ ସେବାସହ ଏକ ଖପୁରୀ ଓ କେତୋଟି ହାଡ ଉପସ୍ଥାପନ କରିଥିଲେ। ଏହା ଜଣେ ମହିଳାଙ୍କର ଓ ତାଙ୍କର ଯୌନଶୋଷଣ ହୋଇଥିଲା ବୋଲି ସେ ଦାବି କରିଥିଲେ। କିନ୍ତୁ ଏହି ଅବଶେଷ ଜଣେ ପୁରୁଷଙ୍କର ବୋଲି ଫରେନସିକ ଯାଞ୍ଚରୁ ଜଣାପଡ଼ିଥିଲା। ତାଙ୍କ ଉପରେ ଚାପ ପ୍ରୟୋଗ କରି ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପିଲାଙ୍କ ମୃତଦେହ ପୋତିବାକୁ ବାଧ କରାଯାଇଥିଲା ବୋଲି ସେ କହିଥିଲେ। କିନ୍ତୁ ଏହାପରେ ଏସ୍‌ଆଇଟି ୧୭ଟି ସ୍ଥାନରେ ଖନନ କରିଥିଲେ ମଧ୍ୟ କେବଳ ମାତ୍ର ଦୁଇଟି ପୁରୁଷଙ୍କ କଙ୍କାଳ ଉଦ୍ଧାର କରିଛି। ତେଣୁ ଚିନ୍ନାୟାଙ୍କ ସୂଚନା ଓ ମନ୍ତବ୍ୟରେ ତାଳମେଳ ରହୁନାହିଁ ବୋଲି ଏସ୍‌ଆଇଟି ଜାଣିବାକୁ ପାଇଛି। ଉଲ୍ଲେଖଥାଉ କି, ଧର୍ମସ୍ଥଳ ହେଉଛି ଭଗବାନ ଶିବଙ୍କର ମଞ୍ଜୁନାଥ ମନ୍ଦିର। ଏହା ମେଙ୍ଗାଲୁରୁ ନିକଟରେ ନେତ୍ରାବତୀ ନଦୀ କୂଳରେ ଅବସ୍ଥିତ ଓ ଏହା ଏକ ପ୍ରସିଦ୍ଧ ମନ୍ଦିର ଭାବେ ଖ୍ୟାତି ଲାଭ କରିଆସିଛି। ଏହି ମନ୍ଦିରରେ ପୂଜାପାଠ ବ୍ରାହ୍ମଣ କରିଥାନ୍ତି। କିନ୍ତୁ ମନ୍ଦିରର ସଞ୍ଚାଳନ ଜୈନ ଧର୍ମର ଲୋକ କରିଥାନ୍ତି।

## ନକଲି କଲ୍‌ସେଣ୍ଟର, ୧୩୦ କୋଟିର ଠକେଇ

ନୂଆଦିଲ୍ଲୀ, ୨୩।୮(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ବଡ଼ କର୍ଯ୍ୟାନୁଷ୍ଠାନ ଗ୍ରହଣକରି ଗୁରୁଗ୍ରାମ ଓ ଦିଲ୍ଲୀରେ ୭ଟି ଠିକଣାରେ ଚଢ଼ାଉ କରିବା ସହିତ ନକଲି ତଥା ଠକ କଲ ସେଣ୍ଟରଗୁଡିକର ପର୍ଦ୍ଦାଫାସ କରିଛି। ଏହି ସେଣ୍ଟରଗୁଡ଼ିକ ୧୩୦ କୋଟି ଟଙ୍କାର ଠକେଇ କରିଥିବା ଜଣାପଡ଼ିଛି।

**ଦିଲ୍ଲୀରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ**

**୩୦ ବ୍ୟାଙ୍କ ଖାତା, ୮ ବିଳାସପୂର୍ଣ୍ଣ କାର୍ ଜବତ**

**ଟାର୍ଗେଟରେ ଥିଲେ ଆମେରିକା ନାଗରିକ**

ଅବୈଧ କଲସେଣ୍ଟର ଓ ଜାଲିଆତି ମାମଲାରେ ଇଡି ମନି ଲଣ୍ଡରିଂ (ପିଏମ୍‌ଏଏଲ୍‌ଏ), ୨୦୦୨ର ଆଇନ୍ ଅନୁସାରେ ୭ଟି ଭିନ୍ନ ଭିନ୍ ଠିକଣା ଉପରେ ଚଢ଼ାଉ କରିଥିଲା। ସିବିଆଇର ଏକ ଏଫ୍‌ଆଇଆରକୁ ଆଧାରିତ କରି ଇଡି ଏହି ବଡ଼ ଧରଣର ଚଢ଼ାଉ କରିଥିଲା। ଦିଲ୍ଲୀ ଓ ଗୁରୁଗ୍ରାମର କେତେକ ଠକ ନକଲି କଲ୍ ସେଣ୍ଟର ପରିଚାଳନା କରୁଥିଲେ। ଏମାନେ ଖାସ୍ କରି ଆମେରିକୀୟ ନାଗରିକଙ୍କୁ ଲକ୍ଷ୍ୟ କରି ଠକାମି କରୁଥିଲେ। ଏହି ଧନ୍ଦା ୨୦୨୨ ନଭେମ୍ବରରୁ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ ଚାଲିଥିଲା। ଏହି ମାମଲାର ଅଭିଯୁକ୍ତ ଅର୍ଜୁନ ଗୁଲାଟୀ, ଦିବ୍ୟାଂଶ ଗୋଏଲ ଓ ଅଭିନବ କଲରା ଗୁରୁଗ୍ରାମ ଓ ନୋଏଡାରେ କଲସେଣ୍ଟର ଚଳାଇ ଆମେରିକୀୟ ନାଗରିକଙ୍କୁ ଟେକନିକାଲ ସପୋର୍ଟ ନାମରେ ଠକି ବିପୁଳ ଅର୍ଥ ଆଦାୟ କରିଥିଲେ। ଅଭିଯୁକ୍ତମାନେ ପୀଡିତଙ୍କ ବ୍ୟାଙ୍କ ଖାତାର ସୂଚନା ପାଇ ସେଥିରେ ଅନଧିକୃତ ଭାବେ ସଞ୍ଚାଳନ କରିବା ସହିତ କୋଟି କୋଟି ଟଙ୍କା ବିଦେଶୀ ଖାତାକୁ ପଠାଉଥିଲେ। ଏହାପରେ ଜଟିଳ ବ୍ୟାଙ୍କିଙ୍ଗ ନେଟ୍‌ୱର୍କ ମାଧ୍ୟମରେ ଏହି ଅର୍ଥ ଭାରତକୁ ଆଣି ବିଳାଷମୟ ଜୀବନଯାପନ କରୁଥିଲେ। ମାତ୍ର ୨ ବର୍ଷ ମଧ୍ୟରେ ଏମାନେ ୧୫ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୩୦ କୋଟି ଟଙ୍କା ଠକି ନେଇଥିଲେ। ଏହିକ୍ରମରେ ଇଡି ୩୦ଟି ବ୍ୟାଙ୍କ ଖାତାକୁ ଅକାମୀ କରିଛି। ୮ଟି ବିଳାଷମୟ କାର୍, ଦାମୀ ଘଡି ସହ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ କରିଛି।

## ସର୍ଗିଓ ଗୋର ଭାରତରେ ଆମେରିକା ରାଷ୍ଟ୍ରଦୂତ ନିଯୁକ୍ତ




ୱାଶିଂଟନ, ୨୩।୮ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସର୍ଗିଓ ଗୋରଙ୍କୁ ଶୁକ୍ରବାର ଭାରତରେ ଆମେରିକାର ରାଜଦୂତ ନିଯୁକ୍ତ କରିଛନ୍ତି। ତାଙ୍କୁ ଦକ୍ଷିଣ ଓ ମଧ୍ୟ ଏସୀୟ ସଂକ୍ରାନ୍ତରେ ସ୍ୱତନ୍ତ୍ର ଦୂତ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଟ୍ରମ୍ପ ଓ ଏଲନ ମସ୍କଙ୍କ ମଧ୍ୟରେ ସର୍ଗିଓ ବିବାଦ ଆରମ୍ଭ କରାଇଥିଲେ ବୋଲି କୁହାଯାଉଛି। ମସ୍କ ରାଗିଯାଇ ସର୍ଗିଓଙ୍କୁ ଏକଦା ବିଷଧର ସାପ ବୋଲି କହିବାକୁ ପଛାଇ ନଥିଲେ। ଟ୍ରମ୍ପ ପରିବାରର ଏକାନ୍ତ ବିଶ୍ୱସ୍ତ ବୋଲି ତାଙ୍କୁ କୁହାଯାଇଥାଏ। ପୂର୍ବରୁ ସେ ଟ୍ରମ୍ପଙ୍କ କାର୍ଯ୍ୟକ୍ରମର ଦେଖାଶୁଣା କରୁଥିଲେ। ଟ୍ରମ୍ପଙ୍କୁ କିଏ ସାକ୍ଷାତ କରିବ ଓ କିଏ ନକରିବ ସେ ନିଷ୍ପତ୍ତି ସର୍ଗିଓ ନେଉଥିଲେ। ଏଥିପାଇଁ ଆମେରିକା ଗଣମାଧ୍ୟମ ତାଙ୍କୁ ଟ୍ରମ୍ପଙ୍କ 'ଗେଟ୍‌କିପର' ବୋଲି ଉଲ୍ଲେଖ କରିଥାଏ। ଏହି ନୂଆ ଦାୟିତ୍ୱ ମିଳିବା ପରେ ସେ ସାମାଜିକ ଗଣମାଧ୍ୟମ ଜରିଆରେ ଟ୍ରମ୍ପଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘ ୭ ମାସ ପରେ ଟ୍ରମ୍ପ ଭାରତରେ ଆମେରିକାର ରାଜଦୂତ ନିଯୁକ୍ତି ଦେଇଛନ୍ତି। ୩୮ ବର୍ଷୀୟ ସର୍ଗିଓ ଏବେ ଏରିକ ଗାର୍ସେଟିଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଏରିକ୍ ୨୦୨୩ ମେରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ଭାରତରେ ଆମେରିକାର ରାଜଦୂତ ରହିଥିଲେ।

## ୧୦ ଜଣ ମିଶି ଜଣକୁ ମାରିଲେ

ଅହମଦାବାଦ, ୨୩।୮(ଏଜେନ୍ସି): ସ୍ଥାନୀୟ କାଗଡ଼ାପୀଡ ଅଞ୍ଚଳରେ ଦିନ ଦ୍ୱିପହରରେ ନିତିନ ପଟନୀ ନାମକ ଜଣେ ଯୁବକକୁ ସଙ୍ଘବଦ୍ଧ ଭାବେ ହତ୍ୟା କରାଯାଇଛି। ୧୦ ଜଣ ଲୋକ ଧାରୁଆ ଅସ୍ତ୍ରରେ ରାସ୍ତା ଉପରେ ଆକ୍ରମଣ କରି ଜଣକୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଗୁରୁତର ଆହତ ଯୁବକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଛନ୍ତି। ଦୁଇଟି ଗ୍ୟାଙ୍ଗ ମଧ୍ୟରେ ଲଢ଼େଇ କାରଣରୁ ଏପରି ହୋଇଛି ବୋଲି କୁହାଯାଇଛି। ପୀଡିତଙ୍କ ଭାଇ ଅକ୍ଷୟ ୭ଜଣଙ୍କ ବିରୋଧରେ ଅପହରଣ ଓ ହତ୍ୟାର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ବିଜୟ, ଶୈଳେଶ, ପୁନମ ପଟନୀଙ୍କୁ ଗିରଫ କରିଛି। ବାକି ଅଭିଯୁକ୍ତଙ୍କୁ ପୁଲିସ ଖୋଜା ଜାରି ରଖିଛି ଓ ୫ଟି ଟିମ୍ ଗଠନ କରିଛି। ଅଭିଯୁକ୍ତମାନେ ଖଣ୍ଡା, ପାଇପ୍, ବାଡିରେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି ଓ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

## ଚନ୍ଦ୍ରବାବୁ ସବୁଠୁ ଧନୀ; ମମତା, ଓମାର ଗରିବ





ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦେଶର ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ। ତାଙ୍କ ପାଖରେ ୯୩୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ରହିଛି। ଦେଶରେ ଏବେ ମୋଟ୍ ୩୦ଜଣ ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧୬୩୨ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏହାର ଅଧାରୁ ଅଧିକ ଅର୍ଥାତ ୫୭ ପ୍ରତିଶତ କେବଳ ଚନ୍ଦ୍ରବାବୁ ନାଇଡୁଙ୍କ ପାଖରେ ରହିଛି। ତାଙ୍କ ପଛକୁ ଅରୁଣାଚଳ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ପାଖରେ ୩୩୨ କୋଟି ଟଙ୍କାର ସଂପତ୍ତି ଥିବା ବେଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ୫୧ କୋଟି ଟଙ୍କା ସହିତ ତୃତୀୟ ସ୍ଥାନରେ ରହିଛନ୍ତି। କୋଟିପତି ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ରହିଛନ୍ତି ଯୋଗୀ ଆଦିତ୍ୟନାଥ (୧କୋଟି ୫୪ ଲକ୍ଷ), ମୋହନ ମାଝୀ (୧କୋଟି ୯୭ ଲକ୍ଷ), ନୀତୀଶ କୁମାର (୧କୋଟି ୬୪ ଲକ୍ଷ), ବିଷ୍ଣୁଦେଓ ସାଏ (୩କୋଟି୮୦ଲକ୍ଷ)। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହେଉଛନ୍ତି ସବୁଠାରୁ ଗରିବ। ତାଙ୍କର ସବୁଠୁ କମ୍ ସମ୍ପତ୍ତି ରହିଛି। ସେ ହେଉଛନ୍ତି ମାତ୍ର ୧୫ ଲକ୍ଷ ୩୮ ହଜାର ଟଙ୍କାର ମାଲିକ। କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କର ୫୫ ଲକ୍ଷର ସଂପତ୍ତି ରହିଛି। ଆସୋସିଏଟ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ନାମକ ଏନ୍‌ଜିଓ ପକ୍ଷରୁ ଉପରୋକ୍ତ ତଥ୍ୟ ପ୍ରଦାନ କରାଯାଇଛି।

## ଟ୍ରକ୍- ଅଟୋ ମୁହାଁମୁହିଁ ଧକ୍କା: ୯ ମୃତ

ପାଟନା, ୨୩।୮(ଏଜେନ୍ସି): ବିହାର ରାଜଧାନୀ ପାଟନାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୯ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଶନିବାର ସକାଳେ ଶାହାଜାହାଁପୁରର ଦନିୟାବା- ହିଲସା ରାଜ୍ୟ ରାଜପଥ-୪ରେ ସିଗ୍ରିୟାବା ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରକ୍ ଓ ଏକ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୭ ଜଣ ଲୋକ ଘଟଣା ସ୍ଥଳରେ ହିଁ ଜୀବନ ହରାଇଥିଲେ। ସେହିପରି ଦୁଇଜଣ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ୮ ମହିଳା ଓ ଅଟୋ ଡ୍ରାଇଭର ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମା ଓ ଝିଅ ମଧ୍ୟ ରହିଛନ୍ତି। ସବୁ ମୃତକ ନାଳନ୍ଦାର ହିଲସ୍‌ରେ ରୁହନ୍ତି। ଆହତ ହୋଇଥିବା ଲୋକଙ୍କ ସ୍ଥିତି ଗମ୍ଭୀର ରହିଛି। ଆହତ ହୋଇଥିବା ଯାତ୍ରୀଙ୍କୁ ନାଳନ୍ଦା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏନ୍‌ଏମ୍‌ସିଏଚ୍)ରେ ଭର୍ତ୍ତି କରାଯାଇଛି। ସକାଳ ୬ଟାରେ ହିଁ ଏହି ଦୁର୍ଘଟଣା ଘଟିଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଟ୍ରକ ଅଟୋକୁ ଜୋରଦାର ଧକ୍କା ଦେଇଥିଲା। ଅଟୋରେ ବସିଥିବା ଲୋକ ଗଙ୍ଗା ସ୍ନାନ କରିବାକୁ ତ୍ରିବେଣୀ ଘାଟ ଯାଉଥିଲେ। ସିମେଣ୍ଟ ଫ୍ୟାକ୍ଟ୍ରି ପାଖରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଟ୍ରକ ସିମେଣ୍ଟ ଫ୍ୟାକ୍ଟ୍ରିର ହିଁ ଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଟ୍ରକ୍ ଏହି ସମେଣ୍ଟ କମ୍ପାନୀ ଭିତରକୁ ଚାଲିଯାଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଲୋକ ରାସ୍ତା ରୋକ କରିଥିଲେ। ଘଟଣାସ୍ଥଳକୁ କମ୍ପାନୀ ମ୍ୟାନେଜରଙ୍କୁ ଡାକିବାକୁ ଲୋକ ଦାବି କରିଥିଲେ। ଦୁର୍ଘଟଣା ପରେ ରାସ୍ତା ସାରା ରକ୍ତର ଛିଟ୍‌କା ପଡ଼ିଥିଲା।

## ଉତ୍ତରାଖଣ୍ଡରେ ପୁଣି ବାଦଲଫଟା ବର୍ଷା; ଭାସିଗଲା ଦୋକାନ ବଜାର

ଡେରାଡୁନ୍, ୨୩।୮(ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଥରାଲୀରେ ଶୁକ୍ରବାର ରାତି ୧ରୁ ୨ଟା ମଧ୍ୟରେ ବାଦଲ ଫଟା ବର୍ଷା ହୋଇଛି। ଆଖପାଖରେ ଥିବା ଦୁଇଟି ଗାଁ ସାଗୱାରା ଓ ଚୋପଡୋନରେ ବହୁତ କ୍ଷୟକ୍ଷତି ହୋଇଛି। ଥରାଲି ତହସିଲର ମୁଖ୍ୟ କାର୍ଯ୍ୟାଳୟର ନିକଟବର୍ତ୍ତୀ ଏକ କିମି ଅଞ୍ଚଳରେ ଜବରଦସ୍ତ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ କେତୋଟି ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ କ୍ଷୟକ୍ଷତି ଆହୁରି ଅଧିକ ହୋଇଛି ବୋଲି ଚାମୋଲିର ଜିଲ୍ଲା ମାଜିଷ୍ଟ୍ରେଟ୍ ସନ୍ଦୀପ ତିୱାରୀ କହିଛନ୍ତି। ଏଥିରେ ଜଣେ ମୃତ୍ୟୁବରଣ କରିଛନ୍ତି। ଚୋପଡନ ଗାଁରେ ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ସେହିପରି ସାଗୱାରା ଗାଁରେ ଏକ ଘର ଉପରେ ଆବର୍ଜନା ମାଡିଯିବାରୁ ଜଣେ ଝିଅ ତଳେ ଦବି ରହିଛି। କିଛି ଘଣ୍ଟା ପରେ ଏହି ଝିଅର ମୃତଦେହ ଉଦ୍ଧାର କରାଯାଇଛି। ଦୁଇଟି ଗାଁରେ ପାଖାପାଖି ୭୦-୮୦ ଘରେ ୨ ଫୁଟ୍‌ର ଆବର୍ଜନା ଭରି ରହିଛି। ଥରାଲୀକୁ ସଂଯୋଗ କରୁଥିବା କର୍ଣ୍ଣପ୍ରୟାଗ- ଗୁଆଲଦମ ଜାତୀୟ ରାଜପଥରେ ଆବର୍ଜନା ଥିବାରୁ ବନ୍ଦ ରହିଛି। ଗତ ୧୮ ଦିନ ମଧ୍ୟରେ ଉତ୍ତରାଖଣ୍ଡରେ ବାଦଲ ଫଟା ବର୍ଷା ଯୋଗୁଁ ଦ୍ୱିତୀୟଥର ପାଇଁ ଏପରି ଘଟଣା ଘଟିଛି। ଏହାପୂର୍ବରୁ ଅଗଷ୍ଟ ୫ରେ ଧରାଲୀରେ ବାଦଲ ଫଟା ବର୍ଷା ଯୋଗୁଁ ବହୁତ କ୍ଷୟକ୍ଷତି ହୋଇଥିଲା।

**୮୦ ଘରେ ଦୁଇ ଫୁଟର ଆବର୍ଜନା ଭରିଗଲା**

**ଝାଡଖଣ୍ଡରେ ପ୍ରବଳ ବର୍ଷା: ୫ ମୃତ**

ଏଥିରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ହୋଇଥିଲେ। ମୌସୁମୀ ଆସିବା ପରେ ଉତ୍ତରାଖଣ୍ଡ ଓ ହିମାଚଳ ଭଳି ରାଜ୍ୟରେ ବାଦଲ ଫଟା ବର୍ଷା କାରଣରୁ ପ୍ରତିବର୍ଷ ଏହି ଭଳି ଏକାଧିକ ଘଟଣା ଘଟିଥାଏ। ସେପଟେ ସାରା ଦେଶରେ ୧୯ଟି ରାଜ୍ୟରେ ପ୍ରବଳ ବର୍ଷା



ହେବ ବୋଲି ପାଣିପାଗ ବିଭାଗ ସତର୍କତା ଜାରି କରିଛି। ହିମାଚଳରେ ପ୍ରଦେଶରେ ଆଗାମୀ ଦୁଇଦିନରେ ପ୍ରବଳ ବର୍ଷା ହେବା ବୋଲି ଆଶଙ୍କା କରାଯାଉଛି। ବର୍ଷା ଓ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ-୩୦୫ ସମେତ ମୋଟ୍ ୩୪୭ଟି ସଡ଼କ ବନ୍ଦ ରହିଛି। ଜୁନ୍ ୨୦ରୁ ମୌସୁମୀ ଆସିବା ପରଠାରୁ ହିମାଚଳରେ ଏପର୍ଯ୍ୟନ୍ତ ୨୯୫ ଜଣଙ୍କ ମୃତ୍ୟୁବରଣ କରିଛନ୍ତି।

ଝାଡଖଣ୍ଡରେ ଶନିବାର ସକାଳେ ପ୍ରବଳ ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ହୋଇଛନ୍ତି। ସରେଇକଳା ଓ ଖରସୁଆଁ ଜିଲ୍ଲାରେ ଘର କାନ୍ଥ ଭୁଶିଡିବା କାରଣରୁ ଜଣେ ମହିଳା ଓ ତାଙ୍କର ୭ ବର୍ଷର ପୁଅ ଜୀବନ ହରାଇଛନ୍ତି। ମା ଓ ପୁଅଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ଅବସରରେ ଦୁହେଁ ପ୍ରାଣ ହରାଇଛନ୍ତି। ସେହିପରି ରାଜନଗର ବ୍ଲକର ଦଣ୍ଡୁ ଗାଁରେ ୮ ଜଣ ଲୋକ ଆହତ ହୋଇଛନ୍ତି।

# ଜେଲ୍ ଗଲେ ସିଟି ହସପିଟାଲର କୋଟିପତି ବରିଷ୍ଠ ସହାୟକ

## ଆୟଠାରୁ ୨୦୧ ପ୍ରତିଶତ ଅଧିକ ସମ୍ପତ୍ତି

କଟକ,୨୩।୮ (ସମିସ): କଟକ ସିଟି ହସ୍ପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର କୋଟିପତି ସିନିଅର ଆସିଷ୍ଟାଣ୍ଟ (ବରିଷ୍ଠ ସହାୟକ) କିଶୋର କୁମାର ସାହାଣୀଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି। ଗତକାଲି ଭିଜିଲାନ୍ସ ତାଙ୍କ ଘର, ଅଫିସ୍ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଆୟ ତୁଳନାରେ ଶ୍ରୀ ସାହାଣୀ ୨୦୧ ପ୍ରତିଶତ ଅଧିକ ସମ୍ପତ୍ତିର ଅଧିକାରୀ ବୋଲି ଭିଜିଲାନ୍ସ କହିଛି। ସରକାରୀ ଅର୍ଥ ତୋଷରପାତ ସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୁର୍ନୀତି ନିବାରଣ ସଂଶୋଧିତ ଆଇନ-୨୦୧୮ର ଧାରା ୧୩(୨)/୧୩(୧)ରେ ଭିଜିଲାନ୍ସ ଶ୍ରୀ ସାହାଣୀଙ୍କ ସମେତ ତାଙ୍କ ପତ୍ନୀଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ସୂଚନାଯୋଗ୍ୟ, ୧.୨୪ କୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଦିନ ତାଙ୍କର ଅଫିସ, ବାସଭବନ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଶ୍ରୀ ସାହାଣୀଙ୍କ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ଶ୍ରୀ ସାହାଣୀ ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ୧୯ଟି ମୂଲ୍ୟବାନ୍ ପ୍ଲଟ୍ , ୩ ମହଲା ବିଶିଷ୍ଟ କୋଠା, ନଗଦ ୩ଲକ୍ଷ ୩୦ହଜାର ୮୦୦ଟଙ୍କା, ୧୩୫ ଗ୍ରାମ୍ ଓଜନର ସୁନା ଗହଣା ସହ ଗୋଟିଏ କାର୍ ଓ ୩ଟି ବାଇକ ମିଳିଥିଲା ।

# ସପ୍ଲିମେଣ୍ଟାରୀ ପରୀକ୍ଷା ଖାତା ପୁନଃ ଯାଞ୍ଚ ଆବେଦନ ୨୫ରୁ

କଟକ, ୨୩।୮ (ସମିସ): ୨୦୨୫ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ଉଭୟ ଅବଜେକ୍ଟିଭ ଓ ସବଜେକ୍ଟିଭ ବିଷୟରେ ମାର୍କ ଯାଞ୍ଚ ଓ ପରୀକ୍ଷା ଖାତାର ସ୍କାନ କପି ପାଇବା ପାଇଁ ଅଫଲାଇନରେ ଆବେଦନ ଗ୍ରହଣ କରାଯିବ। ଆସନ୍ତା ୨୫ ତାରିଖରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଆବେଦନ କରିବାକୁ କୁହାଯାଇଛି। ଆବେଦନ କରିବା ପାଇଁ ଦରଖାସ୍ତ ଫର୍ମାଟ୍ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ଏହାର ସଫ୍ଟକପି ଡାଉନଲୋଡ୍ କରି ନିର୍ଦ୍ଧାରିତ ଦେୟ ସହ ଆବେଦନ କରିପାରିବେ। ବୋର୍ଡ କର୍ତ୍ତୃପକ୍ଷ ଯାଞ୍ଚ ପ୍ରକ୍ରିୟାକୁ ସମାପ୍ତ କରି ସଂଶୋଧିତ ମାର୍କ ପ୍ରଦାନ କରିବେ ଏବଂ ଆବେଦନକାରୀମାନେ ବୋର୍ଡର ଉପରୋକ୍ତ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ। ଏ ସମ୍ବନ୍ଧୀୟ ତଥ୍ୟ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ। ସେହିଭଳି ଖାତାର ଅବିକଳ ନକଲ, ଆବେଦନକାରୀ ମାନଙ୍କୁ ଡାକ ମାଧ୍ୟମରେ ପ୍ରେରଣ କରାଯିବ। ଅନ୍ୟ କୌଣସି ପ୍ରକାରେ ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ କିମ୍ବା ପରେ ଗ୍ରହଣ କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ ୩ ଓ ପିଜି ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୩।୮ (ସମିସ): ଯୁକ୍ତ ୩ ଓ ପିଜି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଶନିବାରଠାରୁ ଆରମ୍ଭ ହୋଇଛି। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟର କୌଣସି ରାଉଣ୍ଡରେ ଚୟନ ହୋଇନାହାନ୍ତି କିମ୍ବା ଆବେଦନ କରିନାହାନ୍ତି, ସେମାନେ ଏହି ପର୍ଯ୍ୟାୟରେ ଆବେଦନ କରିପାରିବେ। ଯୁକ୍ତ ୩ ନାମଲେଖା ପାଇଁ ଆବେଦନ କରିବାର ଶେଷ ତାରିଖ ସେପ୍ଟେମ୍ବର ୩ତାରିଖ ରହିଛି। ଫର୍ମରେ କୌଣସି ତ୍ରୁଟି ଥିଲ, ୪ତାରିଖ ସୁଦ୍ଧା ଏଡିଟ୍ କରିପାରିବେ। ୧୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ରାଉଣ୍ଡ ମେଧା ତାଲିକା ସହ ୱେଟିଂଲିଷ୍ଟ ପ୍ରକାଶ ପାଇବ। ୧୧ରୁ ୧୩ତାରିଖ ଭିତରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ନିଜର ଇଣ୍ଟିମେସନ୍ ଲେଟର୍ ନେଇ ଆଡମିସନ କରିବା ସହ ଅନଲାଇନ ମାଧ୍ୟମରେ ଟଙ୍କା ପଇଠ କରିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ୧୫ରୁ ୧୬ତାରିଖ ମଧ୍ୟରେ ନିଜର ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କର ମେଧା ତାଲିକା ୧୭ରେ ନୋଟିସ୍‌ବୋର୍ଡ, ୱେବ୍‌ସାଇଟ୍ ମାଧ୍ୟମରେ ଜାଣିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ସମସ୍ତ ଡକ୍ୟୁମେଣ୍ଟ ନେଇ ୧୮ ରୁ ୨୨ ତାରିଖ ସୁଦ୍ଧା ଯାଇ ନାମ ଲେଖାଇ ପାରିବେ।

ସେହିପରି, ପିଜି ପାଠ୍ୟକ୍ରମରେ ନାମଲେଖା ଆବେଦନ ଆଜିଠାରୁ ଆରମ୍ଭ ହୋଇଛି। ଆବେଦନ କରିବାର ଶେଷ ତାରିଖ ୩ ସେପ୍ଟେମ୍ବରକୁ ରଖାଯାଇଛି। ପ୍ରଥମ ରାଉଣ୍ଡର ମେଧା ତାଲିକା ୯ ତାରିଖରେ ପ୍ରକାଶ ପାଇବ। ଚୟନ ଛାତ୍ରୀଛାତ୍ରମାନେ ନିଜର ଇଣ୍ଟିମେସନ୍ ଲେଟର ନେଇ ୧୦ରୁ ୧୨ ତାରିଖ ଭିତରେ ଆଡମିସନ୍ କରିପାରିବେ। ୱେଟିଂଲିଷ୍ଟରେ ଥିବା ପିଲାମାନେ ୧୩ରୁ ୧୫ ତାରିଖ ମଧ୍ୟରେ ନିଜର ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କର ମେଧା ତାଲିକା ୧୬ରେ ନୋଟିସ୍‌ବୋର୍ଡ, ୱେବସାଇଟ୍ ଏବଂ ଫୋନ ମାଧ୍ୟମରେ ଜାଣିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ୧୭ରୁ ୨୦ ତାରିଖ ସୁଦ୍ଧା ନାମ ଲେଖାଇ ପାରିବେ।

# ଶ୍ରୀମନ୍ଦିର ପରିସରରେ ହେବ ଶିଶୁ ସ୍ତନ୍ୟପାନ ଗୃହ

- ଗୃହରେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ରହିବେ
- ଗୃହରେ ଗୋପନୀୟତା, ପରିମଳ ଉପରେ ଦୃଷ୍ଟି ଦିଆଯିବ

ପୁରୀ,୨୩।୮ (ସମିସ): ଛୋଟ ଶିଶୁଙ୍କୁ ନେଇ ଶ୍ରୀମନ୍ଦିରକୁ ଆସୁଥିବା ମା'ମାନେ କେଉଁ ଜାଗାରେ ପିଲାକୁ ସ୍ତନ୍ୟପାନ କରାଇବେ ସେ ନେଇ ଚିନ୍ତାରେ ପଡୁଥିଲେ। ଲୋକଙ୍କ ଗହଳି ଭିତରେ ସେମାନେ ଅସହଜ ମନେକରୁଥିଲେ। ଏଣିକି ମା'ମାନଙ୍କର ଏହି ଚିନ୍ତା ଦୂର ହେବ। ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ଶିଶୁ ସ୍ତନ୍ୟପାନ ଗୃହ କରାଯିବାକୁ ଯୋଜନା କରିଛି ମନ୍ଦିର ପ୍ରଶାସନ, ଯାହାକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

ଶ୍ରୀମନ୍ଦିରକୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଆସୁଥିବାବେଳେ ଅନେକ ମା' ନିଜ ଛୋଟ ଶିଶୁଙ୍କୁ ନେଇ ଆସିଥା'ନ୍ତି। ବିଶେଷକରି ସ୍ତନ୍ୟପାନ ଉପରେ ନିର୍ଭରଶୀଳ ଶିଶୁ ଏବଂ ମା'ମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ସ୍ତନ୍ୟପାନ ଗୃହ ନିର୍ମାଣ କରିବା ଲାଗି ନିଷ୍ପତ୍ତି ନେଇଛି। ଇତିମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ବିଦାୟୀ ଆରକ୍ଷୀ ଅଧୀକ୍ଷକ ପୀନାକ୍ ମିଶ୍ର, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ବରିଷ୍ଠ ସୁପରଭାଇଜର୍ ବଙ୍କି ପ୍ରତିହାରୀ, ସହକାରୀ ପ୍ରଶାସିକା ଶୁଭଶ୍ରୀ ସୁଚିସ୍ମିତା ଏବଂ ଅନ୍ୟ ଅଧିକାରୀ ଏ ସମ୍ବନ୍ଧରେ ଆଲୋଚନା କରି ଏହି ସ୍ୱତନ୍ତ୍ର ଗୃହ ସ୍ଥାପନା ପାଇଁ ସ୍ଥାନ ନିରୂପଣ କରିଛନ୍ତି। ଶ୍ରୀମନ୍ଦିର ପରିସରରେ ପ୍ରଶାସନର ଶାଖା କାର୍ଯ୍ୟାଳୟ ନିକଟରେ ଏହା କାର୍ଯ୍ୟକ୍ଷମ ହେବାକୁ ନିଷ୍ପତ୍ତି ହୋଇଛି। ସମ୍ପୃକ୍ତ ଗୃହରେ ଗୋପନୀୟତା, ପରିମଳ ଏବଂ ମା' ତଥା ଶିଶୁଙ୍କ ସ୍ୱାଚ୍ଛନ୍ଦ୍ୟ ଉପରେ ଦୃଷ୍ଟି ଦିଆଯିବ। ଏହି ଗୃହ ସକାଶେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ମଧ୍ୟ ରହିବେ। ଦୀର୍ଘଦିନ ଧରି ଏ ନେଇ ଦାବି ହୋଇ ଆସୁଥିବାବେଳେ ଭକ୍ତ ଶ୍ରଦ୍ଧାଳୁ ତଥା ବିଶେଷକରି ମହିଳାଙ୍କ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହ ପାଇଁ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଅନ୍ୟପକ୍ଷରେ ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

## ୧୩ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

# ସମାଧାନ ପରିବର୍ତ୍ତେ ବିଜେଡି ଉପରେ ଦୋଷ ଲଦିଲେ ରାଜସ୍ୱ ମନ୍ତ୍ରୀ

- ଅମଲାଙ୍କୁ ଢାଲ କରି ବିଜେଡିର କିଛି ନେତା ସରକାରଙ୍କୁ ଅପଦସ୍ତ କରିବାକୁ ଚେଷ୍ଟା କରୁଛନ୍ତି: ମନ୍ତ୍ରୀ
- ସୋମବାର କାର୍ଯ୍ୟରେ ଯୋଗ ନ ଦେଲେ ବଡ଼ ଅସ୍ତ୍ର ପ୍ରୟୋଗ ଚେତାବନୀ
- ବିଜେଡିର ପ୍ରତିକ୍ରିୟା; ରାଜସ୍ୱ ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ଅଚଳାବସ୍ଥା
- ଆମେ କୌଣସି ଦଳର ନୋହୁଁ; ସରକାରଙ୍କ ଚେତାବନୀରେ ଡରିଯିବୁ ନାହିଁ : ସଂଘ

ଭୁବନେଶ୍ୱର,୨୩।୮ (ସମିସ): ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଶନିବାର ୧୩ ଦିନରେ ପହଞ୍ଚିଥିବା ବେଳେ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଲୋକମାନେ ରାଜସ୍ୱ କାର୍ଯ୍ୟ ପାଇଁ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ସେମାନଙ୍କ ସହ ଆଲୋଚନା କରୁନଥିବା ନେଇ ଅଭିଯୋଗ କରୁଛନ୍ତି ସଂଘର କର୍ମକର୍ତ୍ତା। ସଂଘର କର୍ମକର୍ତ୍ତାଙ୍କୁ ଡାକି ଆନ୍ଦୋଳନ ଏବଂ ଅସନ୍ତୋଷକୁ ପ୍ରଶମିତ କରିବା ପରିବର୍ତ୍ତେ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆନ୍ଦୋଳନ ପାଇଁ ବିଜେଡିକୁ ଦାୟୀ କରିଛନ୍ତି। ଖାଲି ବିଜେଡିକୁ ଦାୟୀ କରିନାହାନ୍ତି; ସୋମବାର ସୁଦ୍ଧା ଆନ୍ଦୋଳନରୁ ନ ଓହରିଲେ ସରକାରଙ୍କ ପାଖରେ ଥିବା ବହୁ ବଡ଼ବଡ଼ ଅସ୍ତ୍ର ସେମାନେ ଦେଖିବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ବୟାନକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ମନ୍ତ୍ରୀଙ୍କ ଏପରି ବୟାନକୁ ବିଜେଡି ଦୁର୍ଭାଗ୍ୟଜନକ ବୋଲି କହିଛି। ସେହିପରି ରାଜସ୍ୱ ମନ୍ତ୍ରୀଙ୍କ ବୟାନକୁ ନେଇ ମଧ୍ୟ ପ୍ରତିକ୍ରିୟା ରଖିଛି ରାଜସ୍ୱ ଅମଲା ସଂଘ। ଆମେ ସରକାରୀ କର୍ମଚାରୀ। କୌଣସି ରାଜନୈତିକ ଦଳର ନୋହୁଁ। ସରକାରଙ୍କ ଚେତାବନୀରେ ସଂଘ ଡରିଯିବ ନାହିଁ। ସରକାର ଆମକୁ ଡାକି ଆଲୋଚନା କରନ୍ତୁ ବୋଲି ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ସମୂହ ଛୁଟିରେ ଯିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ୧୦ ଦଫା ଦାବିରେ ଏହି ଆନ୍ଦୋଳନ ଜାରି ରହିଥିବାରୁ ରାଜ୍ୟର ତୃଣମୂଳସ୍ତରଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ପ୍ରଶାସନିକ ବ୍ୟବସ୍ଥା ଏକପ୍ରକାର ଠପ୍ ହୋଇ ପଡ଼ିଛି। ସାଧାରଣ ଜନତା କୌଣସି କାର୍ଯ୍ୟରେ କାର୍ଯ୍ୟାଳୟ ଆସିଲେ ଅମଲାଙ୍କ ଚଉକି ଫାଙ୍କା ପଡ଼ିଥିବାରୁ ସେମାନେ ନିରାଶ ହୋଇ ଘରକୁ ଫେରିଯାଉଛନ୍ତି। ସମସ୍ୟାର ସମାଧାନ ନେଇ ଉଦ୍ୟମ ପରିବର୍ତ୍ତେ ରାଜସ୍ୱ ମନ୍ତ୍ରୀ ଆନ୍ଦୋଳନ ପାଇଁ ଦୋଷ ବିଜେଡି ଉପରେ ଲଦିଛନ୍ତି।

ସେ କହିଛନ୍ତି ଯେ କିଛି ଲୋକ ଅଛନ୍ତି, ସେମାନେ ବର୍ତ୍ତମାନ ମଧ୍ୟ ରାଜ୍ୟରେ ବିଜେଡି ସରକାର ଚାଲୁଥିବା ନେଇ ଭାବୁଛନ୍ତି। ସେମାନେ କେଉଁ କେଉଁ ନେତାଙ୍କ ପାଖକୁ ଯାଉଛନ୍ତି, ସେ ରିପୋର୍ଟ ମଧ୍ୟ ମୋ ପାଖରେ ଅଛି। ଏଯାବତ୍ କ୍ଷମତାରୁ ବାହାରି ଯାଇଥିବା ନେଇ ସେମାନଙ୍କର ହଜମ ହେଉନାହିଁ। ମୁଁ ପୂରା ବିଜେଡିକୁ କାଠଗଡ଼ାରେ ଠିଆ କରିବାକୁ ଚାହୁଁନାହିଁ। ମାତ୍ର ଯେଉଁମାନେ ବିଜେଡି ସରକାର ସମୟରେ ସମ୍ପୂର୍ଣ୍ଣ କ୍ଷମତା ଉପଭୋଗ କରୁଥିଲେ, ସେମାନଙ୍କୁ ହଜମ ହେଉନାହିଁ। କେମିତି ସରକାର ପଳେଇବ, ତାଙ୍କ ସରକାର ପୁଣି ଆସିବ ଏବଂ ସେମାନେ ପୁନଃ କ୍ଷମତା ଉପଭୋଗ କରିବେ, ତାହା ସେମାନଙ୍କର ଲକ୍ଷ୍ୟ। ୮ ହଜାର ଅମଲାଙ୍କୁ ଆନ୍ଦୋଳନ କରାଇ କ'ଣ ସରକାରଙ୍କୁ ଅପଦସ୍ତ କରାଇଦେବ ବୋଲି ରାଜସ୍ୱ ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ମୋର ମନେ ହେଉଥିଲା ଯେଉଁମାନେ ଅମଲା ସଂଘର ଦାୟିତ୍ୱରେ ଅଛନ୍ତି, ସେମାନେ ସଂଘର ବିକାଶ ଏବଂ ସମସ୍ୟାର ସମାଧାନ ଚାହୁଁଛନ୍ତି। ମାତ୍ର ପରେ ହୃଦବୋଧ ହେଲା ଯେ ଅନ୍ୟମାନଙ୍କ ଦ୍ୱାରା ପ୍ରେରିତ ହୋଇ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ପାଇଁ ସେମାନେ କେବଳ ଦାୟିତ୍ୱରେ ଅଛନ୍ତି। ସମସ୍ୟାର ସମାଧାନ କରିବା ସେମାନଙ୍କର ଆଦୌ ଉଦ୍ଦେଶ୍ୟ ନୁହେଁ। ମୋ ପାଖରେ ଏନେଇ ବିଭିନ୍ନ ମହଲରୁ ତଥ୍ୟ ହସ୍ତଗତ ହୋଇଛି। ଅମଲାମାନଙ୍କୁ ଢାଲ କରି ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ସେମାନଙ୍କର ଲକ୍ଷ୍ୟ ବୋଲି ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ଆହୁରି କହିଛନ୍ତି ଯେ ଅମଲା ସଂଘର ସମସ୍ତ ସଦସ୍ୟ, ସଦସ୍ୟା ରାଜସ୍ୱ ପରିବାରର। ପରିବାରର ମୁରବୀ ଭାବରେ ସେମାନଙ୍କ ଯୁକ୍ତି, ଦାବି ଶୁଣିବା ମୋ ଦାୟିତ୍ୱ। ସେମାନେ ଆମ ପରିବାରର ଲୋକ ବୋଲି ଆମେ ଅସ୍ତ୍ର ବ୍ୟବହାର କରୁନାହୁଁ। ଯଦି ଆମେ ଭାବିବୁ ଯେ ଏମାନେ ସୁଧୁରିବେ ନାହିଁ, ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ମଙ୍ଗଳ ଚାହିଁବେ ନାହିଁ, ଅନ୍ୟ ଦଳ ଦ୍ୱାରା ପ୍ରେରିତ ହୋଇ ସରକାରଙ୍କୁ ଅପଦସ୍ତ କରିବାକୁ ଚାହିଁବେ, ତାହେଲେ ରାଜସ୍ୱ ବିଭାଗ ପାଖରେ ବହୁ ଅସ୍ତ୍ର ଅଛି। ସେହି ଅସ୍ତ୍ରକୁ ସେମାନେ ସମ୍ଭାଳି ପାରିବେ ନାହିଁ। ତେଣୁ ସମସ୍ତେ କାର୍ଯ୍ୟରେ ଯୋଗ ଦିଅନ୍ତୁ ବୋଲି ରାଜସ୍ୱ ମନ୍ତ୍ରୀ ଅପିଲ୍ କରିଛନ୍ତି।

ଅପରପକ୍ଷେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏ ନେଇ ସାମାଜିକ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ସମସ୍ୟାର ସମାଧାନ ହୋଇପାରୁନାହିଁ। ମାତ୍ର ନିଜ ଦୋଷକୁ ଲୁଚାଇବାକୁ ଯାଇ ସେ ବିଜେଡି ଆଡ଼କୁ ଇଙ୍ଗିତ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ସେ ମତପ୍ରକାଶ କରିଛନ୍ତି।

# ବୋଟ୍‌ରୁ ମାଛ କାଢୁଥିବାବେଳେ ଦୁଇ ମତ୍ସ୍ୟଜୀବୀ ମୃତ

ବାଲେଶ୍ୱର, ୨୩।୮ (ସମିସ): ବୋଟ ମଧ୍ୟରେ ବରଫରେ ଥିବା ମାଛକୁ କାଢୁଥିବା ବେଳେ ଦୁଇଜଣଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଏଭଳି ଅଘଟଣ ଘଟିଛି ବାଲେଶ୍ୱର ଜିଲ୍ଲା ବଳରାମଗଡି ମେରାଇନ ଥାନା ଅର୍ନ୍ତଗତ ବଳରାମଗଡିରେ। ମୃତକ ଦୁଇ ଜଣ ହେଲେ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ମଧୁସୂଦନ ମଲିକ ଏବଂ ସନ୍ତୋଷ ମଲିକ।

ଗତ ୮ରୁ ୧୦ଦିନ ତଳେ ବଳରାମଗଡିରୁ ନାଗେଶ୍ୱରୀ ବୋଟ ସମୁଦ୍ରକୁ ମାଛ ମାରିବା ପାଇଁ ଯାଇଥିଲା। ଶନିବାର ଉକ୍ତ ବୋଟଟି କୂଳକୁ ଫେରିଥିଲା। ସମୁଦ୍ରରୁ ଯାହା ମାଛ ମରାଯାଇଥିଲା ତାହା ବୋଟ ମଧ୍ୟରେ ବରଫ ଦେଇ ରଖାଯାଇଥିଲା। କୂଳକୁ ଫେରିବା ପରେ ମଧୁସୂଦନ ଏବଂ ସନ୍ତୋଷ ବରଫ ମଧ୍ୟରୁ ମାଛ କାଢୁଥିଲେ। ଏହି ସମୟରେ ଉଭୟ ଶ୍ୱାସରୁଦ୍ଧ ହୋଇ ଅଚେତ ହୋଇପଡ଼ିଥିଲେ। ତୁରନ୍ତ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବଳରାମଗଡି ଥାନା ଅଧିକାରୀ ନରେନ୍ଦ୍ର ପାଳ କହିଛନ୍ତି ଯେ, ମାଛ ଗ୍ୟାସରେ ସେମାନଙ୍କ ମୃତ୍ୟୁ ହୋଇଥିବାର ଅନୁମାନ କରାଯାଉଛି। ତେବେ ଘଟଣାର ତଦନ୍ତ ଜାରି ରହିଛି।

# ୨୫ରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବୈଠକ

ଭୁବନେଶ୍ୱର,୨୩।୮ (ସମିସ): ଆସନ୍ତା ୨୫ରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବସିବ ବଡ଼ ବୈଠକ। ସାଂଗଠନିକ ସ୍ଥିତି ମଜଭୁତ ସହ ରାଜ୍ୟରେ ଆଗାମୀ ରଣନୀତି କ'ଣ ରହିବ, ସେନେଇ କରାଯିବ ମାନସମନ୍ଥନ। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡଗେଙ୍କ ସମେତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସାଂଗଠନିକ ସମ୍ପାଦକ କେସି ବେଣୁଗୋପାଳ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିବେ। ଏଥିପାଇଁ ଜିଲ୍ଲା ସଭାପତି ଚୟନ ପାଇଁ ନିଯୁକ୍ତ ହୋଇଥିବା ସମସ୍ତ ୩୫ ପର୍ଯ୍ୟବେକ୍ଷକ, ପିସିସି ପ୍ରଭାରୀ ଓ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ଦିଲ୍ଲୀ ଡକରା ହୋଇଛି। ଆଗାମୀ ଦିନରେ କଂଗ୍ରେସ ଜିଲ୍ଲା ସଭାପତି ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛି। ଗୁଜରାଟ ଢାଞ୍ଚାରେ ଏଠାରେ ସଂଗଠନ ସୃଜନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। କିପରି ଦକ୍ଷ ଲୋକଙ୍କ ହାତରେ ଜିଲ୍ଲା ସଂଗଠନ ଦାୟିତ୍ୱ ଦିଆଯିବ, ସେଥିପାଇଁ ଏଆଇସିସି ଲକ୍ଷ୍ୟ ରଖିଛି।

ଏଆଇସିସିର ଏପରି ଅଭିଯାନକୁ ନେଇ ଓଡ଼ିଶା କଂଗ୍ରେସ ଶିବିର ମଧ୍ୟ ଉତ୍ସାହିତ ରହିଛି। ୩୫ଟି ସାଂଗଠନିକ ଜିଲ୍ଲା ସଭାପତି ଚୟନ କରିବା ନେଇ ଏଆଇସିସିର ନୂଆ ଫର୍ମୁଲାକୁ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଭିନ୍ନ ଆକଳନ କରିଛନ୍ତି। ରାହୁଲ ଗାନ୍ଧୀ ଓଡ଼ିଶାରେ ସମ୍ଭାବନା ଦେଖିଥିବାରୁ ଏବେଠାରୁ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶା କଂଗ୍ରେସକୁ ପ୍ରସ୍ତୁତ କରୁଛନ୍ତି। ପ୍ରଥମଥର ଲାଗି ଦଳୀୟ ନିଷ୍ପତ୍ତିରେ ଜିଲ୍ଲା ସଭାପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସଂଗଠନଠାରୁ ବିଧାୟକ ଓ ସାଂସଦ ଟିକେଟ୍ ବଣ୍ଟନରେ ଜିଲ୍ଲା ସଭାପତିମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ, ୨୫ ବର୍ଷ ଧରି କ୍ଷମତା ବାହାରେ ଥିବା ଓଡ଼ିଶା କଂଗ୍ରେସକୁ ସଜାଡ଼ିବା ପାଇଁ ଏଆଇସିସି ଗୁରୁତ୍ୱ ଦେଉଛି। ଓଡ଼ିଶାରୁ ଦିଲ୍ଲୀ ଯାଏ ସାଂଗଠନିକ ସ୍ଥିତିକୁ ମଜଭୁତ କରିବାକୁ ରଣନୀତି କରାଯାଉଛି। ଆଗକୁ ରାହୁଲ ଗାନ୍ଧୀ ଘନଘନ ଓଡ଼ିଶା ଗସ୍ତରେ ଆସି ତୃଣମୂଳ କର୍ମୀଙ୍କ ମନରେ ଉତ୍ସାହ ଭରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି।

## ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧିକାରୀମାନଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

# ଯୋଜନା କାର୍ଯ୍ୟକାରୀ ବେଳେ ସହାନୁଭୂତିଶୀଳ ହୁଅ



ଭୁବନେଶ୍ୱର, ୨୩।୮ (ସମିସ): ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ବେଳେ ଅଧିକାରୀମାନେ ମାନବିକ ଓ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରନ୍ତୁ। ଶନିବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଅଧିକାରୀମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟପାଳ କହିଥିଲେ, ଜନଜାତିମାନଙ୍କର କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉପରୋକ୍ତ ଯୋଜନା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇପାରିଲେ ଯୋଜନାର ସୁଫଳ ମିଳିବ ଏବଂ ସେମାନେ ଉପକୃତ ହୋଇପାରିବେ। ତେଣୁ ସମ୍ପୃକ୍ତ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ପର୍କରେ ପୁସ୍ତିକା ପ୍ରସ୍ତୁତ କରି ଜନସାଧାରଣଙ୍କୁ ବଣ୍ଟନ କରିବା ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା, ଫରେଷ୍ଟ ରାଇଟ୍ ଆକ୍ଟ-୨୦୦୬ର କାର୍ଯ୍ୟକାରିତା, ଜଙ୍ଗଲଜାତ ଦ୍ରବ୍ୟର ବିପଣନ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ, ଧାରା-୨୭୫(୧), ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଇତ୍ୟାଦି ଯୋଜନାର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ।

ଏହାସହ ଜଙ୍ଗଲ ଅଧିକାର ଆଇନ ଅଧୀନରେ ବିଭିନ୍ନ ଜିଲ୍ଲାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ବିଚାରାଧୀନ ଆବେଦନଗୁଡ଼ିକୁ ଆଗାମୀ ୯୦ ଦିନ ମଧ୍ୟରେ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତି ଗ୍ରାମରେ ମୋବାଇଲ ନେଟୱାର୍କ ଉପଲବ୍ଧ କରାଇବା, ସୌରଶକ୍ତିର ବ୍ୟବହାର, ସିଏସଆର କାର୍ଯ୍ୟକ୍ରମ ସହଯୋଗରେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ବ୍ୟବସ୍ଥା କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟର ବିଭିନ୍ନ ଜିଲ୍ଲାର ଡିଏଫ୍‌ଓ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ତଥା ବିଭିନ୍ନ ପ୍ରକଳ୍ପର ଅଧିକାରୀମାନେ ଯୋଗ ଦେଇଥିଲେ।

# ୮ ଗେଟ୍ ଖୋଲିଲା ଆନନ୍ଦପୁର ବ୍ୟାରେଜ୍

ଆନନ୍ଦପୁର, ୨୩।୮ (ସମିସ): ଗତ ୩ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଆନନ୍ଦପୁରଠାରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇଛି। ଆଜି ରାତି ୮ଟା ସୁଦ୍ଧା ଆନନ୍ଦପୁରଠାରେ ବୈତରଣୀ ସତର୍କ ସଂକେତ ଅତିକ୍ରମ କରି ୩୭.୬୬୦ ମିଟରରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନଦୀକୂଳ ଗ୍ରାମବାସୀଙ୍କ ପ୍ରତି ବିପଦ ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ବନ୍ୟାଞ୍ଚଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କୁ ମୁତୟନ କରିଛନ୍ତି। ହେଲେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଥିବା ବୋଟ ଅଚଳ ହୋଇ ପଡ଼ିରହିଛି। ବୋଟ୍ ଚାଳକ ବି ନାହାନ୍ତି। ଆନନ୍ଦପୁର ବ୍ୟାରେଜରେ ଜଳଧାରଣ ଶକ୍ତିର ଆନୁପାତିକ ହାରକୁ କଳନା କରାଯାଇ ୮ଗେଟ୍ ଖୋଲାଯିବା ପରେ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ କରାଯାଇଛି। ଆଗକୁ ବର୍ଷା ଜାରି ରହିଲେ ବୈତରଣୀରେ ବଡ଼ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।

# ବନ କର୍ମଚାରୀଙ୍କୁ ଆକ୍ରମଣ କରି ଶିକାରୀକୁ ଖସାଇନେଲେ

- ଆକ୍ରମଣରେ ମହିଳା ବନରକ୍ଷୀ ଗୁରୁତର
- ଭାଙ୍ଗିଦେଲେ ବନ ବିଭାଗ ଗାଡ଼ି
- ତାଲିମ ନେବା ପରେ ମିଳିନାହିଁ ବନ୍ଧୁକ
- ଠେଙ୍ଗାରେ ଚାଲିଛି ଶିମିଳିପାଳ ସୁରକ୍ଷା

ବାରିପଦା,୨୩।୮ (ସମିସ): ବନବିଭାଗ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଶିକାରୀକୁ ଖସାଇନେଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗରିପୋଷି ଥାନା ଅଧୀନ ଦୁମାସାହି ଜଳଡିହା ଗ୍ରାମରେ ଏହି ଘଟଣା ଘଟିଛି। ୪୦ରୁ ୫୦ ପୁରୁଷ ଓ ମହିଳା ଏକଜୁଟ୍ ହୋଇ ବନ ବିଭାଗର ବଲେରୋକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଜଣେ ଅଭିଯୁକ୍ତକୁ ଖସାଇ ନେଇଛନ୍ତି। ଗ୍ରାମବାସୀଙ୍କ ଆକ୍ରମଣରେ ଜଣେ ମହିଳା ବନରକ୍ଷୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମହିଳାଜଣଙ୍କ ହେଲେ, ଶ୍ୟାମସୁନ୍ଦର ବିଟ୍ ହାଉସର ବନରକ୍ଷୀ ମୀନାକ୍ଷୀ ମଞ୍ଜରୀ ସାହୁ। ତାଙ୍କୁ ବାଙ୍ଗରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ୧୫ ତାରିଖ ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲେ ହେଁ ଆଜି ପଦାକୁ ଆସିଛି। ଏନେଇ ପୁଲିସ୍ ନମ୍ବର ୨୩୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କିନ୍ତୁ ଏଯାଏ ଫେରାର୍ ଶିକାରୀକୁ ଗିରଫ କରିପାରିନାହିଁ।

ସୂଚନାନୁଯାୟୀ, ଗତବର୍ଷ ନଭେମ୍ବର ୧୧ରେ ଏକ କଲରାପତରିଆ ବାଘ ଚମଡ଼ା ଜବତ ଘଟଣାରେ ଦୁମାସାହି ଗ୍ରାମର ଶିକାରୀମାନେ ଜଡ଼ିତ ଥିଲେ। ଏନେଇ ବନବିଭାଗ ପକ୍ଷରୁ ସେତେବେଳେ ମାମଲା ରୁଜୁ ହୋଇଥିଲା। ବାରିପଦା ବନଖଣ୍ଡର ଅତିରିକ୍ତ ବନସଂରକ୍ଷକ ମେହେରବାନ ଅଲ୍ଲୀ ତଦନ୍ତ ଦାୟିତ୍ୱ ନେଇଥିଲେ। ଘଟଣାରେ ଜଡ଼ିତ ଥିବା ଶିକାରୀ ସହ ୬ ଅଭିଯୁକ୍ତଙ୍କୁ ଧରିବା ପାଇଁ ଶ୍ରୀ ଅଲ୍ଲୀଙ୍କ ନେତୃତ୍ୱରେ ଗଠିତ ୨୦ଜଣିଆ ଟିମ୍ ଗତ ୧୫ ତାରିଖ ବିଳମ୍ବିତ ରାତିରେ ଚଢ଼ଉ କରିଥିଲେ। ଅଭିଯୁକ୍ତ ଭାଗୀରଥି ମାରାଣ୍ଡି ଓ ଟୋପା ସୋରେନଙ୍କୁ ସେମାନେ ଧରି ଆଣୁଥିବା ବେଳେ ଗ୍ରାମର ୪୦ରୁ ୫୦ ପୁରୁଷ ଓ ମହିଳା ଏକଜୁଟ ହୋଇ ବିରୋଧ କରିଥିଲେ। ଅଭିଯୁକ୍ତମାନଙ୍କୁ ଛାଡ଼ିଦେବା ପାଇଁ ଗାଁ ଲୋକେ କହିବାରୁ ବନ କର୍ମଚାରୀଙ୍କ ସହ ସେମାନଙ୍କର କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ବନକର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ଟୋପା ସୋରେନକୁ ଖସାଇ ନେଇଥିଲେ। ଏହାସହ ବନ ବିଭାଗର ବଲେରୋ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏହି ଆକ୍ରମଣରେ ଶ୍ୟାମସୁନ୍ଦର ବିଟ୍ ହାଉସର ମହିଳା ବନରକ୍ଷୀ ମୀନାକ୍ଷୀ ମଞ୍ଜରୀ ସାହୁ ଗୁରୁତର ଆହତ ହୋଇଥିଲେ। କୌଶଳକ୍ରମେ ଜଣେ ଅଭିଯୁକ୍ତକୁ ଧରି ପ୍ରାଣ ବିକଳରେ ଖସି ଆସି ବନରକ୍ଷୀ ମୀନାକ୍ଷୀଙ୍କୁ ବାଙ୍ଗରିପୋଷି ଡାକ୍ତରଖାନାରେ ଚିକିତ୍ସା କରିଥିଲେ। ଘଟଣାର ପର ଦିନ ବାଙ୍ଗରିପୋଷି ରେଞ୍ଜ ଅଧିକାରୀ ମହେଶ୍ୱର ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଦ୍ୟାବଧି କୌଣସି ଅଭିଯୁକ୍ତକୁ ପୁଲିସ ଧରିବାରେ ସକ୍ଷମ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ବାଙ୍ଗରିପୋଷି ଥାନାଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି, ଅଦ୍ୟାବଧି ସେହି ଗ୍ରାମରେ ଉତ୍ତେଜନା ଲାଗି ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅପରାଧୀମାନଙ୍କୁ ଚିହ୍ନଟ କରିବା ପରେ ଯୋଜନା ମୁତାବକ ଫୋର୍ସ ଉପସ୍ଥିତିରେ ସେମାନଙ୍କୁ ଗିରଫ କରାଯିବ।

ସୂଚନାଥାଉକି, ଅତୀତରେ ଶିମିଳିପାଳରେ ଶିକାରୀ ଗୁଳିରେ ସହିଦ ହୋଇଥିବା ବନରକ୍ଷୀ ବିମଳ ଜେନା ଓ ଡେପୁଟି ରେଞ୍ଜର ମାଥି ହାଁସଦା ଘଟଣାରେ ମଧ୍ୟ ପୁଲିସ ସମସ୍ତ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇନାହିଁ। ରକ୍ତମୁଖା ଶିକାରୀ ଏବେ ବନ୍ୟଜନ୍ତୁଙ୍କ ଶିକାର ପାଇଁ ବନ କର୍ମଚାରୀଙ୍କ ଉପରେ ଗୁଳିମାଡ଼ କରିବାକୁ ପଛାଉନାହାନ୍ତି। ଏପରି ଘଟଣାକୁ ନେଇ ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷା ଦାୟିତ୍ୱରେ ପୁଲିସ ଓ ବନବିଭାଗ ମିଳିତ ଭାବେ କାର୍ଯ୍ୟ କରୁଥିବା ବେଳେ ଚଢ଼ଉ ସମୟରେ ପୁଲିସର ସହଯୋଗ ନ ନେବା ଅତ୍ୟନ୍ତ ବିପଜ୍ଜନକ ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ରାଜ୍ୟ ବନ ଉନ୍ନୟନ ନିଗମର ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

ସେହିପରି ଶିମିଳିପାଳ ଓ ବନକର୍ମଚାରୀଙ୍କ ସୁରକ୍ଷା ପାଇଁ ଆର୍ମ୍ସ ଚାଳନା ତାଲିମ ପ୍ରଦାନ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ବନ୍ଧୁକ ପ୍ରଦାନ କରାଯାଇନାହିଁ। ଫଳରେ ଖାଲି ହାତ ବା ଠେଙ୍ଗାରେ ଶିକାରୀ ଓ ଅଭିଯୁକ୍ତକୁ ଧରିବା ସମୟରେ କର୍ମଚାରୀମାନେ ବିପଦର ସମ୍ମୁଖୀନ ହେବା ସହ ପ୍ରାଣ ହରାଉଛନ୍ତି। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିଛନ୍ତି, ଆକ୍ରମଣ ଘଟଣାରେ କୌଣସି ଅଭିଯୁକ୍ତକୁ ଧରାଯାଇନଥିବା ବେଳେ କର୍ମଚାରୀଙ୍କୁ ବନ୍ଧୁକ ପ୍ରଦାନ କରାଯାଇନାହିଁ। ତେବେ କର୍ମଚାରୀଙ୍କ ସୁରକ୍ଷା ପାଇଁ ଉପରିସ୍ଥ ବିଭାଗକୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

## ସିଲ୍ ହେଲା ଶିମିଳିପାଳ ଆକ୍ୱାଫ୍ରେଶ୍



**ବାରିପଦା, ୨୩।୮ (ସମିସ):** ବାରିପଦାରେ ମତ୍ସ୍ୟ ବିଭାଗରେ ଅଧୀନରେ ଥିବା 'ଶିମିଳିପାଳ ଆକ୍ୱାଫ୍ରେଶ'ଟିକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ତଥା ପୁଲିସଙ୍କ ଉପସ୍ଥିରେ ପ୍ରଶାସନ ପକ୍ଷରୁ ସିଲ କରାଯାଇଛି। ସୂଚନାରୁ ଜଣାପଡ଼ିଛି ଜିଲ୍ଲା ସଦର ମହକୁମାରେ ତାଜା ମଧୁର ଜଳ ଓ ଲୁଣିପାଣି ଚିଙ୍ଗୁଡ଼ି, ମାଛ ଓ କଙ୍କଡା ଆଦି ସୁଲଭ ମୂଲ୍ୟରେ ବିକ୍ରୟ ଉଦ୍ଦେଶ୍ୟରେ ଉକ୍ତ ଆକ୍ୱାଫ୍ରେଶଟିକୁ ଲିଜ୍ ସୂତ୍ରରେ ଲକ୍ଷ୍ମୀପୋଷୀର ରାମକୃଷ୍ଣ ଏଜୁକେସନାଲ ଟ୍ରଷ୍ଟ ନାମକ ସଂସ୍ଥାକୁ ଲିଜ୍ ସୂତ୍ରରେ ଦିଆଯାଇଥିଲା। ମାତ୍ର ଚୁକ୍ତି ଖିଲାପ ଓ ମାସିକ ବକେୟା ଦେୟ ପୈଠ କରି ନ ଥିବାରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ସିଲ୍ କରି ନିଜ ହାତକୁ ନେଇଛନ୍ତି।

## ଅନୁଦାନ ଦାବିରେ କଲମ ଛାଡ଼ ଆନ୍ଦୋଳନ



**ଶୁଳିଆପଦା, ୨୩।୮ (ସମିସ):** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନଙ୍କ ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଛି।୨୦୦୮ ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନେ ସ୍ୱଳ୍ପ ପାରିଶ୍ରମିକରେ ଶିକ୍ଷାଦାନ ସହିତ ମହାବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟକରି ଆସୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସରକାର ସେମାନଙ୍କ ଦାବି ଶୁଣୁ ନାହାଁନ୍ତି। ସରକାର ଏ ସମ୍ପର୍କିତ କୌଣସି ନିଷ୍ପତ୍ତି ନେଇ ନଥିବାରୁ ଗତ ୧୬ ତାରିଖରେ ୪ ହଜାରରୁ ଅଧିକ ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ହୋଇପାରିଲା ନାହିଁ। ତେଣୁ ଅଗଷ୍ଟ ୧୮ ତାରିଖରୁ ପୂର୍ବ ଚେତାବନୀ ଅନୁଯାୟୀ ୪୮୮ ଓ ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ କଲମ ଛାଡ ଆନ୍ଦୋଳନ କରି ନିଜ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି। ସରକାର ଯେ ପର୍ଯ୍ୟନ୍ତ ନୂତନ ଅନୁଦାନ ନୀତି ପାଇଁ କୌଣସି ନିଷ୍ପତ୍ତି ନ ନେଇଛନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସମସ୍ତ ଅଧ୍ୟାପକ ଓ କର୍ମଚାରୀ ପ୍ରକାଶ କରିଛନ୍ତି। ଆନ୍ଦୋଳନ ଯୋଗୁଁ ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟ ସହିତ ଛାତ୍ରଛାତ୍ରୀଙ୍କର ପାଠପଢ଼ା ବାଧାପ୍ରାପ୍ତ ହେଉଛି।

## ତ୍ରି-ଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ



**ରାଇରଙ୍ଗପୁର, ୨୩।୮ (ସମିସ):** ରାଇରଙ୍ଗପୁର କଚେରୀ ପଡ଼ିଆରେ ରାଇରଙ୍ଗପୁର ଫୁଟବଲ ଆସୋସିଏସନ୍ ପକ୍ଷରୁ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅୟୋଜିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ କ୍ରୀଡ଼ା ଅନୁଷ୍ଠିତ ହେବ। ପ୍ରତ୍ୟକ ଦିନ ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ତିନି ଦିନରେ ୪୮ ଟିମ୍ ଅଂଶଗ୍ରହଣ କରିଛନ୍ତି। ତେବେ ବର୍ଷା ସତ୍ତ୍ୱେ ବି ଖେଳାଳିମାନେ ନିଜର ଦକ୍ଷତା ସହ ଖେଳ ପ୍ରଦର୍ଶନ କରିଥିଲେ। ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଉପସ୍ଥିତ ରହି ଖେଳାଳିମାନଙ୍କର ଉତ୍ସାହ କରିଥିଲେ। ଦ୍ୱିତୀୟ ଦିବସରେ ମହିଳା ଖେଳାଳିମାନଙ୍କ ଦ୍ୱାରା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳପଡ଼ିଆରେ ବର୍ଷା ସତ୍ତ୍ୱେ ଦର୍ଶକମାନେ ଭରପୁର ଖେଳକୁ ଉପଭୋଗ କରିବାର ପ୍ରତିଛବି ଦେଖିବାକୁ ମିଳିଥିଲା।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ବାରିପଦା, ୨୩।୮ (ସମିସ):** ବାରିପଦା ନିକଟ କରଞ୍ଜିଆ ସରସ୍ୱତୀ ଶିଶୁମନ୍ଦିରଠାରେ ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଭଞ୍ଜକିଶୋର ମହାନ୍ତ ଉଦ୍‌ଘାଟନ ଓ ପ୍ରଧାନଆଚାର୍ଯ୍ୟ ସନତା ମହାନ୍ତ ସ୍ୱାଗତ ଭାଷଣ ତଥା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବ୍ୟକ୍ତା ଭାବେ ବାରିପଦା ସରସ୍ୱତୀ ଶିଶୁମନ୍ଦିରର ପୂର୍ବତନ ଆଚାର୍ଯ୍ୟ ବିଷ୍ଣୁଚରଣ ମହାନ୍ତ ଯୋଗଦେଇ ଶିଶୁ ବାଟିକାରେ ଶିଶୁମାନଙ୍କର ବିକାଶରେ ପରିବାର ଓ ମାତାମାନଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏଥିରେ ଶିଶୁ ମନ୍ଦିରର ଗୁରୁମା ଚମ୍ପାବତୀ ମହାନ୍ତ, କନକ ଲତା ମହାନ୍ତ, ରଙ୍ଗଲତା ମହାନ୍ତ, ଅଞ୍ଜୁଲତା ମହାନ୍ତ, ପାୟଲ ମିଶ୍ର, ପାଏଲ ମହାନ୍ତ, ହେମଲତା ସିଂ ଓ ଗୁରୁଜୀ ସୁବଳ ଗୋଛାୟତ ଉପସ୍ଥିତ ରହିଥିଲେ। ଏଥିରେ ଶିଶୁ ବାଟିକା ଶ୍ରେଣୀର ମାଆମାନେ ଉପସ୍ଥିତ ଥିଲେ।

### ହାତୀପଲ ଦ୍ୱାରା କ୍ଷତିକୁ ପୂରିଲାଣି ବର୍ଷେ

# ଗୋଷ୍ଠୀକେନ୍ଦ୍ର ଓ ମମତାଗୃହରେ ଚାଲିଛି ବିଦ୍ୟାଳୟ

**ବାରିପଦା/ରାସଗୋବିନ୍ଦପୁର, ୨୩।୮ (ସମିସ)**





ଗୋଷ୍ଠୀକେନ୍ଦ୍ର ଓ ମମତା ଗୃହରେ ପାଠପଢ଼ା ଚାଲିଥିବା ବେଳେ ବାରଣ୍ଡାରେ ଭବିଷ୍ୟତ ଗଢା ହେଉଛି। ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ସରକାରଙ୍କ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହେଉଛି; କିନ୍ତୁ ହାତୀ ଉପଦ୍ରବ ଜନିତ ବିଦ୍ୟାଳୟ ଗୃହ ଭାଙ୍ଗିବା ଠାରୁ ପ୍ରାୟ ଏକ ବର୍ଷ ହେଲା ଗୋଷ୍ଠୀ କେନ୍ଦ୍ର ଓ ମମତା ଗୃହରେ ଚାଲିଛି ବିଦ୍ୟାଳୟ। ଏକ ଜରିପାଲ ତଳେ ଗୁହାଳ ଘରେ ମଧ୍ୟାହ୍ନ ଭୋଜନ ରୋଷେଇ ବି ହେଉଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ଦେଖାଯାଇଛି। ରାସଗୋବିନ୍ଦପୁର ବ୍ଲକରେ ବର୍ଷ ତମାମ ହାତୀପଲ ପାଇଁ ବିଭିନ୍ନ ସମୟରେ ଧନଜୀବନ କ୍ଷତି ହେଉଛି। ପ୍ରାୟ ଏକ ବର୍ଷ ପୂର୍ବେ ଜଙ୍ଗଲକୁ ଲାଗିଥିବା ବିଦ୍ୟାଳୟକୁ ହାତୀପଲ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ କରିଦେଇଛନ୍ତି। କପ୍ତିପଦା ଓ ଘାସମାରୀ ଦୁଇଟି ଗ୍ରାମକୁ ନେଇ ଘାସମାରୀରେ ୧୯୮୯ ମସିହାରୁ ସ୍ଥାପିତ ପ୍ରାଥମିକ ବିଦ୍ୟାଳୟରେ ୨୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୨ଜଣ ଶିକ୍ଷକ ଅଛନ୍ତି। ତେବେ ବଣୁଆ ହାତୀପଲ ସ୍କୁଲ ଘରକୁ ସପୂର୍ଣ୍ଣ ଭାଙ୍ଗି ମଧ୍ୟାହ୍ନ ଭୋଜନ ପାଇଁ ଉଦ୍ଦିଷ୍ଟ ଚାଉଳ ଖାଇବାସହିତ ଆସବାବପତ୍ର ସବୁ ନଷ୍ଟ କରିଦେଇଥିଲେ। କିଛିଦିନ ବିଦ୍ୟାଳୟ ବନ୍ଦ ରହିବା ପରେ ଗ୍ରାମବାସୀ ଆଲୋଚନା କରି ଗ୍ରାମରେ ଥିବା ଏକ ମମତା ଗୃହ ଓ ଗୋଷ୍ଠୀ କେନ୍ଦ୍ର (କମ୍ୟୁନିଟି ସେଣ୍ଟର)ରେ ବିଦ୍ୟାଳୟ ଚଳାଇବା ପାଇ ଅନୁମତି ଦେଇଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ସେଇଠାରେ ଚାଲିଛି ସ୍କୁଲ। ଛୋଟ ଛୋଟ କୋଠରୀରେ ପିଲାଙ୍କୁ ବସାଇ ପାଠ ପଢ଼ାଇବା ବହୁ କଷ୍ଟକର ହେଉଥିବା ବେଳେ ବିଦ୍ୟୁତ୍ ସଂଯୋଗ, ରୋଷେଇ ଘର ଓ ଶୌଚାଳୟ ନାହିଁ। ଛୋଟ କୋଠରୀରେ ସ୍କୁଲର ଆସବାବପତ୍ର ସାଙ୍ଗକୁ ପିଲା ବସି ପଢ଼ିବା କଷ୍ଟକର ହେଇପଡୁଛି। ଅତିରିକ୍ତ ଗରମ ହେଲେ ଘଣ୍ଟେ ଅନ୍ତରରେ ପିଲାମାନଙ୍କୁ ବାହାରକୁ ଛଡ଼ା ଯାଇଥାଏ। ସେହିପରି ରୋଷେଇ ଘର ନ ଥିବାରୁ ମଧ୍ୟାହ୍ନଭୋଜନ ରୋଷେଇ ହେଉଛି ଜରିପାଲ ତଳ ଛେଳିଗୁହାଳରେ। ଏଭଳି ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ପିଲାଙ୍କ ପାଇଁ ରୋଷେଇ ହେଉଛି। କାନ୍ଥ ନଥିବାରୁ ପତ୍ର ଧୂଳି ଉଡ଼ିବା ଯୋଗୁଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରୋଷେୟା। ତେବେ ପିଇବା, ରୋଷେଇ ପାଇଁ ପାଣି ଦୂରରୁ ଜଣଙ୍କ ଘରୁ ଆଣି ବ୍ୟବହାର ହେଉଛି ବୋଲି କହିଛନ୍ତି ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୁସାଲ ହେମ୍ବ୍ରମ ଓ ରୋଷେୟା ଫୁଲମଣୀ ମୁର୍ମୁ। ତେବେ ଦୁଇ ଗ୍ରାମର ସହମତି ବିଦ୍ୟାଳୟ ନୂତନ ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇ ରାସଗୋବିନ୍ଦପୁର ବିଇଓ, ବିଡିଓ ଓ ମୋରଡା ବିଧାୟକ ତଥା ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦିଆଯାଇଛି ବୋଲି ୱାର୍ଡ ମେମ୍ବର ଗାଜୁ ହେମ୍ବ୍ରମ ଓ ପୂର୍ବତନ ୱାର୍ଡ ମେମ୍ବର ସାକିଲା କିସ୍କୁ କହିଥିବା ବେଳେ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟର ଖୋଜ ଖବର ନାହିଁ। ତେବେ ଜଙ୍ଗଲ ଜମି ହୋଇଥିବାରୁ ସରକାରୀ ସ୍କୁଲ ଗୃହ ନିର୍ମାଣରେ ବିଳମ୍ବ ହେଉଥିବା ବେଳେ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଯଥାଶୀଘ୍ର କିପରି ଗୃହ ନିର୍ମାଣ ହେବ ସେନେଇ ଚେଷ୍ଟା କରାଯାଉଛି। ଅପରପକ୍ଷରେ ରାସଗୋବିନ୍ଦପୁର ବିଇଓ ଦାୟିତ୍ୱରେ ଥିବା ମୋରଡା ବିଇଓ ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି ଯେ, ବିଡିଓଙ୍କ ସହିତ ଆଲୋଚନା ହେଇଛି। ଯଥାଶୀଘ୍ର ସ୍କୁଲ ଗୃହ, ରୋଷେଇ ଘର ସହିତ ଶୌଚାଳୟ ନିର୍ମାଣ ହେବ ବୋଲି ବିଡିଓ କହିଥିବା କଥା କହିଛନ୍ତି।

- ଛେଳି ଗୃହରେ ମଧ୍ୟାହ୍ନ ଭୋଜନ ରୋଷେଇ
- ନୂତନ ବିଦ୍ୟାଳୟ କେବେ

### ଟିଙ୍ଗିରିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ

## ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ଅବ୍ୟବସ୍ଥା






**ଶୁକ୍ରୁଲି/ରରୁଆଁ, ୨୩।୮ (ସମିସ):** ରରୁଆଁ ବ୍ଲକ ଅଧୀନ ଟିଙ୍ଗିରିଆସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପ୍ରଗତି ଏବଂ ସାମଗ୍ରିକ ବିକାଶ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଚଳିତ ଶିକ୍ଷାବର୍ଷରେ ଅଭିଭାବକ-ଶିକ୍ଷକଙ୍କ ୨ୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଯାତ୍ରାରେ ନିରନ୍ତର ସମର୍ଥନ ଏବଂ ମାର୍ଗଦର୍ଶନ ସୁନିଶ୍ଚିତ କରିବା ପାଇଁ ବହୁ ଅଭିଭାବକ ଉପସ୍ଥିତ ରହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ପଦ ପୂରଣ କରିବା ସହ ଆବଶ୍ୟକ ନିୟମିତ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି କରିବାକୁ ଅଭିଭାବକ ମତ ଦେଇଥିଲେ। ଏଥିସହ ଅପରାହ୍ଣ ୨ଟାରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଣେ ପାଚିକା ଅଧ୍ୟୟନରତ ୪ଶହ ପିଲାଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରିବା କଷ୍ଟକର ବ୍ୟାପାର ହୋଇଥିବାରୁ ତୁରନ୍ତ ଅଧିକ ସଂଖ୍ୟକ ପାଚିକା, ସହାୟିକା ନିଯୁକ୍ତ କରିବା ଦାବି କରିଛନ୍ତି। ଖାଦ୍ୟରେ ଆଳୁ, ପାଣିଆ ଡାଲି ଓ ସିଝା ଅଣ୍ଡା ଦିଆଯାଇଥିବା ବେଳେ ନିରାମିଷ ଭୋଜନରେ ଅଣ୍ଡା ବଦଳରେ କଦଳୀ ପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଯଶିପୁର ବିଧାୟକ ତଥା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ମଣ୍ଡଳ ସଭାପତି ରଞ୍ଜନ ଦଳେଇ ଅବଗତ କରାଇଥିଲେ। ଆଗାମୀ ଦିନରେ ଜିଲ୍ଲାପାଳ ଟିଙ୍ଗିରିଆ ଗସ୍ତକରି ହଷ୍ଟେଲ ଓ ବିଦ୍ୟାଳୟ ପରିଚାଳନା ସମ୍ପର୍କରେ ତଦାରଖ କରିବାକୁ ଅଭିଭାବକ ନିବେଦନ କରିଛନ୍ତି।

**୪ଶହ ଛାତ୍ରଛାତ୍ରୀଙ୍କ ପାଇଁ ନିୟୋଜିତ ଜଣେ ପାଚିକା**

## ବିଜେଡିର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା



**ସାରସକଣା, ୨୩।୮ (ସମିସ):** ସାରସକଣା ବ୍ଲକ ବାଲିଆ ସାହିସ୍ଥିତ ଶିବପାର୍ବତୀ ମଣ୍ଡପରେ ବିଜୁ ଜନତା ଦଳ ତରଫରୁ ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲ୍ଲା ସଭାପତି ଦେବାଶିଷ ମାରାଣ୍ଡି, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ଉପସଭାପତି ଅମରେନ୍ଦ୍ର କରଙ୍କ ସଭାପତିତ୍ୱରେ ନୂତନ ଜିଲ୍ଲା ସଭାପତି ଦେବାଶିଷ ମାରାଣ୍ଡି ଓ ବ୍ଲକ ସଭାପତି ମଣି ଶଙ୍କର ବାରିକ୍‌ଙ୍କୁ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଦେବାଶିଷ ମାରାଣ୍ଡି କହିଥିଲେ ଯେ, ବିଜେଡି ଏବେ ବି ଲୋକଙ୍କ ହୃଦୟରେ ଅଛି ଏବଂ ଶେଷ ନିଶ୍ୱାସ ଥିବା ଯାଏଁ ସାରସକଣା ବାସୀଙ୍କ ସେବା କରିବି। ସାରସକଣା ଓ ଝାରପୋଖରୀଆକୁ ଏନଏସିରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରକୁ ଦାବି ଜଣେଇବା। ନହେଲେ ଆଗାମୀ ଦିନରେ ବିରୋଧ କରିବା ପାଇଁ ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ଆହ୍ୱାନ ଦେଇଥିଲେ। ଦେବାଶିଷ ମାହାନ୍ତି କହିଥିଲେ ଲୋକମାନଙ୍କ ହକ୍ ପାଇଁ ଆମେ ଲଢେଇ ଜାରିରଖିବୁ। ବହୁତ ସଂଖ୍ୟାରେ ମହିଳା, ଯୁବ ଓ ଛାତ୍ର ବିଜୁ ପ୍ରେମୀ ଯୋଗଦେଇଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ତେଣୁ ସମସ୍ତେ ଏକାଠି ହୋଇ ଗଠନକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର

### ଅଳ୍ପକେ ବର୍ତ୍ତିଲେ ଦୁଇ ପରିବାର

**ବୈଶିଙ୍ଗା, ୨୩।୮ (ସମିସ):** ଲଗାଣ ବର୍ଷା ଲାଗି ରହିବା ଫଳରେ ବେତନଟୀ ବ୍ଲକ ଅଧୀନ ଗଡ଼ଦେଉଳିଆ ପଞ୍ଚାୟତ ଅଧୀନ ଶ୍ରୀବସ୍ତପୁର ଗ୍ରାମର ସନ୍ତୋଷ ମହାନ୍ତି ଓ ଚାଞ୍ଚିପଦା ପଞ୍ଚାୟତର ମଗୁଶୁରିଆ ଗାଁ ମହେନ୍ଦ୍ର ମହାନ୍ତିଙ୍କର ଘର ଭାଙ୍ଗିଥିବା ନେଇ ସୂଚନା ମିଳିଛି। ଭଙ୍ଗା ଦଦରା ନୁଆଁଣିଆ ଆଜବେଷ୍ଟସ ଓ ଟାଇଲ ଘରେ କଟୁଥିଲା ଦିନ; ହେଲ ବର୍ଷା କରିଦେଲା ବେସାହାରା। ଦିନବେଳା ଘର ଲୋକେ ବାହାରେ ଥିବାରୁ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ଗାଁର ସେହି ଭଙ୍ଗାରୁଜା ଘରେ ତାଙ୍କ ଜୀବନ ବିତୁଥିବା ବେଳେ ଲଗାଣ ବର୍ଷା ଯୋଗୁଁ ଚାଳ ଘର ଏବେ ମାଟିରେ ମିଶିଯିବାକୁ ବସିଛି। ଯାହାଫଳରେ ଆଗାମୀ ଦିନରେ ନିଜ ପରିବାର ସହ ଅନ୍ୟ ଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେବେ ଉଭୟ ପରିବାର। ପ୍ରଶାସନ ପକ୍ଷରୁ ସାହାଯ୍ୟ କରିବାକୁ ତଥା ଆବାସ ଖଣ୍ଡିଏ ପାଇଁ ସନ୍ତୋଷ ଓ ମହେନ୍ଦ୍ରଙ୍କ ପରିବାର ବର୍ଗ ନିବେଦନ କରିଛନ୍ତି।



## ସରକାରୀ ମହିଳା ମହାବିଦ୍ୟାଳୟରେ 'ଆଣ୍ଟି ରାଗିଂ' ସଚେତନତା

ବାରିପଦା, ୨୩।୮ (ସମିସ): ସରକାରୀ ମହିଳା ମହାବିଦ୍ୟାଳୟରେ ଆଣ୍ଟି ରାଗିଂ ସେଲ ଏବଂ ଆଇକ୍ୟୁଏସି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଡ. ଅଞ୍ଜନା ପୃଷ୍ଟି ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଏବଂ ଜଗତର ନାଥ ଜଗନ୍ନାଥଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷା ଡ. ସାଗରିକା ସିଂହ ରାଗିଙ୍ଗର ଅପକାରିତା ଏବଂ ଏଥିରେ ସଂଶ୍ଳିଷ୍ଟ ଛାତ୍ରୀ ଆଇନଗତ ଦଣ୍ଡବିଧାନ ଭୋଗିପାରେ ବୋଲି ସୂଚାଇଥିଲେ। ମହାବିଦ୍ୟାଳର ପ୍ରଶାସନିକ ଅଧିକାରୀ ଡ. ଚନ୍ଦ୍ର କାନ୍ତ ଦାସ କହିଲେ ରାଗିଂ ବିକୃତ ମାନସିକତାର ପ୍ରତିଫଳନ। କେବଳ ଅନୁଷ୍ଠାନ ନୁହେଁ ସମାଜର ପ୍ରତିଟି କ୍ଷେତ୍ରରେ ଶାରୀରିକ ଓ ମାନସିକ ନିର୍ଯାତନା କାୟାବିସ୍ତାର କରିଛି ବୋଲି ଜଣାଇଥିଲେ। ପଦାର୍ଥ ବିଜ୍ଞାନର ମୁଖ୍ୟା ଡ. ଅନୁପମା ଭୋଳ ନିଜ ଅଙ୍ଗେ ନିଭା ଅନୁଭୂତି ବିଷୟରେ ବଖାଣିଥିଲେ। ରସାୟନ ବିଜ୍ଞାନର ମୁଖ୍ୟ ଡ. ବିଘ୍ନାଂଶୁ କୁମାର ଜେନା ରାଗିଂ ଓ ତାର ଆଇଗତ କାର୍ଯ୍ୟାନୁଷ୍ଠାନ ଉପରେ ବିଶଦ ଆଲୋଚନା କରିଥିଲେ। ଶେଷରେ ପଦାର୍ଥ ବିଜ୍ଞାନର ସହକାରୀ ପ୍ରଫେସର ଡ. ଶାନ୍ତନୁ କୁମାର ପରିଡ଼ା ଧନ୍ୟବାଦ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀଗଣ ଉପସ୍ଥିତ ରହିଥିଲେ।




# ଅଗଷ୍ଟ ୧୫ ପରେ ମଧ୍ୟ ପିଲାଙ୍କୁ ମିଳିନି ପୋଷାକ

**ବହସାହି, ୨୩।୮ (ସମିସ)**



ପୂର୍ବରୁ ପ୍ରତି ବର୍ଷ ଅଗଷ୍ଟ ୧୫ସୁଦ୍ଧା ବିଦ୍ୟାଳୟର ପ୍ରାୟ ପିଲାମାନଙ୍କୁ ପୋଷାକ ବଣ୍ଟନ କରାଯାଇଥାଏ। ଗତବର୍ଷ କୌଣସି କାରଣରୁ ପୋଷାକ ଯୋଗାଣ ବିଳମ୍ବ ହେବା ସହିତ ବହୁ ଯୋଗାଣକାରୀ ଗ୍ରୁପ୍ ଓ ସଂସ୍ଥା କ୍ଷତିଗ୍ରସ୍ତ ହୋଇଥିବାର ଜଣାଯାଇଛି। ଏପରିକି କେତେକ ବିଦ୍ୟାଳୟର ଛାତ୍ରଛାତ୍ରୀ ପୋଷାକ ପାଇ ନ ଥିବାର ମଧ୍ୟ ଅଭିଯୋଗ ଉଠିଥିଲା।

ମାତ୍ର ବର୍ତ୍ତମାନର ସରକାର ଗଙ୍ଗାଧର ମେହେର ଶିକ୍ଷାମାନକ ବୃଦ୍ଧି ଯୋଜନା ଓ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ପୋଷାକ ଯୋଗାଉଥିବା ବେଳେ ବିଭାଗର ଦିଶାହୀନ ବ୍ୟବସ୍ଥା ପାଇଁ ଚଳିତ ବର୍ଷ ମଧ୍ୟ ପିଲାମାନେ ଅଗଷ୍ଟ ୧୫ସୁଦ୍ଧା ପୋଷାକ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ ହେଉଛି। ବିଭାଗ ସୂତ୍ରରୁ ଜଣାଯାଇଛି, ବିଏଲସି(ବ୍ଲକ ଲେବେଲ କମିଟି) ପୋଷାକ ଯୋଗାଣକାରୀ ଗ୍ରୁପ ଓ ସଂସ୍ଥାର ଆବେଦନକୁ ବିଚାରକରି ତଦନ୍ତ ପୂର୍ବକ ୧୪ ଅଗଷ୍ଟ ସୁଦ୍ଧା ଡିଏଲସିକୁ ପଠାଇବା କଥା। ମାତ୍ର ଏଥିରେ ବିଳମ୍ବ ପାଇଁ ପୁଣି ଧାର୍ଯ୍ୟ ତାରିଖକୁ ୨୨ ଅଗଷ୍ଟକୁ ଘୁଞ୍ଚାଯାଇଥିଲା ଏବଂ ସେପ୍ଟେମ୍ବର ୧୦ ସୁଦ୍ଧା ପୋଷାକ ବଣ୍ଟନ ପାଇଁ ନିର୍ଦ୍ଦେଶ ରହିଛି। ବ୍ଲକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୨୩୩ଟି ବିଦ୍ୟାଳୟର ୧୫, ୮୭୪ ଜଣ ପିଲାଙ୍କୁ (୫ଶହ ଟଙ୍କା ଦରରେ) ପୋଷାକ ଯୋଗାଣ ପାଇଁ ଏସ୍‌ଏଚ୍‌ଜି ଗ୍ରୁପ ଓ ଯୋଗାଣକାରୀ ସଂସ୍ଥା ମିଶି ୧୨୦ଟି ଆବେଦନ ହୋଇଥିଲା। ଯେଉଁ ଗ୍ରୁପମାନେ ବର୍ଷ ବର୍ଷ ଧରି ପୋଷାକ ଯୋଗାଇ ଆସୁଥିଲେ ବିଭିନ୍ନ ଆଳ କରି ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କଟାଯାଇଥିବାର ଅଭିଯୋଗ ହେଉଛି। ଯୋଗ୍ୟତାଭିତିକ ତଦନ୍ତରେ ଏହାକୁ ୩୨ରେ ସୀମିତ ରଖାଯାଇଛି। ପୁଣି ଏସଏଚଜିକୁ ଉପେକ୍ଷା କରି ଏମଏସଇକୁ ଅନୁକମ୍ପା ଦେଖାଇ ଏହାକୁ ୨୦ରେ ସୀମିତ ରଖିବାକୁ ବିଧିବଦ୍ଧ ଯୋଜନା ପ୍ରସ୍ତୁତ ହୋଇଥିବାର ଅଭିଯୋଗ ଉଠିଛି। ବିଏଲସିରେ ନ ଥିବା ଅନ୍ୟ ବିଭାଗର ଜଣେ କର୍ମଚାରୀ ଏଥିରେ ଡିଲ କରୁଥିବାର ଜଣାଯାଇଛି। ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ପୋଷାକ ଯୋଗାଇବା ପାଇଁ ୪୩ଟି ଗ୍ରୁପ ଓ ଯୋଗାଣକାରୀ ସଂସ୍ଥା ଆବେଦନ କରିଥିଲେ ହେଁ ଅଦ୍ୟାବଧି ସେମାନଙ୍କ ସମ୍ପର୍କରେ ବିଏଲସି ମିଟିଂ ହୋଇ ନ ଥିବାର ବିଇଓ ମଧୁସ୍ମିତା ଗିରି କହିଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀର ପିଲାଙ୍କ କାମ ପାଇଁ ବିଡିଓଙ୍କ ନିକଟକୁ ଫାଇଲ ଯାଇଛି। ଏହିସବୁ ଅନିୟମିତତା ପାଇଁ ଏସଏଚଜି ମହିଳା ମାନେ ପ୍ରତିବାଦ କରିବା ପାଇଁ ସଜବାଜ ହେଉଥିବାର ଜଣାଯାଇଛି। ସେହିପରି ସମସ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ହଳେ ଜୋତା, ୨ହଳ ମୋଜା, ଗୋଟିଏ ଟି-ସାର୍ଟ, ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ଗୋଟିଏ ଟୋପି ଏବଂ ଆଇ-କାର୍ଡ ଦେବାର ବ୍ୟବସ୍ଥା ଥିଲେ ହେଁ ତାହା ମଧ୍ୟ ପ୍ରଦାନ କରାଯାଇ ନ ଥିବାର ଅଭିଯୋଗ ହେଉଛି। ବିଏଲସିରେ ବିଡିଓ ଚେୟାରପର୍ସନ ହୋଇଥିବା ବେଳେ ବିଇଓ କନଭେନର ଓ ସିଡିପିଓ, ଆଇପିଓ, ବିପିସି ଓ ମିଶନଶକ୍ତି ସଭାପତି ସଦସ୍ୟ ଥିବାର ଜଣାଯାଇଛି। ଏସମ୍ପର୍କରେ ବିଡିଓ ବନଜା ଦାସଙ୍କୁ ପଚାରିବାରୁ ସେ ଅନିୟମିତତାକୁ ଅସ୍ୱୀକାର କରିଥିବା ବେଳେ ଖୁବଶୀଘ୍ର ସବୁ କାମ ସରିବ ବୋଲି କହିଛନ୍ତି।

**ଏସ୍‌ଏଚ୍‌ଜିକୁ ଉପେକ୍ଷା, ଏମ୍‌ଏସ୍‌ଇକୁ ଅନୁକମ୍ପା ଅଭିଯୋଗ**



# ଜାତୀୟ ଅନ୍ତରୀକ୍ଷ ଦିବସ

ବାଲେଶ୍ୱର,୨୩।୮ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ଅନ୍ତରୀକ୍ଷ ଦିବସ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗର ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର ଅନ୍ତରିକ୍ଷ ଗବେଷଣାର ଯାତ୍ରା ଓ ଭବିଷ୍ୟତ ଯୋଜନା ଉପରେ ଆଲୋଚନା ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ସ୍ପେସ ସାଇନ୍ସର ଆଧୁନିକ ଯୁଗରେ ପ୍ରାସଙ୍ଗିକତାକୁ ବ୍ୟାଖ୍ୟା କରିଥିଲେ। ବକ୍ତା ଭାବେ କୋଲକାତା ଭି.ଇ.ସି.ସିର ବୈଜ୍ଞାନିକ (ଜି) ଡ଼କ୍ଟର ଯଯାତି କେଶରୀ ନାୟକ ଓ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଆଇ.ଟି.ଆର୍, ଡି.ଆର୍.ଡି.ଓ ର ବୈଜ୍ଞାନିକ (ଏଫ) ଡ. ପ୍ରଭାକର ମଲ୍ଲିକଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟ ଯଥା ସ୍ୟାଟେଲାଇଟ ମାଧ୍ୟମରେ ପରିବେଶ ଓ ପର୍ଯ୍ୟାବରଣ ନିରୀକ୍ଷଣ, ନୂତନ ପ୍ରଯୁକ୍ତିରେ ସ୍ପେସ କମ୍ୟୁନିକେଶନ ଓ ନେଭିଗେଶନ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଭୂମିକା, ଅନ୍ତରୀକ୍ଷ ପ୍ରଯୁକ୍ତିର ସାମାଜିକ ଓ ଆର୍ଥିକ ପ୍ରଭାବ ଉପରେ ଚର୍ଚ୍ଚା ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ। ଡ. ରାଜୀବ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ ଓ ମଞ୍ଚ ପରିଚାଳନା ଡ. ବିବେକାନନ୍ଦ ନାୟକ କରିଥିଲେ।




# ସହରରେ ଲଗାଣ ବର୍ଷା ନୂଆସାହିରେ କୃତ୍ରିମ ବନ୍ୟା

## ରାସ୍ତା ଉପରେ ଦୁଇଫୁଟ ପାଣି





ବାଲେଶ୍ୱର,୨୩।୮ (ସମିସ)

ଗତ ତିନି ଦିନ ହେବ ଲାଗି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା। ଫଳରେ ତିନିଦିନରେ ବାଲେଶ୍ୱର ସହରରେ ମୋଟ ୭୦ମିମି ବର୍ଷାର ପରିମାଣ ରେକର୍ଡ ହୋଇଥିବା ବେଳେ ଗତଦୁଇ ଦିନରେ ସର୍ବାଧିକ ୫୩ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଏହାଛଡା ଏହି ତିନି ଦିନରେ ଜିଲ୍ଲାରେ ୨୮.୨୫ପ୍ରତିଶତ ହାରରେ ମୋଟ ୩୩୯ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଏହାର ପ୍ରଭାବରେ ବାଲେଶ୍ୱର ସହର ସମେତ ରେମୁଣା ଗୋଲେଇଠାରୁ ବାଲେଶ୍ୱର ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଅଢ଼େଇ ଫୁଟର ପାଣି ଚାଲୁଛି। ଫଳରେ ଯିବା ଆସିବାରେ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ନାପସନ୍ଦ କରୁଥିବା ବେଳେ ଏହାର ସ୍ଥାୟୀ ସମାଧାନ କରିବାକୁ ପ୍ରଶାସନଠାରେ ଦାବି ରଖିଛନ୍ତି।

ଲଘୁଚାପ ଜନିତ ଲଗାଣ ବର୍ଷା ଗତ ତିନିଦିନ ହେବ ଲାଗି ରହିଛି। ଗତ ଗତ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ପ୍ରବଳ ବର୍ଷା ହୋଇଥିବା ଆଜି ମଧ୍ୟ ବର୍ଷା ଲାଗି ରହିଛି। ଏହି ବର୍ଷା ଫଳରେ ଜନଜୀବନ ଅସତବ୍ୟସ୍ତ ହୋଇପଡ଼ିଥିବା ବେଳେ ସହରରେ ଡ୍ରେନ ସମସ୍ୟା ପାଇଁ ବର୍ଷା ପାଣି ରାସ୍ତାରେ ଲହଡି ଭାଙ୍ଗୁଛି। ନୂଆସାହିରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ରାସ୍ତା ଉପରେ ଦୁଇ ଫୁଟରୁ ଅଧିକ ପାଣି ଚାଲୁଥିବା ବେଳେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ରାସ୍ତାରେ ପାଣି ଅଧିକ ହୋଇଯିବା ଫଳରେ ଲୋକେ ଗାଡି ଗଡେଇ ଗଡେଇ ନେଉଥିବା ଦେଖିବାକୁ ମିଳିଛି। ଏପରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଗୁଡିକରେ ପାଣି ପଶିଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ବାଲେଶ୍ୱରରେ ଏହି ଡ୍ରେନ ସମସ୍ୟା ଦୀର୍ଘ ବର୍ଷ ଧରି ଲାଗି ରହିଛି। ବଲେଶ୍ୱରରେ ମହାନାଳ ଏବଂ ଏହାକୁ ସଂଯୋଗ କରୁଥିବା ବିଭିନ୍ନ ଛୋଟ ଓ ବଡ ନାଳ ଗୁଡିକୁ ସଠିକ ଭାବେ ସଫା କରାଯାଉ ନଥିବାରୁ ଏଭଳି ଅସୁବିଧା ପରିଲିକ୍ଷିତ ହେଉଛି। ଫଳରେ ଟିକେ ବର୍ଷା ହେଲେ ସହରରେ ସୃଷ୍ଟି ହେଉଛି କୃତ୍ରିମ ବନ୍ୟା। ଏହାକୁ ସ୍ଥାୟୀ ସମାଧାନ ପାଇଁ ପୌରପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ବ୍ୟବସ୍ଥା କରୁନଥିବା ବେଳେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜିର ଏହି ବର୍ଷା ଫଳରେ ରାସ୍ତାରେ ପାଣି ଚାଲୁଥିବା ବେଳେ ଦୋକାନ ଗୁଡିକରେ ମଧ୍ୟ ପାଣି ଯାଇଛି। ଫଳରେ ଅଧା ଦୋକାନ ଆଜି ସେଠାରେ ବନ୍ଦ ରହିଛି। ଅନ୍ୟପଟେ ଦେଖିବାକୁ ଗଲେ ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କ ଠାରୁ ଆରମ୍ଭ କରି ରେମୁଣା ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ ଓ ସଦର ବିଧାୟକ ମାନସ କୁମାର ଦତ୍ତ ଏହାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ପ୍ରକାର ଧ୍ୟାନ ଦେଉ ନାହାନ୍ତି। ସ୍ଥାନୀୟ ବାସିନ୍ଦା ରଘୁନାଥ ପଣ୍ଡା କହିଛନ୍ତି ଯେ, ନୂଆସାହିରେ ଏଭଳି ସମସ୍ୟା ଦୀର୍ଘଦିନ ହେବ ଲାଗିରହିଛି। ଏହି ରାସ୍ତା ଉପରେ ଦୁଇଫୁଟରୁ ଅଧିକ ପାଣି ଚାଲୁଥିବା ବେଳେ ଯିବା ଆସିବାରେ ଅସୁବିଧା ହେଉଛି। ଏପରିକି ସାଇକେଲ ଚଲାଇ ଯିବା କଷ୍ଟକର ହେଉଥିବା ବେଳେ ବାଧ୍ୟ ଗଡେଇ ଯିବାକୁ ପଡୁଛି। ହେଲେ ମହାନାଳ ସଫେଇ କାର୍ଯ୍ୟ ସଠିକ ଭାବେ ହେଉନଥିବା ବେଳେ ଯାହାକି ସଫା ହେଉଛି ତାହା ଅଧା ହୋଇ ରହିଯାଉଛି। କେବଳ ନାମକୁ ମାତ୍ର ସଫା ହେଉଛି, ବାସ୍ତବରେ ଏଭଳି ସଫେଇ କାର୍ଯ୍ୟ ହେଉଥାଆନ୍ତା ତେବେ ଆଜି ଏଭଳି ପରିସ୍ଥିତି ଦେଖିବାକୁ ମିଳି ନ ଥାଆନ୍ତା।

# ଜିଲ୍ଲା ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି




ବାଲେଶ୍ୱର,୨୩।୮ (ସମିସ): ଜିଲ୍ଲା ସବ୍ ରେଜିଷ୍ଟ୍ରାରଙ୍କ ଅନିୟମିତତା ବିରୁଦ୍ଧରେ ୧୧ ତାରିଖ ଠାରୁ ବାଲେଶ୍ୱର ଜିଲ୍ଲା ମୋହରିର ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସିଛନ୍ତି। ଏବେ ବି ଜାରି ରହିଛି ଆନ୍ଦୋଳନ। କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ଯୋଗୁ ହଇରାଣ ହେଉଛନ୍ତି ସାଧାରଣ ଲୋକେ। ଜିଲ୍ଲାରେ ଜମି କିଣାବିକା ନେଇ ଅଚଳାବସ୍ଥା। ଅନ୍ୟପଟେ ଦାବି ପୂରଣ ନେଇ ଏଡିଏ ବୁଝିବେ କହିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ସେମାନଙ୍କ ଆନ୍ଦୋଳନ ଜାରି ରହିଛି ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ତେବେ ବିଜୁ ଜନତା ଦଳ ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜେଡ଼ିର ଏକ ପ୍ରତିନିଧି ଦଳ ଧର୍ମଘଟ କରୁଥିବା ଜିଲ୍ଲା ମୋହରିର ସଂଘ (ଆଡଭୋକେଟ୍ସ କ୍ଲର୍କ ଆସୋସିଏସନ)ର ସଦସ୍ୟମାନଙ୍କୁ ଭେଟିଛନ୍ତି। ଜମି ପଞ୍ଜୀକରଣ ନିର୍ଦ୍ଦେଶାବଳୀରେ ହଠାତ୍ ପରିବର୍ତ୍ତନ ଯୋଗୁଁ ହୋଇଥିବା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ବାଲେଶ୍ୱରର ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥ ପାଇଁ ଡିଏମ୍ ବାଲେଶ୍ୱର, ସରକାରୀ କର୍ତ୍ତୃପକ୍ଷଙ୍କ ସହିତ ଏହି ମାମଲା ଉଠାଇବାକୁ ଏବଂ ସମସ୍ୟାର ସମାଧାନ କରିବାକୁ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ। ଏନେଇ ଜିଲ୍ଲାପାଳଙ୍କ ସହିତ ଏଡିଏମଙ୍କ ସହିତ ଆଲୋଚନା କରାଯାଇଛି ବୋଲି ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ କହିଛନ୍ତି। ଏଥିରେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସୁଧାଂଶୁ ଶେଖର ପରିଡା, ସାଂସଦ ପ୍ରାର୍ଥୀ ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲା ପରିଷଦ ସଦସ୍ୟ ଏବଂ ବାଲେଶ୍ୱର ପୌର ପରିଷଦର କାଉନସିଲରମାନେ ଉପସ୍ଥିତ ଥିଲେ। ସେହିପରି ଯୁବନେତା ବିକ୍ରମ ପଣ୍ଡା ମଧ୍ୟ ଧାରଣାରେ ବସିଥିବା ବାଲେଶ୍ୱର ମୋହରିର ସଂଘକୁ ଭେଟିଥିଲେ। ଜିଲ୍ଲାରେ ଜମି କିଣାବିକାକୁ ନେଇ ଅଚଳାବସ୍ଥା ସୃଷ୍ଟି ହେଉଛି, ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାରଣା ସ୍ଥଳକୁ ଯାଇ ସେମାନଙ୍କୁ ଭେଟିବା ସହ ଏଡିଏମ୍‌ଙ୍କ ସହ ଆଲୋଚନା କରିଥିଲେ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି, ଜିଲ୍ଲା ସବ୍‌ରେଜିଷ୍ଟ୍ରାରଙ୍କ ମନମୁଖି ଭାବେ ବିଭିନ୍ନ ପ୍ରକାର ଦଲିଲକୁ ଗ୍ରହଣ ନ କରି ଫେରସ୍ତ ଦେଉଥିବାରୁ ଜନସାଧାରଣ ଅତିଷ୍ଠ ହୋଇ ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ଲିଖିତ ଅଭିଯୋଗ କରିବା ସଙ୍ଗେ ସଙ୍ଗେ ଜିଲ୍ଲା ମୋହିରର ସଂଘକୁ ଜଣାଇବାରେ ସଂଘର ଏକ ଜରୁରୀ ବୈଠକ ଆହ୍ୱାନ କରାଯାଇଥିଲା। ବାଲେଶ୍ୱର ଜନସାଧାରଣଙ୍କ ଅଭିଯୋଗକୁ ଗ୍ରହଣ କରି ଜିଲ୍ଲା ସଂଘ ଚଳିତ ମାସ ୭ ତାରିଖ ସାଧାରଣ ବୈଠକର ନିଷ୍ପତ୍ତି ଅନୁସାରେ ବାଲେଶ୍ୱର ମୁଖ୍ୟାଳୟର ଦଲିଲ ଲେଖକ ମୋହରିରମାନେ ୧୧ ତାରିଖଠାରୁ ଦଲିଲ ଲେଖିବା ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ ରଖିବାର ସିଦ୍ଧାନ୍ତ ହେଲା।

## ଆନ୍ଦୋଳନକାରୀଙ୍କୁ ଭେଟିଲା ବିଜେଡି ଟିମ୍

# ପାଣିରେ ପଡ଼ି ଶିଶୁକନ୍ୟା ମୃତ

ବାଲିଆପାଳ, ୨୩।୮ (ସମିସ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ଦେଉଳା ଗ୍ରାମରେ ପଦ୍ମଲୋଚନ ପାଢ଼ୀଙ୍କ ଝିଅ ଭାଗ୍ୟଲକ୍ଷ୍ମୀ (୯) ଶୁକ୍ରବାର ଦିନ ସନ୍ଧ୍ୟାରେ ନିକଟସ୍ଥ ନାଜଣ୍ଡିଆ ପୋଖରୀକୁ ଗୋଡ ଧୋଇବା ପାଇଁ ଯାଇଥିବା ସମୟରେ ପାଣିରେ ପଡିଯାଇଥିଲେ। ଜୋତା ଦେଖି ପରିବାର ଲୋକ ଓ ଗ୍ରାମବାସୀ ଖୋଜାଖୋଜି କରିବା ପରେ ପାଣିରୁ ଝିଅଟିର ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ ବାଲିଆପାଳ ଥାନାରେ ଏକ ଅପମୃତତ୍ୟୁ ମାମଲା ରୁଜୁ ହେବା ସହିତ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ମୁସଲିମ ୱେଲଫେୟାର ସୋସାଇଟିର ସ୍ୱାସ୍ଥ୍ୟ ଶିବିର



ବାଲେଶ୍ୱର,୨୩।୮ (ସମିସ): ମୁସଲିମ ୱେଲଫେୟାର ସୋସାଇଟି ପକ୍ଷରୁ ଶନିବାର ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ରିତିକ ଜି ଯୋଗ ଦେଇଥିଲେ। ମେଡ଼ିସିନ, ଅସ୍ଥିଶଲ୍ୟ, ଶିଶୁ ରୋଗ ଏବଂ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ମାନେ ଉପସ୍ଥିତ ରହି ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ସେହିପରି ରକ୍ତଚାପ ଏବଂ ଡାଇବେଟିସ ପରୀକ୍ଷା ମଧ୍ୟ ସୋସାଇଟି ପକ୍ଷରୁ ନିଶୁଳ୍କ ଭାବେ କରାଯାଇଛି। ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ମୁସଲିମ ୱେଲଫେୟାର ସୋସାଇଟି ଦୀର୍ଘ ଦଶନ୍ଧି ଧରି ଗରିବ ଦୁଃଖୀଙ୍କ ପ୍ରିୟ ଭାଜନ ହୋଇପାରିଛି। ସାନଭିକା ପଲିକ୍ଲିନିକ ସହଯୋଗରେ ଆୟୋଜିତ ଏହି ଶିବିରରେ ମୁସଲିମ ୱେଲଫେୟାର ସୋସାଇଟିର ସଭାପତି ମୁକ୍ତାର ଆହେମଦ, ସମ୍ପାଦକ ସେଖ ଆୟୁବ ଶିବୁ, ଉପ ସଭାପତି ମହମ୍ମଦ ଆସଲାମ ଖାନ ଏବଂ ଅବଦୁଲ ମୁକ୍ତାର ଖାନ, ଯୁଗ୍ମ ସମ୍ପାଦକ ସେଖ ରାଜାବ ଅଲ୍ଲି, କୋଷାଧ୍ୟକ୍ଷ ହାଜି ସେଖ ଜାମାଲ, ବରିଷ୍ଠ ସଦସ୍ୟ ହାଜି ଗୋଲାମ ଖାନ, ଗଣମାଧ୍ୟମ ସଂଯୋଜକ ମହମ୍ମଦ ହାଇଦର ଖାନ, ହାଜି ସେଖ ଉସମାନ, ସେଖ ଭାନୁ, ସେଖ ମନସୁର, ସେଖ ନଜିମ, ସେଖ ଇମତୀୟାଜ ଅଲି,ସେଖ ତାରିଖ, ସେଖ ବେଲାଲଉଦ୍ଦିନ, ସେଖ ମସ୍ତାନ ପ୍ରମୁଖ ଙ୍କ ସମେତ ସାନଭିକା ପଲୀକ୍ଲିନିକ ର ସମସ୍ତ କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ।

# ଶିକ୍ଷାବିତ୍ ନିତ୍ୟାନନ୍ଦ ଗିରିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବାଲେଶ୍ୱର,୨୩।୮ (ସମିସ): ରେମୁଣା ମେଣ୍ଡରା ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ନିତ୍ୟାନନ୍ଦ ଗିରିଙ୍କର ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହାକୁ ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ ଓ ଡ ଜଗବନ୍ଧୁ ମହାପାତ୍ର ମିଳିତ ଭାବେ ଉନ୍ମୋଚନ କରିଥିଲେ। ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ବ୍ରହ୍ମାନନ୍ଦ ଦାସ ଅମରଆତ୍ମାର ସଦଗତି ପାଇଁ ଭଜନ ପରିବେଷଣ କରିଥିବାବେଳେ ପ୍ରଦୀପ ବେହେରା, ରବିନାରାୟଣ ବେହେରା, ଜଳଧର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, କୃଷ୍ଣ ମୋହନ ମହାରଣା, ଅବନୀକାନ୍ତ ପ୍ରଧାନ, ଜୟନ୍ତ ବରାଳ, ଶ୍ୟାମସୁନ୍ଦର ଗିରି, ଗୌରୀ ମହାର୍ଣ୍ଣା, ସୁକାନ୍ତି କର, ମୁକ୍ତିଲତା ଆଇଚ ପ୍ରମୁଖ ଯୋଗଦେଇ ଥିଲେ। ପୁଅ ଭରତଭୂଷଣ ଗିରି ଧନ୍ୟବାଦ ଦେଇଥିଲେ।

# ହିନ୍ଦ୍ ମଜଦୁର ସଭା ପକ୍ଷରୁ ଦାବିପତ୍ର



ବାଲେଶ୍ୱର,୨୩।୮ (ସମିସ): ହିନ୍ଦ ମଜଦୁର ସଭା ଶ୍ରମିକମାନଙ୍କ ପକ୍ଷରୁ ଆଲୋୟଜ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ଶ୍ରମିକ ନେତା ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ୨୫ଜଣିଆ ପ୍ରତିନିଧିମଣ୍ଡଳୀ ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ବୋନସ ପୂର୍ବରୁ ହୋଇଥିବା ଚୁକ୍ତିନାମା ଅନୁସାରେ ବିଭିନ୍ନ ଦାବି ଶ୍ରମିକମାନଙ୍କର ପୂରଣ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲା ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି କୁହାଯାଇଛି। ଏହି ଅବସରରେ ସେମାନେ କରିଥିବା ଦାବି ମଧ୍ୟରେ ବିଶେଷ କରି ଶ୍ରମିକମାନଙ୍କ ଦରମା, କମ୍ପାନୀ କାଜୁଆଲର ସ୍ଥାୟୀ ଶ୍ରମିକ ଏବଂ ଠିକା ଶ୍ରମିକରୁ କମ୍ପାନୀ କାଜୁଆଲ ଏବଂ ଠିକା ଶ୍ରମିକମାନଙ୍କର ଦରମା ବୃଦ୍ଧି, କମ୍ପାନୀ ବନ୍ଦ ଥିବା ସମୟରେ ପିଏଫ ଏବଂ ଅନ୍ୟାନ୍ୟ ସରକାରୀ ନିୟମ ଅନୁସାରେ ପ୍ରାପ୍ୟ ପ୍ରଦାନ କରିବା ସମସ୍ୟା ଉପରେ କର୍ତ୍ତୃପକ୍ଷଙ୍କ ଠାରେ ଦାବି କରିଥିଲେ। ଚଳିତ ବର୍ଷ କମ୍ପାନୀ ଭଲ ଲାଭ କରିଥିବା ହେତୁ ଶ୍ରମିକମାନଙ୍କୁ ୨୦ ପ୍ରତିଶତ ବୋନସ ପ୍ରଦାନ କରାଯିବା ପାଇଁ ମଧ୍ୟ ଦାବି କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଗୁରପ୍ରିତ ସିଂ, ବବିତା ମହାନ୍ତି, ନରହରି ମହାଳିକ, ଶରତ ସାହୁ, ରାକେଶ ଦାସ, ରବି ଦାସ, ଅଂଶମାନ ମଲ୍ଲିକ, ଏସକେ ସାମସୁଦ୍ଦିନ, ରବିନ୍ଦ୍ର ବେହେରା, ରବିନ୍ଦ୍ର ଦାସ, ନିରଞ୍ଜନ ଦାସ, ଲକ୍ଷ୍ମୀଧର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ମନହରଲାଲ ପାଲା ଜୁଏଲର୍ସର ପ୍ରତିଷ୍ଠା ଉତ୍ସବ




ବାଲେଶ୍ୱର,୨୩।୮ (ସମିସ): ସହରସ୍ଥିତ ମନହରଲାଲ ପାଲା ଜୁଏଲାର୍ସର ୮ ମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ବାଲେଶ୍ୱରର ବିଶିଷ୍ଟ ଉଦ୍ୟୋଗୀ ପ୍ରକାଶ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଷ୍ଠାନର ସଫଳତା କାମନା କରିଥିଲେ। ଅନ୍ୟତମ ଅତିଥି ବାଣିଆ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଶ୍ରୀନିବାଶ ପଣ୍ଡା କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପୂଜାର୍ଚ୍ଚନା କରିଥିଲେ। ମନହରଲାଲା ପାଲାର ଦୁଇ ପାର୍ଟନର ସିଏ କମଲେଶ ପାଲା ଓ ରାକେଶ ପାଲା, ଜି ନେକ୍ସଟ ଆଦିତ୍ୟ ପାଲା ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ କେକ୍ କାଟି ଉତ୍ସବ ମନାଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପାଲାର ସମସ୍ତ କର୍ମଚାରୀଙ୍କ ମେଧାବୀ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଏଟାଡେମିକ ସ୍ତରରେ ବିଭିନ୍ନ ପାଠ୍ୟକ୍ରମର ପାଇଁ ପୁରସ୍କୃତ କରାଯାଇଥିଲା। ପାଲା ଜୁଏଲାରୀ ବାଲେଶ୍ୱର ସହର ସହିତ ସାରା ରାଜ୍ୟରେ ଅଳଙ୍କାରରେ ଗୁଣବତ୍ତା ନେଇ ସ୍ୱତନ୍ତ୍ର ପରିଚୟ ଲାଭ କରିଥିବା ନେଇ ମତପ୍ରକାଶ ପାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ଆସନ୍ତା ଗଣେଶ ପୂଜା ପର୍ଯ୍ୟନ୍ତ ଗହଣାର ଗଢ଼ା ମୂଲ୍ୟ ଉପରେ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ରହିଥିବା ସୂଚନା ଦେଇଛନ୍ତି। ତେଣୁ ଗ୍ରାହକମାନେ ଏହି ସୁନ୍ଦର ଓ ଆକର୍ଷଣୀୟ ଡିଜାଇନ୍‌ର ଗହଣା କିଣିବାକୁ ପାଲା ପକ୍ଷରୁ କୁହାଯାଇଛି। ଦୀପ୍ତି ଶର୍ମା, ବର୍ଣ୍ଣାଳୀ ଦାସ, ହେମନ୍ତ ମଣ୍ଡଳ, ରବୀନ୍ଦ୍ର ଭୂୟାଁ ପ୍ରମୁଖ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ। ପରିଚାଳକ ଅବିନାଶ ଧନ୍ୟବାଦ ଦେଇଥିଲେ।

# ହାଇ ଭୋଲ୍ଟେଜ କ୍ଲବ୍‌ର ୨୧ ଫୁଟିଆ ଗଣେଶ



ବାଲେଶ୍ୱର,୨୩।୮ (ସମିସ): ଗଣେଶ ପୂଜା ପାଇଁ ସହର ଚଳଚଞ୍ଚଳ। ସହରରେ ଗଣେଶ ପୂଜା କଥା କହିଲେ ସମସ୍ତଙ୍କ ନଜର କନଭେଣ୍ଟ ସ୍କୁଲ ଲାଇନ୍ ଉପରେ ରହିଥାଏ। ଏହି ଗୋଟିଏ ଜାଗାରେ ୪୫ରୁ ଅଧିକ ଗଣେଶ ପୂଜା ପାଆନ୍ତି। ଏହି କନଭେଣ୍ଟ ସ୍କୁଲ ଲାଇନ୍‌ରେ ପ୍ରତି ଶହେ ମିଟର ଦୂରତାରେ ୪୫ ରୁ ଅଧିକ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେହି କ୍ଲବ ମାନଙ୍କ ମଧ୍ୟରୁ ହାଇ ଭୋଲଟେଜ୍ କ୍ଲବ ଅନ୍ୟତମ୍। ଏଥର ଦଶ ବର୍ଷ ଗଣେଶ ପୂଜା ପାଳନ କରିବ କ୍ଲବ। କ୍ଲବ୍ ପକ୍ଷରୁ ୨୦୧୬ ମସିହାରୁ କନଭେଣ୍ଟ ସ୍କୁଲ ନିକଟରେ ପ୍ରତିବର୍ଷ ଗଣେଶ ପୂଜା ହୋଇଆସୁଛି। ଏଥର ପୂଜା ପାଇଁ ମୂର୍ତ୍ତି ଉଚ୍ଚତା ୨୧ ଫୁଟ୍ ରହିଛି। ନାସିକ ମହାରାଷ୍ଟ୍ରରେ ଥିବା ଆନ୍ନା ଗଣପତି ନବଗ୍ରହ ସିଦ୍ଧପୀଠମ ଗଜାନନଙ୍କ ମୂର୍ତ୍ତି ପ୍ରସ୍ତୁତ ହେଉଛି ବୋଲି କ୍ଲବ ସଭାପତି କହିଛନ୍ତି। ଏହି ମୂର୍ତ୍ତିଟି ଶିଳ୍ପକାର ଚିନ୍ମୟ ମହାରଣା (ସିପୁ)ଙ୍କ ନିର୍ଦ୍ଦେଶ କ୍ରମେ ୫ଜଣ କାରିଗରଙ୍କ ସହାୟତାରେ ନିର୍ମିତ ହେଉଛି। ଏଥର ଭସାଣୀରେ ମୁଖ୍ୟ ଆକର୍ଷଣ ହେବ କେରଳ ବାଜା ସହିତ ଡିଜେ ଟାଇଗର ଜୋନ୍। କ୍ଲବର ୧୦୦ ରୁ ଅଧିକ ସଦସ୍ୟ ଥିବାବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ଏଥି ମଧ୍ୟରେ ୨୦୦୦ରୁ ଅଧିକ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ସେବନ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଏହି କ୍ଲବ୍ ପକ୍ଷରୁ ଶାନ୍ତି ଓ ଶୃଙ୍ଖଳାର ସହ ପୂଜା ଓ ବିସର୍ଜନ କରାଯାଇଥାଏ। ପୂଜାର ସମସ୍ତ ଦାୟିତ୍ୱ ଓ କାମ ସଦସ୍ୟମାନେ ତୁଲାଇଥାନ୍ତି।

## ଆସୁଛନ୍ତି ଗଜାନନ

# ଓମକାର ଗଣେଶଙ୍କ ଶୈଳୀର ମୂର୍ତ୍ତି ନିର୍ମାଣ



## ଦ ରୋଡ଼ ହାଉସ କ୍ଲବ

ବାଲେଶ୍ୱର,୨୩।୮ (ସମିସ): ବାଲେଶ୍ୱର ସହରରେ ଗଣେଶ ପୂଜା କଥା କହିଲେ ସମସ୍ତଙ୍କ ନଜର କନଭେଣ୍ଟ ସ୍କୁଲ ଲାଇନ୍ ଉପରେ ରହିଥାଏ। କାରଣ ଏହି ଗୋଟିଏ ଜାଗାରେ ୪୫ରୁ ଅଧିକ ଗଣେଶ ପୂଜା ପାଆନ୍ତି। ଯାହାକୁ ଦେଖିବା ପାଇଁ ଗହଳି ଜମେ। ଏହି କନଭେଣ୍ଟ ସ୍କୁଲ ଲାଇନ୍ ରେ ପ୍ରତି ଶହେ ମିଟର ଦୂରତାରେ ୪୫ରୁ ଅଧିକ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେହି କ୍ଲବ ମାନଙ୍କ ମଧ୍ୟରୁ ଦ ରୋଡ ହାଉସ୍ କ୍ଲବ ଅନ୍ୟତମ୍। ଚଳିତବର୍ଷ କନଭେଣ୍ଟ ସ୍କୁଲ ଲାଇନରେ ୧୬ତମ ଗଣେଶ ପୂଜା ପାଳିବ ଦ ରୋଡ଼ ହାଉସ କ୍ଲବ। ପୂଜା ପାଇଁ ଚଳିତବର୍ଷ ୩ ଲକ୍ଷ ଟଙ୍କା ବଜେଟ୍ ରହିଛି। ମୂର୍ତ୍ତିର ଉଚ୍ଚତା ୨୦ ଫୁଟ ରହିଥିବାବେଳେ ତୋରଣ ଉଚ୍ଚତା ୨୨ ଫୁଟ ରହିଛି। ଓମକାର ଗଣେଶ ଶୈଳୀରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଭିନ୍ନ ଆଲୋକମାଳରେ ସଜ୍ଜିତ କରାଯିବ ତୋରଣ। ମୂର୍ତ୍ତି କାରିଗର ସିପୁ ଏହି ନିଆରା ମୂର୍ତ୍ତି ତିଆରି କରୁଛନ୍ତି। ଏଥିସହିତ ଦୁଇ ଦିନ ଧରି ପ୍ରସାଦ ବଣ୍ଟନ କରାଯିବ। ଜିଲ୍ଲା ପ୍ରଶାସନ ନିୟମ ଅନୁଯାୟୀ ପୂଜା କରାଯିବ। କ୍ଲବରେ ସଦସ୍ୟ ମାନଙ୍କ ସହଯୋଗରେ ପୂଜା ପାଳନ ହୋଇଥାଏ। ଏହି କ୍ଲବ୍ ରେ ପ୍ରାୟ ଶହେ ଜଣ ସଦସ୍ୟ ରହିଛନ୍ତି।




# ଚିହ୍ନା ଅଚିହ୍ନା





ରମାକାନ୍ତ ସାମନ୍ତରାୟ

ଏବେ ଏତେ ଗହଳିରେ ମୁଁ ତାକୁ ଚିହ୍ନିବି ବା କେମିତି? ପୂରା ଶହେ ଚାଳିଶ କିଲୋମିଟର ମୁଁ ନବେ ସ୍ପିଡରେ ବାଇକ ଚଲେଇ ଆସିଛି । ଏବେ ପୁଣି ଠିକ୍ ସେତିକି ବାଟ ଫେରିବାକୁ ହେବ ।

ତା' ସହରକୁ ମୁଁ ଆଗରୁ ଆଦୌ ଆସିନଥିଲି । ତାକୁ ନଜଣେଇ ପ୍ରଥମକରି ଆସିଥିଲି ଯେ, ଏବେ ଜାଣ ଦେଖାନପାଇ ଫେରିଯିବାକୁ ହେବ ।

ତା'ର ମୋର ଆଗରୁ ଦେଖା ହୋଇନଥିଲା କି ତା' ଫଟୋ କେବେବି ମୁଁ ଦେଖିନଥିଲି । ତାଆରି କଥାରୁ ଯେତିକି ଯାହା ତାକୁ ଜାଣିଥିଲି । ଫେସ୍‌ବୁକରୁ ଆମର ଚିହ୍ନା । ସେ ତା' ଫେସ୍‌ବୁକ୍‌ର ପ୍ରୋଫାଇଲ୍‌ରେ କେବଳ ଫୁଲଙ୍କ ଫଟୋ ଦେଉଥିଲା ଓ ମୁଁ ମୋ ପିଲାଦିନର ଫଟୋ ଗୋଟେ ଦେଇ ବଦଳାଇବାକୁ ଭୁଲି ଯାଇଥିଲି । ସେ ତା' ୱାଲ୍‌ରେ କେବଳ କୋଟେସନ୍ ସେୟାର୍ କରୁଥିଲା ଓ ମୁଁ କେବେବି କିଛି ପୋଷ୍ଟ କରୁନଥିଲି ।

ସେ ହିଁ ମୋତେ ପ୍ରଥମ କରି ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠେଇଥିଲା ଓ ଦିନେ ପୁଣି ମେସେଞ୍ଜରରେ ପ୍ରଥମ କରି ପିଙ୍ଗ୍ କରିଥିଲା । ଆମର ସତର ଜଣ ମ୍ୟୁଚୁଆଲ୍ ଫ୍ରେଣ୍ଡ ଥିଲେ । ମୋର କିନ୍ତୁ ପ୍ରଥମରୁ ସନ୍ଦେହ ଥିଲା ପ୍ରକୃତରେ ବବିତା ରାୟ ନାମରେ ଝିଅଟେ ସତରେ ଅଛି ନା ଏଇଟା ଗୋଟେ ଫେକ୍ ଆଇ.ଡି ।

ଧୀରେ ଧୀରେ ଆମ ଗପର ସମୟ ବଢ଼ିଥିଲା ଓ ଡେରୀ ରାତିରେ ତା' ସହ କଥା ହେବାକୁ ମୋତେ ଭଲ ଲାଗୁଥିଲା । ତାଆରି ସର୍ତ୍ତ ଥିଲା ଆମେ କେହି କାହାକୁ କେବେବି ଭେଟିବାନି କି କେହି କାହାକୁ କେବେବି କଲ୍ କରି କଥା ବି ହେବାନି । କେବଳ ମେସେଞ୍ଜର ଓ ହ୍ୱାଟସ୍ ଆପ୍‌ରେ ଚାଟିଂ କରିପାରିବା । ଆହାଃ ଏମିତି ଗୋଟେ ଅଜବ ପ୍ରେମ କାହାଣୀ ମୋଆରି ଭାଗ୍ୟରେ ଥିଲା ବୋଲି ମୁଁ କେବେବି ଭାବିନଥିଲି ।

ଆମେ ସକାଳ-ସଞ୍ଜ, ଦିନ-ରାତି ପ୍ରବଳ ଗପୁଥିଲୁ । ଆବୁରୁ ଜାବୁରୁ, ଇଆଡୁ ସିଆଡୁ । ସେ ବହୁ ସ୍ପିଡ୍‌ରେ ଲମ୍ବା ଲମ୍ବା ମେସେଜ୍ ଲେଖିପାରୁଥିଲା । ମୁଁ ପାରୁ ନଥିଲି । କେବେ କେବେ ସେ ଚାରିଦିନ ଗାୟବ ରହୁଥିଲା ତ କେବେ ପୁଣି ରାତି ସାଢ଼େ ତିନି ପର୍ଯ୍ୟନ୍ତ ଚାଟିଂ କରୁଥିଲା । ତଥାପି ମୁଁ ତା' ବିଷୟରେ ବେଶି କିଛି ଜାଣି ନଥିଲି । ତା' ସହର କଥା ମୁଁ ଜାଣିଥିଲି କିନ୍ତୁ ତା' ପରିବାର କଥା କିଛି ଜାଣିନଥିଲି । ତା'ର ପସନ୍ଦ ଅପସନ୍ଦ ଜାଣିଥିଲି କିନ୍ତୁ ତା' ରୂପ ଦେଖିନଥିଲି କି ତା' ସ୍ୱର ଶୁଣିନଥିଲି । ସେ ମୋର ବ୍ୟକ୍ତିଗତ କଥା କେବେବି ପଚାରୁନଥିଲା ବୋଲି ମୁଁ ବି ପଚାରିପାରୁନଥିଲି । ଧୀରେ ଧୀରେ ମୁଁ ଜାଣି ସାରିଥିଲି ତା' ସହ କୋଉ ବିଷୟରେ କଥା ହେବି ଓ କୋଉ ବିଷୟରେ ହେବିନି । ମୁଁ ତାକୁ ଗେହ୍ଲାରେ ବିଲେଇ ଡାକୁଥିଲି ତ ସେ ଗେହ୍ଲାରେ ମୋତେ ମେଘ ଡାକୁଥିଲା । ମୁଁ କେବେ କେବେ ତା'ର ସବୁ କଥାକୁ ମିଛ ଭାବୁଥିଲି ତ କେବେ ଶହେରୁ ଶହେ ସତ ଭାବୁଥିଲି । ତା' ବିଷୟରେ ମୋର କୌଣସି ସାଙ୍ଗସାଥି କିଛି ବି ଜାଣିନଥିଲେ । ସେ ମୋର ଏକାନ୍ତ ବ୍ୟକ୍ତିଗତ ବ୍ୟାପାର ଥିଲା । କିନ୍ତୁ ତା'ର ଗୋଟେ ପୁଅ ସାଙ୍ଗ ମୋ ବିଷୟରେ ଜାଣିଛି ବୋଲି ସେ କହୁଥିଲା ।

ମଝିରେ ମଝିରେ କେବଳ ଥରୁଟେ ହେଉ ପଛେ ଦେଖା କରିବାକୁ ମୁଁ ଢେର ଜିଦି କରୁଥିଲି । ସେ କିନ୍ତୁ ଏଡ଼େଇ ଯାଉଥିଲା । ମୁଁ ରାଗି ରୁଷି କେଇଦିନ ତାକୁ ବ୍ଲକ୍ କରୁଥିଲି ଅବା ତା' ମେସେଜ୍‌ର ଉତ୍ତର ଦେଉନଥିଲି । ସେ ବି ବେଶୀ କିଛି ବୁଝଉନଥିଲା ମୋତେ ।

ଜାଣିଥିଲି ତାଙ୍କ ସହରର ଟାଉନ୍ ହଲ୍ ପାଖରେ ଗୋଟେ ପାର୍କ ଅଛି ଓ ଜାଣିଥିଲି ସବୁ ରବିବାର ସନ୍ଧ୍ୟାରେ ସେ ସେଇଠିକି ଯାଏ । ଦିନେ ଶନିବାର ରାତିରେ ମୁଁ ଲେଖିଲି କାଲି ତ ଛୁଟି... ଯିବି କି? ସେ ହଁ କି ନା କିଛି କହିଲାନି । ସବୁଥର ପରି କେବଳ ସ୍ମାଇଲି ଇମୋଜି ଗୋଟେ ପଠେଇ ମୋ କଥାକୁ ଏଡ଼େଇ ଗଲା ।

ମୁଁ ଚିଡ଼ିକି ରାଗିଗଲି ଓ ଭାବିଲି ଏଥର ନିଶ୍ଚୟ ଯିବି । ରବିବାର ସନ୍ଧ୍ୟାରେ ତାକୁ ତା' ସହରରେ ଯାଇଁ ଭେଟିବି ।

ମୁଁ ତା' ସହରର ଟାଉନହଲ୍ ପାଖ ପାର୍କରେ ପହଞ୍ଚି ଦେଖିଲି ସେଠି ରବିବାରିଆ ପ୍ରବଳ ଗହଳି । ଅନେକ ଝିଅ-ପୁଅ, ବୁଢ଼ା-ବୁଢ଼ୀ ଓ ସାନ ସାନ ପିଲା ଓ ସେମାନଙ୍କ ବାପା ମା । କୋଉଠି ହଲି ହଲି ହୋଇ ପ୍ରେମୀ ଯୁଗଳ ବସିଛନ୍ତି ତ କୋଉଠି ପଲେ ପଲେ ପୁଅ ଝିଅ ଅଲଗା ଖଟି କରୁଛନ୍ତି । ଏତେ ଗହଳିରେ ବବିତା ରାୟକୁ ଏବେ ମୁଁ ଚିହ୍ନିବି କେମିତି? ହ୍ୱାଟସ୍ ଆପ୍ ଖୋଲିଲି । ତା' ଲାଷ୍ଟ ସିନ୍ ସକାଳ ଦଶଟା ପନ୍ଦର ଦେଖଉଛି । ମୋର ଛଅଟା ମେସେଜ ଅନ୍‌ସିନ୍ ହେଇ ପଡ଼ିଛି । ତଥାପି ମୁଁ ଲେଖିଲି 'ବିଲେଇ ମୁଁ ଏବେ ତୋ ସହରରେ ।' ତାପରେ ପୂରା ପାର୍କ ଆଖି ପକେଇଲି ତନୁପାତଳୀ ସାବନୀ ଝିଅଟେ କୋଉଠି ବସିଛି କି? ମୁଁ ତାକୁ ମୋ' ମନରେ ଯେମିତିକା ଭାବିଥିଲି ସେମିତିକା ଅନେକ ଝିଅ ପାର୍କରେ ଥିଲେ । ମନା ଥିଲେ ବି ତା' ନମ୍ବରରେ କଲ୍ କଲି । ଫୋନ୍ ତା'ର ସୁଇଜ୍ ଅଫ୍ ।

ଚାରି ଆଡ଼କୁ ଚାହିଁଲି କେହି ଜଣେ ବି ମୋ ଆଡ଼କୁ ଆଡ଼ ଆଖିରେ ଚାହୁଁ ନାହାଁନ୍ତି । ସମସ୍ତେ ଯେଝା ବାଟରେ ବ୍ୟସ୍ତ । ଛଅ ଥର ପାର୍କର ଏମୁଣ୍ଡ ସେମୁଣ୍ଡ ଦରାଣ୍ଡିଲା ପରେ ମୁଁ ଅସହାୟ ହୋଇ ଶେଷରେ ବାହାରକୁ ବାହାରି ଆସିଲି । ବାଇକ୍ ଉପରେ ବସି ସିଗାରେଟ୍ ଲଗେଇଲି ଓ ଗୋଟେ ଲମ୍ବା ମେସେଜ୍ ଟାଇପ୍ କଲି । ପାର୍କ ବାହାରେ ଚାର୍ଟ ଓ ଗୁପ୍‌ଚୁପ୍ ବାଲାଙ୍କ ଠେଲା । ପାର୍କରୁ ବାହାରି ଚାର୍ଟ ଓ ଗୁପ୍‌ଚୁପ୍ ଖାଉଥିବା ପୁଅ ଝିଅଙ୍କୁ ଦେଖିଲି ଓ ବାଇକ୍ ଷ୍ଟାର୍ଟ କଲି । ସଞ୍ଜ ଗଡ଼ି ରାତି ହେଇସାରିଥିଲା । ଏବେ ମୋତେ ଶହେ ଚାଳିଶ କିଲୋମିଟର ଏକା ଏକା ଫେରିବାକୁ ହେବ ।

ଘରେ ପହଞ୍ଚିଲା ବେଳକୁ ରାତି ଗୋଟେ ପନ୍ଦର । ପେଟରେ ଆଉ ଭୋକ ନଥିଲା । କେମିତି ଗୋଟେ ବିରକ୍ତିକର ଫାଙ୍କା ଫାଙ୍କା ଉଦାସ ଉଦାସ ଲାଗୁଥିଲା ମନ । ଧୁଆଧୋଇ ନହୋଇ ବିଛଣାରେ ଗଡ଼ିଗଲି । ଫୋନ୍ ଖୋଲି ଦେଖିଲି ହ୍ୱାଟସ୍ ଆପ୍‌ରେ ତା' ଲାଷ୍ଟ ସିନ୍ ଏବେବି ସେଇ ସକାଳ ଦଶଟା ପନ୍ଦର । ମୋର କୌଣସି ମେସେଜ୍ ବ୍ଲୁ ଟିକ୍ ହୋଇନାହାନ୍ତି । ସବୁଗୁଡ଼ା ଅନସିନ୍ ମେସଜକୁ ଡିଲିଟ୍ ଫର୍ ଅଲ୍ ମାରିଦେଲି । ମେସେଞ୍ଜରକୁ ଯାଇଁ ଦେଖିଲି ସେ ଅନ୍ ଲାଇନ୍ । ପ୍ରବଳ ରାଗ ଲାଗିଲା । କିଛି କହିବିନି ଭାବିଲି । ଭାବିଲି ଆଜି ହିଁ ତାକୁ ବ୍ଲକ୍ କରିବି ଓ ତା' ନମ୍ବର ସବୁଦିନ ପାଇଁ ଡିଲିଟ୍ କରିଦେବି ।

'ଶୋଇନ କି?' ମୁଁ ପଚାରିଲି । ପଚାରି ସାରି ନିଜ ଉପରେ ରାଗିଲି ଓ କାହିଁକି ପଚାରିଲି ଭାବୁଛି ତ, ମୋ ପ୍ରଶ୍ନର ଉତ୍ତର ନଦେଇ ସେ ଓଲଟି ପଚାରିଲା 'କୋଉଠି?'

-'ଘରେ...ଏତେ ରାତିରେ ଆଉ କୋଉଠି ଥାଆନ୍ତି?'

ସେ ହସ ଇମୋଜି ଗୋଟେ ପଠେଇଲା । ନାଲିପାନ ଥିବା ଆଖି ଓ ଗାଲରେ ନାଲିପାନ ଲଗା ଇମୋଜି ସାଙ୍ଗରେ ଲେଖିଲା 'ଆଚ୍ଛା ଭଲରେ ଭଲରେ ଘରେ ପହଞ୍ଚିଗଲ ତେବେ...'

ତା'ପରେ ମୁଁ କିଛି ଲେଖିଲା ଆଗରୁ ଧଡ୍ କରି ଅଫ୍ ଲାଇନ୍ ହେଇଗଲା... । ■

ଫ୍ଲାଟ ନଂ-୨୦୨, ଏମ୍.ଆଇ.ଜି.-୨
ଦେବାଶ୍ରମ, ଏସ୍.ବି.ଆଇ. କଲୋନି, କେଶୁରା
ଭୁବନେଶ୍ୱର-୭୫୧୦୦୨
ମୋ: ୯୮୬୧୧୨୪୧୭୩

# ସାକ୍ଷୀ



ଡକ୍ଟର ଚିତ୍ତରଞ୍ଜନ ମିଶ୍ର



ସବୁରି ଭାଗ୍ୟରେ ଅଗ୍ନି ପରୀକ୍ଷା ନିଶ୍ଚିତ
ଦୌଡ଼ିବାକୁ ଥିବା ରାସ୍ତା ସରିଗଲା ପରେ
ଦୌଡ଼ିବା, ଚାଲିବା କିମ୍ବା ବୁହା ହୋଇ ଯିବା
ସବୁ ମିଛ ହୋଇଥାଏ
ପରୀକ୍ଷାର ଘଣ୍ଟା ବାଜିଗଲେ ।
ସେଦିନ ତୁମରି ଦେହ ଫୁଲ ଢାଙ୍କି ହୋଇ
ଶୋଇଥିଲା ଚିତ୍ ହୋଇ ସମାଧିସ୍ଥ ସ୍ୱପ୍ନଙ୍କ ସାଥିରେ ।
ମୁଁ ଦେଖିଲି ନୀରବରେ
କ୍ଷତ ଚିହ୍ନ ତୁମରି ପାଦରେ
ତୀର କାଢ଼ି ଦେଲାପରେ ରକ୍ତସ୍ରାବୀ ଯନ୍ତ୍ରଣାର
ଅନ୍ତ ହେଲାପରେ ।
ତୁମେ କିନ୍ତୁ ଏତେ ସ୍ଥିର କେମିତିକା ରହି ପାରିଥିଲ?
ଆମ୍ ବିଦାୟର ଦୃଶ୍ୟ ଆପେ ଦେଖୁଥିଲ ।
ଶୁଣାଇଲ ଶେଷ ଯାଏଁ ବଂଶୀ ସୁରେ
ବିରହର ବ୍ୟଥା ଯେତେ ଥିଲା
ସେ ସୁରରେ ପ୍ରୀତିଝରା ମେଘ ଯେତେ
ବରଷିଲା, ସ୍ୱର୍ଗଦ୍ୱାର ସମୁଦ୍ର ଭିଜିଲା ।
ଥର ଥର କମ୍ପୁଥିଲା ସତ୍ତା ମୋର ଧନୁ ପରି ବାଙ୍କି
ନୀଳ ନିଆଁ ଶୀତଳ ଶେଯରେ
ତୁମେ ଥିଲ ଆଖି ବୁଜି

ପଥର ପ୍ରତିମା ପରି
ସାକ୍ଷୀ ଥିଲୁ ଆମେ ସେଠି
ଅଧା ଅଧା ଜଳି । ■

(କବି ରମାକାନ୍ତ ରଥଙ୍କୁ ସମର୍ପିତ)

ମଞ୍ଜୁଳା ରେସିଡେନ୍ସି
ୱାଟର ୱର୍କ୍ସ ରୋଡ୍, ପୁରୀ -୭୫୨୦୦୨

# ସନ୍ଧାନ

ଡକ୍ଟର ଅଭୟ ନାରାୟଣ ନାୟକ



ଆ'
ନିକଟରୁ ନିକଟତର
ବିତିଯାଏ ପ୍ରହର ପରେ ପ୍ରହର
ଶେଷ ବତୀଖୁଣ୍ଟର ଆଲୁଅ ଲିଭିବା ଯାଏ
ମୁଁ ଲୋଡୁଥିବି କ୍ଲାନ୍ତ ବିଭାବରୀର କୋଳ
ମୋର ଅନ୍ଧାରର ଲୋଡ଼ାପଣ ନୁହେଁ ଅନ୍ଧତ୍ୱ
ଆଖିଖୋସି ଦେଉଥିବା ଆଲୋକର ରୋଷଣିରେ ବି
ତମେ ଆଲୁଅର ଶତ୍ରୁ
ମିତ୍ରତା କରୁଛ କିଟିକିଟି ଅନ୍ଧାର ସହ
ପିଇ ଚାଲିଛ ତୁମ ଚୟନର ପିୟୁଷ
ଆଖିବୁଜି ଦେଇ ନିର୍ବିକାର
ଅଥଚ, କହୁଛ ମୋର ଦୃଷ୍ଟି ତ
ଏକାଥରେ ଦର୍ଶନ ଅନ୍ଧତ୍ୱର

ଲୋଡ଼ା ନାହିଁ ଏଠି ପରୀକ୍ଷା ଦେବା
ପବିତ୍ରତାର
ଜାଣିଛି ଗଣିକା ଲୋଡ଼େ ନାହିଁ ସତୀତ୍ୱ
ହଜାଇ ସାରିଥିବା ଜ୍ଞାନର ଦୀପ୍ତି
ସହଭାଗୀ ଲୋଡ଼େ ଅନ୍ଧତ୍ୱ
ଯାହା ଆଲୁଅ, କାଲିବି ଥିଲା,
ଆଜି ବି ଅଛି, ରହିବ ଆସନ୍ତା କାଲିଯାଏ
ତୁମେ ହୁଏତ କହିପାର
ଅନ୍ଧାରର ବିପଣୀରେ
ତୁମେ ନିଜେହିଁ ମାଲିକାରର ତଦାରଖ
ରଖୁଥିବା ଆଲୋକର
ନବ୍ୟ ଈଶ୍ୱର
ଅଥଚ, ଘୃଣାକର ଆଲୋକର
ସନ୍ଧାନରେ ଥିବା ସତ୍ତାକୁ
କହିପାର ଯେଣୁ ଆଲୋକର ଅନ୍ୱେଷା ହିଁ ଅନ୍ଧତ୍ୱ । ■

ଉପନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ- ୯ , ଜନପଥ, ଭୁବନେଶ୍ୱର-୨୨
ମୋ: ୯୪୩୭୮ ୯୨୫୪୦

# ଆଧୁନିକ କ୍ଷୁଦ୍ରଗଳ୍ପରେ କୋଟିଜୀବନର ସ୍ୱର



ଡକ୍ଟର ଦିଗମ୍ବର ଗିରି

ଆଜି ମଣିଷର ଅନୁଭୂତି ଭିତରୁ ଉଙ୍କି ମାରୁଛି ବଞ୍ଚିବାର ଆବଶ୍ୟକତା ସଂପର୍କରେ ନାନା ଜଟିଳ ପ୍ରଶ୍ନ । ଯେଉଁ ପ୍ରଶ୍ନବାଚୀ ଏକ ନୀରବ ଆତ୍ମସ୍ୱର ହୋଇ ଓଡ଼ିଆ କ୍ଷୁଦ୍ରଗଳ୍ପକୁ କରି ଚାଲିଛି ଚରିତାର୍ଥ । ମଣିଷର ମନସ୍ତାତ୍ତ୍ୱିକ ପ୍ରବାହ ଓ ଅନ୍ତର୍ଗତ ଚେତନାକୁ ଅଧିକ ପ୍ରାସଙ୍ଗିକ କରି ପ୍ରକାଶ କରିବାକୁ ଗଳ୍ପଶୈଳୀ ହୋଇଛି ଘଟଣାପୂର୍ଣ୍ଣ । ଅନେକ ଆଶା, ଆକାଂକ୍ଷା, କ୍ଷୁଦ୍ରଗଳ୍ପର ବ୍ୟାପ୍ତି ଓ ବୈଚିତ୍ର୍ୟକୁ ନୂଆ ନୂଆ ରୂପରେ ନୂଆ ଅନୁଭବରେ ଆଣି ଦେଇଛି ସାର୍ଥକତା । ଜୀବନର ସ୍ମରଣୀୟ ମୁହୂର୍ତ୍ତଟିଏ ମଣିଷର ମର୍ମସନ୍ଧିକୁ ଭେଦ କରୁଛି । ନିଜ ନିଜର ସ୍ଥିତି ଓ ପରିପାର୍ଶ୍ୱ ଭିତରେ ବଞ୍ଚିବାର ଜିଜ୍ଞାସା , ଜୀବନର ଗତିଶୀଳତା ଓ ପ୍ରତିଶ୍ରୁତିର ପଥ ଓ ପୃଥିବୀ ତାକୁ ଉଦ୍‌ବୁଦ୍ଧ କରିଛି । ଅନୁଭବିଛି ଜୀବନର ବାସ୍ତବତା ଓ ଜୀବନର ଚରମ ସତ୍ୟକୁ । ଏକ ବିଶେଷ ଭାବବୋଧ, ଆବେଗ ଆଡ଼କୁ ଟାଣି ହୋଇଯାଉଛି ଏବଂ ତା' ଭିତରେ ସୃଷ୍ଟି ହେଉଛି ଜୀବନ ପ୍ରତି ଏକ ଗଭୀର ପ୍ରତ୍ୟାଶା ।

ଜୀବନର ଅସ୍ଥିରତା ଓ ଅସହାୟତା ଭିତରେ ବି ସେ ବିମୁଖ ହୋଇ ନାହିଁ, ବରଂ ଜୀବନପ୍ରତି ଆତ୍ମୀୟତାର କଥା କହୁଛି ସାମ୍ପ୍ରତିକ କ୍ଷୁଦ୍ରଗଳ୍ପ । ଜୀବନ ସହିତ ଯୋଡ଼ି ହୋଇଯାଉଛି ନୂଆ ବିଶ୍ୱାସ, ନୂଆ ସମ୍ଭାବନା । ନୂଆ ସୂର୍ଯ୍ୟୋଦୟ ଭିତରେ ନୂଆ ଜୀବନକୁ ପୁଣିଥରେ, ଦେଖିବାକୁ ମନେ ହୁଏ ଆଜିର ଗାଳ୍ପିକମାନେ ଅଧିକ ବଶମ୍ବଦ । ଜୀବନର ନାନା ସ୍ମୃତି, ବିସ୍ମୃତି ପରି ଗଳ୍ପର ଭାବ ମଣ୍ଡଳରେ ପାଠକ ନିଜକୁ ଖୋଜି ପାଉଛି । ନିଜେ ନିଜର ନିବିଡ଼ତାକୁ ଦେଖି ଜୀବନନିଷ୍ଠ ହୋଇ ପଡୁଛି । ସୃଷ୍ଟି ହେଉଛି ଜୀବନ ପ୍ରତି ପ୍ରବଣତା, ଯାହାକୁ ପାଥେୟ କରି ସେ ପୁଣି ଥରେ ବାହାରି ପଡୁଛି ଅତିକ୍ରମ କରିବାକୁ ଅବଶିଷ୍ଟ ପଥ ।

ବିବର୍ତ୍ତିତ ସମୟର ପ୍ରବାହରେ ନୂତନ ଅଭିଜ୍ଞତା ଓ ଭାବକଳ୍ପନା ନେଇ କ୍ଷୁଦ୍ରଗଳ୍ପର କାୟା ଓ କଳେବର ବୃଦ୍ଧି ପାଇଛି । ବଦଳିଛି ଗଳ୍ପଧାରା । ବଦଳିଛି ପ୍ରକାଶ ଭଙ୍ଗୀ । ରଚନା ଶୈଳୀ ହୋଇଛି ଆଜିର କ୍ଷୁଦ୍ରଗଳ୍ପର ଗତିଶୀଳ ରୂପ । ପ୍ରଭାବଶାଳୀ ଭାବସ୍ପନ୍ଦନ, ନାଟକୀୟତା, ଜୀବନ ପ୍ରତି ଇଙ୍ଗିତ ଭିତରେ ଜୀବନ ସତ୍ୟ ଓ ପୂର୍ଣ୍ଣତା । ଗୁଢ଼ତର ପରିଣତିରେ ବକ୍ତବ୍ୟ ବେଶ୍ ଗମ୍ଭୀର ଓ ଭାବପୂର୍ଣ୍ଣ । ଗଳ୍ପ ଚରିତ୍ରମାନଙ୍କ ମୁଖର କଥା ଭିତରେ ଆଜିର ମଣିଷ ଶୁଣୁଛି ନିଜେ ନିଜର ସ୍ୱର । ଚରିତ୍ରମାନେ ପ୍ରତିନିଧି ସାଜି ଆସୁଛନ୍ତି ଗଳ୍ପ ପରିସରକୁ ଯୋଡ଼ି ଦେଉଛନ୍ତି ବ୍ୟକ୍ତିବିଶ୍ୱ ସହିତ ବିଶ୍ୱ ମଣିଷର ସମ୍ପର୍କ । ସେମାନଙ୍କ ମନୋଭଙ୍ଗୀ ଓ ଭାବନା ହୋଇଯାଉଛି କୋଟି ଜୀବନର ସ୍ୱର ଓ ପାଠକଟିଏ ହୋଇ ଯାଉଛି ଚେତନାଶ୍ରୟୀ ।

ବଞ୍ଚିବାର ଜୀବନଶୈଳୀରୁ ଓଡ଼ିଆ କ୍ଷୁଦ୍ର ଗଳ୍ପର ଶିଳ୍ପ ପ୍ରତ୍ୟୟ ନିରୂପଣ କରିବା ବା କ୍ଷୁଦ୍ରଗଳ୍ପର ସଂଜ୍ଞା କାଢ଼ିବା, ନିର୍ଦ୍ଦିଷ୍ଟତାକୁ ନିରୂପଣ କରିବା ଆଉ ଏଠି ପ୍ରଭାବିତ କରିପାରୁ ନାହିଁ । ଆଜିର କ୍ଷୁଦ୍ରଗଳ୍ପ ହୋଇଯାଇଛି ସ୍ୱଂୟ ରୂପକଟିଏ । ସଂକ୍ଷେପରେ କହିବାକୁ ଗଲେ, ଜୀବନ୍ତ ପରମ୍ପରା ନବୀକରଣ ବିରୋଧୀ ନୁହେଁ ।

ଆଜି ଆମକୁ ନିଜ ନିଜ ଭିତରକୁ ଅନେଇବାକୁ ପଡ଼ିବ । ବର୍ତ୍ତମାନର ବ୍ୟକ୍ତି ଜୀବନ, ସାମାଜିକ କ୍ରିୟା- ପ୍ରତିକ୍ରିୟା, ରାଜନୀତିକ ଜୀବନ , ସାହିତ୍ୟ ଓ ସଂସ୍କୃତି ଗଭୀର ଆତ୍ମ ନିରୀକ୍ଷଣର ସମୟ ଆସିଛି । ମଣିଷ ଭିତରେ ଏ ନୂଆ ଚେତନାର ଅନୁଭବ ସାର୍ବଜନୀନ । ପ୍ରତିଟି ମଣିଷର ଜୀବନ ଜିଜ୍ଞାସା ପରି ସର୍ବତ୍ର ସମଭାବରେ ଏହା ଘଟୁଛି । ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ଜଗତୀକରଣ, ଉପଭୋକ୍ତାବାଦ ତଥା ବାହାରର ଚାକଚକ୍ୟ, ଶିକ୍ଷିତ ଗୋଷ୍ଠୀକୁ ନୀତି ଆଦର୍ଶ ପଥରୁ କ୍ରମଶଃ ଦୂରେଇ ଦେଉଛି । ଦ୍ରୁତ ଶିଳ୍ପାୟନ, ନଗର ଜୀବନର ବାସ୍ତବତା ମଧ୍ୟରେ, ମାନବିକ ମୂଲ୍ୟବୋଧ ଅଣନିଶ୍ୱାସୀ । ମୂଲ୍ୟବୋଧର ଅବକ୍ଷୟ ସର୍ବତ୍ର ଦେଖିବାକୁ ମିଳିଛି । ଗାଁ ଭିତରକୁ ପଶି ଆସୁଛି ସହର । ଦେଶରେ ଭିତରେ ଘୁରିବୁଲୁଚି, ଭୂତ ପରି ଭ୍ରଷ୍ଟାଚାର ସାମ୍ପ୍ରଦାୟିକତା, ମାଓ ଓ ସନ୍ତ୍ରାସ । ପ୍ରଶାସନିକ ସ୍ଥାଣୁତା ପ୍ରସାରିତ କରି ଚାଲିଛି ତା'ର ପତିଆରା ସବୁର ମିଳିତ ସ୍ୱର । ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର । ନିଜ ନିଜ ପରିଚିତ ଅନୁଭୂତି ଓ ଅନୁଭବର ପରିଧି ମଧ୍ୟରେ ଆପଣାକୁ ଆଜି ମନରେ ଉଲ୍ଲସିତ ହୋଇପଡୁଛି ସହୃଦୟ ପାଠକ ।

ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର ହେଉଛି ଅନ୍ତର୍ନିହିତ ସ୍ୱର । ଏହି ସାବଲୀଳ ସ୍ୱର ସୃଷ୍ଟି କରି ଚାଲିଛି ଏକ କୋମଳ ମୂର୍ଚ୍ଛନା । ବାହାରେ ଶୁଭୁଛି, ଅଂସଖ୍ୟ କୋଳାହଳ, ଧାଁ, ଦଉଡ଼, ପ୍ରତିଯୋଗିତା, କିନ୍ତୁ ହୃଦୟ ଭିତରେ ଏକ ନିରୋଳା ନିଃସଙ୍ଗ ମୁହୂର୍ତ୍ତ ଯେଉଁଠି ଜୀବନ ଯନ୍ତ୍ରଣାର ଘନିଷ୍ଠ ସ୍ୱରଟି ଆବେଗ ଓ ଆତୁରତାରେ ଫେଣ୍ଟା ପେଣ୍ଟି । ଆଜିର ଗଳ୍ପର ଶକ୍ତି ପାଠକକୁ ଆତ୍ମହରା କରି ପକାଉଛି । ମଣିଷର ପ୍ରାପ୍ତି, ଅପ୍ରାପ୍ତି, ଦୁଃଖ କାରୁଣ୍ୟର କଥା ଅସହାୟତା ଭିତରେ ଅର୍ଥ ଖୋଜୁଥିବା ମଣିଷଟି ପାଇଁ ଆଶ୍ୱାସନାର ଆଶ୍ରୟସ୍ଥଳୀ ପାଲଟି ଯାଇଛି । ସ୍ୱସ୍ତିରେ ଟିକିଏ ନିଶ୍ୱାସ ମାରି ଜୀବନକୁ ସକ୍ରିୟ କରିଛି । ନିଜର ଅପୂର୍ଣ୍ଣତା ଭୁଲି ଜୀବନ ହୋଇଉଠିଛି ସ୍ୱପ୍ନିଳ ଓ ଗୀତିମୟ । ଏହିପରି ବିଭିନ୍ନ ଭାବ ଓ ମାପରେ ଆଜିର ଗଳ୍ପକୁ ଯେଉଁ ଗାଳ୍ପିକମାନେ ଋଦ୍ଧିମନ୍ତ କରିଛନ୍ତି ସେମାନେ ହେଲେ ଅଖିଳ ମୋହନ ପଟ୍ଟନାୟକ, ମନୋଜ ଦାସ, ପ୍ରତିଭା ରାୟ, କିଶୋରୀ ଚରଣ ଦାସ, ବୀଣାପାଣି ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ରବି ପଟ୍ଟନାୟକ, ଜଗଦୀଶ ମହାନ୍ତି, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ପାରମିତା ଶତପଥୀ, ସରୋଜିନୀ ଦାସ, ଦେବବ୍ରତ ମଦନରାୟ, କବିତା ବାରିକ, ଗିରିଦଣ୍ଡ ସେନା, ରଜନୀକାନ୍ତ ମହାନ୍ତି, ହୃଷିକେଶ ପଣ୍ଡା, ସତ୍ୟମିଶ୍ର ଏବଂ ତରୁଣ ପିଢ଼ିର ଗାଳ୍ପିକଙ୍କ ଗଳ୍ପରେ ପରିବର୍ତ୍ତନଶୀଳ ଜୀବନର ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ ଚିନ୍ତନର ଦିଗ, ଦିଗନ୍ତ, ବେଶ ଗତିଶୀଳ ହୋଇପାରିଛି ।

ଜୀବନ ଯାପନ ସହ ସମ୍ପର୍କିତ ଜୀବନର ଅନୁଭୂତି । ସବୁଠାରୁ ବଡ଼ କଥା ଗଳ୍ପରେ ଏହି ଅନୁଭୂତି ସମ୍ବେଦନା ତଥା ଅନ୍ତର୍ଗତ ସ୍ପନ୍ଦନ ଗଳ୍ପରେ ଖୁବ୍ ଉଜ୍ଜ୍ୱଳ । ସ୍ୱପ୍ନମୟ ବାସ୍ତବତା ଓ ବାସ୍ତବତାମୟ ସ୍ୱପ୍ନ ଗଳ୍ପରେ ହାତ ଧରାଧରି । ଗଳ୍ପର ଅପରିହାର୍ଯ୍ୟ ରହସ୍ୟ ପାଠକ ପାଇଁ ଭରିଦିଏ ଅସରନ୍ତି ଉତ୍ସୁକତା । ନିଜ ଚାରିପଟର ପରିବେଶଗତ ବାସ୍ତବତା, ପ୍ରେମ ଓ ବିଷାଦର ବିମୁଗ୍ଧତା, ଜୀବନ ନିଷ୍ଠତା ଓ ମଣିଷ ପ୍ରତି ଆତ୍ମାର ସମର୍ଥନ ଗଳ୍ପର ଚରିତ୍ରମାନଙ୍କ ଭିତରୁ ବାରି ହୋଇଯାଏ । ଆନ୍ତରିକତାପୂର୍ଣ୍ଣ ଗାଳ୍ପିକଙ୍କ ଅନ୍ତରୀଣ ପ୍ରାଣ, ଭାବ ଓ ଆବେଗ ବେଳେ ବେଳେ କାବ୍ୟମାୟା ସୃଷ୍ଟି କରି ଥାଏ । ଶବ୍ଦ ସଂଯୋଜନାରେ ଭାବର ପ୍ରତିବନ୍ଧ ପ୍ରକଟନ, ପ୍ରତ୍ୟେକ ଅଭିବ୍ୟକ୍ତି ପାଠକର ପରିଚିତ ଅନୁଭୂତି ସହ ଏକାତ୍ମ । ଗଳ୍ପର ଗଠନ କୌଶଳ, ରୂପସଜ୍ଜା, ଭାଷା, ଚିତ୍ରକଳ୍ପ ଜୀବନ ସୃଷ୍ଟି ଅନୁସାରେ ବେଶ୍ ଉଲ୍ଲେଖଯୋଗ୍ୟ । ଜୀବନପ୍ରତି ପ୍ରତିବଦ୍ଧତା, ଶୁଭ ବିଶ୍ୱାସ ବିବିଧ ଚରିତ୍ର ଓ ଚିତ୍ର ଚିନ୍ତନର ଗଭୀରତା ଓ ବିଶ୍ୱମୟ ବ୍ୟାପ୍ତିରେ ଅପୂର୍ଣ୍ଣତାକୁ ଅର୍ଥମୟ ଓ ହୃଦୟକୁ ଲାଳିତ କରିପକାଏ ଆଜିର ଗଳ୍ପ ।

ସର୍ବୋପରି ଭାରତୀୟ ସାଂସ୍କୃତିକ -ସାମାଜିକ- ଆଧ୍ୟାତ୍ମିକ ପରିବେଶ ରୂପାୟନରେ ଓଡ଼ିଆ ଗଳ୍ପ ସାହିତ୍ୟ ଋଦ୍ଧିମନ୍ତ । ମାଟି ମନସ୍କତା, ଐତିହ୍ୟ ସଚେତନତା ଆଦର୍ଶବୋଧ, ମାନବତାବାଦ, ଜାତୀୟପ୍ରୀତି, ଗ୍ରାମ୍ୟ ସଂସ୍କୃତିର ଶୁଦ୍ଧ ଓ ସଫଳ ରୂପାୟନ ଆଜିର ଗଳ୍ପର ପ୍ରାଣରସ ସହ ସଂଯୁକ୍ତ । ■

ରାଇରଙ୍ଗପୁର, ୱାର୍ଡ଼ ନମ୍ବର- ୭
ମୟୂରଭଞ୍ଜ
ମୋ : ୯୪୩୭୩୮୦୯୨୭

## ପୁସ୍ତକ ଓ ପତ୍ରିକା ପରିଚୟ

### କବି ସତ୍ୟାନନ୍ଦଙ୍କ କାଞ୍ଚିଆଗଡ଼

ସଂକଳକ
ସତ୍ୟବାଦୀ ବଳିଆରସିଂହ





ସତ୍ୟାନନ୍ଦ ଚମ୍ପତିରାୟ ସ୍ମୃତି ସଂସଦ
ହଜ, ଖୋର୍ଦ୍ଧା
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୬୫ ଟଙ୍କା

ସାରସ୍ୱତ ସାଧକ ସତ୍ୟାନନ୍ଦ ଚମ୍ପତିରାୟ ଏକାଧାରରେ ଥିଲେ ଜଣେ କବି, ପ୍ରାବନ୍ଧିକ, ସାମ୍ବାଦିକ, ବିଧାୟକ । ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଓ ସମାଜର ଦିଗ୍‌ଦର୍ଶକ ଥିଲେ । ତାଙ୍କ ଜୀବନ, କୃତିକୁ ନେଇ 'କବି ସତ୍ୟାନନ୍ଦଙ୍କ କାଞ୍ଚିଆଗଡ଼' ପୁସ୍ତକକୁ ସଂକଳିତ କରିଛନ୍ତି ଐତିହାସିକ ସତ୍ୟବାଦୀ ବଳିଆରସିଂହ । ଏହି ପୁସ୍ତକରେ ସତ୍ୟାନନ୍ଦ ଚମ୍ପତିରାୟଙ୍କ 'କାଞ୍ଚିଆଗଡ଼ର ସେକାଳ କଥା' ଖଣ୍ଡ କାବ୍ୟ ସହିତ ତାଙ୍କର ସଂକ୍ଷିପ୍ତ ଜୀବନୀ ପ୍ରକାଶ ପାଇଛି । ସେ ଥିଲେ ଜଣେ କର୍ମଯୋଗୀ ଓ ଜନସେବକ । ତଥାପି ସାହିତ୍ୟ ସାଧନାରେ ସାରା ଜୀବନ ବ୍ରତୀ ହୋଇ ରହିଥିଲେ । ତାଙ୍କ ରଚିତ ୨୧ ଖଣ୍ଡ ପୁସ୍ତକ ମଧ୍ୟରୁ 'କାଞ୍ଚିଆଗଡ଼ର ସେକାଳ କଥା' ଅନ୍ୟତମ । କାଞ୍ଚିଆଗଡ଼ ହେଉଛି ବୀର ମାଟି । କରଞ୍ଜିଆଗଡ଼ର ଇତିହାସ, କିମ୍ବଦନ୍ତୀ, ବୀରତ୍ୱର ଗାଥା ଆଦି ଏହି ପୁସ୍ତକରେ ବର୍ଣ୍ଣିତ । ଏହି ଖଣ୍ଡକାବ୍ୟରେ ସାତୋଟି ସର୍ଗ ରହିଛି । ସରଳ ଭାଷା, କାବ୍ୟିକ ଭାବ, ପ୍ରାକୃତିକ ବର୍ଣ୍ଣନା ଯୋଗୁଁ କାବ୍ୟଟି ଅଧିକ ସୁଖପାଠ୍ୟ ହୋଇଛି । ଏହି ପୁସ୍ତକରେ ସୁସାହିତ୍ୟିକ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସଂକ୍ଷିପ୍ତ ଜୀବନୀ, ତାଙ୍କର ଶେଷ ସାକ୍ଷାତକାର ପ୍ରକାଶ ପାଇଛି । ସତ୍ୟାନନ୍ଦଙ୍କ ଜୀବନ ଓ କୃତି ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । 'କବି ସତ୍ୟାନନ୍ଦଙ୍କ କାଞ୍ଚିଆଗଡ଼' ପାଠକଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଭକ୍ତି ପ୍ରଣତି

ପୁଷ୍ପିତା ଜେନା





ଉଦୟ ପବ୍ଲିକେଶନ୍
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୭
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୩୦ ଟଙ୍କା

"ତୋର ଚରଣତଳେ ମଥାନତ କରି/ ମା' ଗୋ ତୋ କୃପା, କରୁଣା/ ସଦାସର୍ବଦା ମା', ମୁଁ ତୋ ପାଦେ ଆଶାୟୀ/ ଜଗଜ୍ଜନନୀ, ଭୟବିନାଶିନୀ/ କୃପାଦାୟିନୀ ମା'! (ସିଂହବାହିନୀ ମା'!) ମା' ଜଗଜ୍ଜନନୀ, ସିଂହବାହିନୀଙ୍କ ଆଶିଷ ଲାଭ କଲେ ଜୀବନର ସବୁ ଦୁଃଖକଷ୍ଟ ଅପସରି ଯାଏ । ମା' ହେଉଛନ୍ତି ଶାନ୍ତିଦାୟିନୀ, ଶକ୍ତିସ୍ୱରୂପିଣୀ । ଭକ୍ତି ରସସିକ୍ତ କେତୋଟି କବିତାକୁ ନେଇ ପ୍ରକାଶ ପାଇଛି ପୁଷ୍ପିତା ଜେନାଙ୍କ 'ଭକ୍ତି ପ୍ରଣତି' ପୁସ୍ତକ । ଏହି ପୁସ୍ତକରେ ସଂକଳିତ 'ଜଗା କାଳିଆ', 'ଜୟ ଜଗନ୍ନାଥ', 'ବଡ଼ ଠାକୁର', 'ମହା ଶିବରାତ୍ରି', 'ଓଁ ନମଃ ଶିବାୟ', 'ଗଣନାୟକ', 'ବାଗ୍‌ଦେବୀ ମା' ବୀଣାପାଣି', 'ସିଂହବାହିନୀ ମା', 'ମାତୃଶକ୍ତି', 'କରୁଣାମୟୀ ମା' ଆଦି କବିତାଗୁଡ଼ିକରେ ହୃଦୟର ଅସୀମ ଭକ୍ତି, ଶ୍ରଦ୍ଧାକୁ ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ କବି ପ୍ରଣତି ବାଢ଼ିଛନ୍ତି । ସେଭଳି 'ଜନ୍ମ ଦିବସ', 'ଜନ୍ମ ଦିନର ଉପହାର', 'ନୂତନ ବର୍ଷ ମାତୃକରୁଣାରେ ଭରିଯାଉ', 'ମା' ଆନନ୍ଦମୟୀ କରୁଣା ମୁଁ ମାଗେ' ଆଦି କବିତାରେ ଦିବ୍ୟ ଜନନୀ ଶ୍ରୀମା, ଯୁଗ ପୁରୁଷ ଶ୍ରୀଅରବିନ୍ଦଙ୍କ ଜୀବନ, ଦର୍ଶନ ଓ ସେମାନଙ୍କ ପ୍ରତି ସମର୍ପିତ ଭାବନା ପ୍ରତିଫଳିତ ହୋଇଛି । 'ଭକ୍ତି ପ୍ରଣତି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ରେବତୀ

ସଂପାଦିକା
ସୁବାସିନୀ ଜେନା



ଓଟି ରୋଡ୍ , ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ : ୭୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚର ପତ୍ରିକା 'ରେବତୀ'ର ଅଗଷ୍ଟ ୨୦୨୫ ପ୍ରକାଶ ପାଇଛି । ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ରେବତୀ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା, ଗଳ୍ପ, ଫିଚର ଆଦିରେ ସମୃଦ୍ଧଶାଳୀ ହୋଇଛି । ନାରାୟଣ ରାଉତରାୟଙ୍କ 'ଓଁ ଶ୍ରୀ ଗଣେଶାୟ ନମଃ', ଅଭୟ ଦ୍ୱିବେଦୀଙ୍କ 'ମହାରାଣୀ ଆବାକ୍କା', ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ସଂଗ୍ରାମ ସ୍ରୋତରେ ସମ୍ବାଦପତ୍ର', ଡକ୍ଟର ଫକୀର ମୋହନ ନାହାକଙ୍କ 'ଜାଲିଆଁୱାଲା ବାଗ୍', ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ 'ସଉରା ସଂଗ୍ରାମୀ', ମଣୀନ୍ଦ୍ର କୁମାର ମେହେରଙ୍କ 'ନିଷ୍କଳଙ୍କ ନିକୁଞ୍ଜ ବିହାରୀ' ଆଦି ଆଲେଖ୍ୟଗୁଡ଼ିକ ମନଛୁଆଁ ହୋଇଛି । କବିତା ବିଭାଗରେ ସୌଭାଗ୍ୟବନ୍ତ ମହାରଣା, ଗଙ୍ଗାଧର ବିଶ୍ୱାଳ, ବିଜୟ ମଲ୍ଲ, ପ୍ରଦୀପ କୁମାର ପଣ୍ଡା, ରସାନନ୍ଦ ସାହୁ, ସୁରଞ୍ଜନ ପାତ୍ର, ଯାଦବେନ୍ଦ୍ର ସାହା, ଅନସୂୟା ପଣ୍ଡା ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଡାକ୍ତର ସୁଷମା ଚୌଧୁରୀ ଓ ରେବା ପଟ୍ଟନାୟକଙ୍କ ଗପ ଦୁଇଟି ମାର୍ମିକ ହୋଇଛି । ସଂପାଦକୀୟଠାରୁ ଆରମ୍ଭ କରି 'ଧାରାବାହିକ କାବ୍ୟ', 'ଧାରାବାହିକ ଆତ୍ମଜୀବନୀ', 'ରୋଷେଇଶାଳ', 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ଉପାଦେୟ ଓ ଆକର୍ଷଣୀୟ ହୋଇଛି । ସଂପୂର୍ଣ୍ଣ ରଙ୍ଗିନ 'ରେବତୀ'ର ଏହି ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ । ■



## ଗାଁରୁ ୪୦ ବସ୍ତା ବିସ୍ଫୋରକ ଜବତ

ଖଇରା,୨୩।୮ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ ଗଡ଼ପୋଖରୀ ଗ୍ରାମର ସଞ୍ଜୟ କୁମାର ସେଣ୍ଡଙ୍କ ବାଡ଼ିରୁ ବ୍ୟାପକ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଶାରିଶୁଆ ପାହାଡ଼ରେ ବ୍ଲାଷ୍ଟିଂ ପାଇଁ ଏହି ବିସ୍ଫୋରକ ପଦାର୍ଥ ରଖାଯାଇଥିବା ସନ୍ଦେହ କରାଯାଉଛି। ପାଖାପାଖି ୪୦ ବସ୍ତା ଜିଲେଟିନ ଓ ୧୧ ବଣ୍ଡଲ ତାର ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୦ଲକ୍ଷ ହେବ ବୋଲି ପୁଲିସ କହିଛି। ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିବା ବେଳେ ଖଇରା ଥାନା ଏସଆଇ ତପନ କୁମାର ଜେନା, ଏଏସ୍ଆଇ ଗୌରହରି ବୁଗୁଡାଇ ପ୍ରମୁଖ ସାମିଲ ଥିଲେ। ପୁଲିସ ଆସୁଥିବା ସମ୍ପର୍କରେ ସୂଚନା ପାଇ ସଞ୍ଜୟ ଘରେ ଥିବା ଏହି ବିସ୍ଫୋରକ ସାମଗ୍ରୀଗୁଡ଼ିକୁ ବାହାରକୁ ଫିଙ୍ଗି ଦେଇଥିବା ନେଇ ଏସଡିପିଓ ସୂଚନା ଦେଇଛନ୍ତି।

### ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ୬୧ତମ ଦୀକ୍ଷାନ୍ତ ସମାରୋହ

## ଅଗ୍ନିଶମ ବାହିନୀରେ ସାମିଲ ହେଲେ ୯୧୧ ଅଗ୍ନିଯୋଦ୍ଧା



ଭୁବନେଶ୍ୱର, ୨୩।୮ (ସମିସ): ଓଡ଼ିଶା ଅଗ୍ନିଶମ ବିଭାଗ ସାରା ଦେଶରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କାର୍ଯ୍ୟଦକ୍ଷତା ଭିତ୍ତିରେ ଦେଶର ସର୍ବଶ୍ରେଷ୍ଠ ତିନି ଗୋଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି। ଓଡ଼ିଶା ଅଗ୍ନିଶମ ବିଭାଗ ଏବଂ ଅଗ୍ନିଯୋଦ୍ଧାମାନେ ନିଜ କ୍ଷେତ୍ରରେ ଦେଶରେ ସର୍ବଶ୍ରେଷ୍ଠ ବୋଲି ଶନିବାର ଭୁବନେଶ୍ୱର ବରମୁଣ୍ଡା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ୬୧ତମ ଅଗ୍ନିଯୋଦ୍ଧା ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସମାରୋହରେ ସମୁଦାୟ ୯୧୧ଜଣ ଅଗ୍ନିଯୋଦ୍ଧା ପାସିଂ ଆଉଟ୍ ପରେଡ୍‌ରେ ଯୋଗଦେଇ ଆଜିଠାରୁ ଅଗ୍ନିଶମ ବାହିନୀରେ କାର୍ଯ୍ୟାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ ଅଗ୍ନିଶମ ବିଭାଗର ଖାଲିଥିବା ୯୧୧ ପଦବୀ ପୂରଣ ହୋଇଛି। ସେମାନେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆଉ ପ୍ରାୟ ୩୦୦ ପଦବୀ ଖାଲି ରହିଛି ଏବଂ ଏହାକୁ ଡିସେମ୍ବର ସୁଦ୍ଧା ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁଲିସ ଓ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ବିପଦସଙ୍କେତ ଉପରେ ବୈତରଣୀ



ଭଣ୍ଡାରିପୋଖରୀ/ବାରିକପୁର,୨୩।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବୈତରଣୀରେ ଆଉ ଏକ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏବେ ବୈତରଣୀ କୂଳ ଲଂଘୁଥିବା ବେଳେ ଆଜି ଅପରାହ୍ଣ ୪ଟାରେ ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଅତିକ୍ରମ କରିଛି। ନଦୀର ଜଳସ୍ତର ଘଣ୍ଟା ପ୍ରତି ୫ମିମି ବୃଦ୍ଧି ପାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୬୩.୬୬ମିମି, ସ୍ୱାମୀପାଟଣାରେ ୧୯.୮ମିମି, ଆନନ୍ଦପୁରରେ ୬୮.୨ମିମି ଓ ଆଖୁଆପଦାରେ ୩୮.୧୨ମିମି ବର୍ଷା ରେକର୍ଡ କରାଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ୧୮.୪୩ ମିଟରରେ ପ୍ରବାହିତ ହେଉଛି। ଏହି ବନ୍ୟା ମଧ୍ୟମଧରଣର ହେବ ଓ ବନ୍ୟାଜଳ ସର୍ବାଧିକ ୧୮.୯୦ ମିଟର ହୋଇପାରେ ବୋଲି ଆଖୁଆପଦା ଜଳସମ୍ପଦ କାର୍ଯ୍ୟାଳୟ ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ତଳିଆ ଅଞ୍ଚଳ ବର୍ଷାଜଳ ପଶି ଯାଇଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ବିଭାଗ ସଜାଗ ଅଛି ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରକାଶ କରିଛନ୍ତି।

### ପାହାଡ଼ ଖୋଲରେ ବୁଡ଼ିଗଲେ ଦୁଇ ଯୁବକ

## ଜଣେ ମୃତ; ଯୁବ ଇଞ୍ଜିନିୟର ନିଖୋଜ

ସୁକିନ୍ଦା,୨୩।୮ (ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅଞ୍ଚଳର ଏକ ପାହାଡ଼ ଖୋଲରେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ଥିବା ଜଣାପଡ଼ିଛି। ଘଟଣା ଘଟିଛି ସୁକିନ୍ଦା ବ୍ଲକ ବନ୍ଧଗାଁ ପଞ୍ଚାୟତ ଅଧୀନ ରାଙ୍କିଆ ଗ୍ରାମ ନିକଟ ମାଗାଗିରି ପାହାଡ଼ରୁ ଝରୁଥିବା ଝରଣାରେ। ମୃତକ ଲେମ୍ବୋ ପଞ୍ଚାୟତ ଅଧୀନ କାଞ୍ଜିଆପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ପୁଅ ଶମ୍ଭୁ ପ୍ରଧାନ(୨୨) ଓ ନିଖୋଜ ଯୁବକ କୋଇଲ ଗ୍ରାମ ମନମୋହନ ମହାନ୍ତଙ୍କ ପୁଅ ଇଂ.ମାନସ ମହାନ୍ତ(୨୩) ବୋଲି ଜଣାପଡିଛି।

ଶନିବାର ପୂର୍ବାହ୍ନରେ ୩ଜଣ ଯୁବକ ସାଙ୍ଗ ହୋଇ ରାଙ୍କିଆ ପାହାଡ଼ ନିକଟ ଝରଣାକୁ ଯାଇଥିଲେ। ସେଠାରେ ଥିବା ଏକ ପାହାଡ଼ ଖୋଲରେ ମାନସ ଓ ଶମ୍ଭୁ ଗାଧୋଉଥିବା ସମୟରେ ହଠାତ୍ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ସହ ଥିବା ବୁଟୁରୁ ନାମକ ନାବାଳକ ଫୋନ୍ କରି ଗାଁକୁ ଖବର ଦେଇଥିଲେ। ଗାଁ ଲୋକେ ତୁରନ୍ତ ସୁକିନ୍ଦା ଓ ଭୁବନ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ଉଭୟ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ଦୀର୍ଘ ୬ ଘଣ୍ଟା ଧରି ଅକ୍ଲାନ୍ତ ପରିଶ୍ରମ କରିବା ପରେ ଶମ୍ଭୁର ମୃତଦେହ ଉଦ୍ଧାର କରିଥିବା ବେଳେ ମାନସ ଏବେ ବି ନିଖୋଜ ଥିବା ଜଣାପଡ଼ିଛି। ଅଙ୍ଗନବାଡ଼ି କର୍ମୀ ଦମୟନ୍ତୀ ମହାନ୍ତ ଓ ମନମୋହନ ମହାନ୍ତଙ୍କ ପୁଅ ମାନସ ବେଙ୍ଗାଲୁରୁରେ ଇଞ୍ଜିନିୟର। ଶମ୍ଭୁ ଯୁକ୍ତ ୨ ପାସ୍ କରି ଡିଗ୍ରୀ ପଢ଼ା ସହ ଚାକିରି ଯୋଜନାରେ ଥିଲେ। ସୁକିନ୍ଦା ରେଞ୍ଜ୍ ମହାଗିରି ପର୍ବତମାଳା ମଧ୍ୟସ୍ଥ ଏହି ସ୍ଥାନରେ ବର୍ଷାଦିନିଆ ଜଳପ୍ରପାତ ସୃଷ୍ଟି ହୋଇଥାଏ। ଭୂମି ପତନରୁ ପାଖାପାଖି ୩ ଶହ ଫୁଟ ଉଚ୍ଚରେ ଥିବା ଏହି ସୁଦୃଶ୍ୟ ଜଳପ୍ରପାତ ତଳେ ଥିବା ପାହାଡ଼ ଖୋଲରେ ପ୍ରବାହିତ ଝରଣାରେ ବିପଜ୍ଜନକ ଭାବେ ଏକ ଗଭୀର ଗଣ୍ଡ ରହିଥିବା ଜଣାପଡ଼ିଛି। ଗତବର୍ଷଠାରୁ ରିଲ୍ ନିଶାରେ ବହୁ ଯୁବକ/ଯୁବତୀ ଏଠାକୁ ଆସୁଥିବା କୁହାଯାଉଛି। ଆଜି ସକାଳ ୧୦ଟାରେ ୩ ସାଙ୍ଗ ଶମ୍ଭୁ, ମାନସ ଓ ନାବାଳକ ବୁଟୁରୁ ମହାନ୍ତ ଏକାଠି ଏଠାକୁ ଗାଧୋଇବାକୁ ଆସିଥିଲେ। ସୁକିନ୍ଦା ପୁଲିସ ପହଞ୍ଚି ତଦନ୍ତ ଜାରୀ ରଖିଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମୁଣ୍ଡ ଫଟାଇ ବୃଦ୍ଧଙ୍କୁ ହତ୍ୟା

କେନ୍ଦୁଝର,୨୩।୮ (ସମିସ): ମାଛ ଜଗିବାକୁ ଯାଇଥିବା ବେଳେ ଜଣେ ବୃଦ୍ଧଙ୍କ ମୁଣ୍ଡକୁ ବାଡ଼େଇ ହତ୍ୟା କରିଥିବା ଜଣାପଡିଛି। ମୃତକ ଜଣଙ୍କ ହେଲେ ଉପରରାଇଗୋଡା ଗାଁର ବୁଧୁରାମ ମୁଣ୍ଡା (୫୭)। ସଦର ଥାନାଧିକାରୀ ଅମିତ କୁମାର ଭୂୟାଁ, ଶୁଆକାଟି ବିଟ୍ ଅଧିକାରୀ ସୂର୍ଯ୍ୟନାରାୟଣ ରାଉତରାୟ, ସଦର ଏସଡିପିଓ ସୁଦର୍ଶନ ଗାଙ୍ଗଇ ଶବ ଜବତ କରିବା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ଦିଆଯାଇଛି। ହତ୍ୟା ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଅଧିକ ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନ ନିବାସରେ...

ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ବୁଧବାର ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଥିଲେ। ନବୀନଙ୍କ ଅସୁସ୍ଥତା ଖବର ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିବା ସହ ସୁସ୍ଥ ହେବା ପରେ ଦିଲ୍ଲୀ ଆସି ତାଙ୍କୁ ଭେଟିବାକୁ ପ୍ରଧାନମନ୍ତ୍ରୀ ନିଜେ ଆମନ୍ତ୍ରଣ ଜଣାଇଥିଲେ। ସେହିପରି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡଗେ ଏବଂ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ନବୀନଙ୍କ ସହ ଫୋନ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

### କର୍ଣ୍ଣାଟକ ବିଧାୟକ...

କରିଦିଆଯାଇଛି। ଏଥିସହ ତାଙ୍କ ଭାଇଙ୍କ ବାସଭବନରୁ ବହୁ କାଗଜପତ୍ର ମଧ୍ୟ ଜବତ କରାଯାଇଛି। ତାଙ୍କ ଭାଇ କେସି ଥିପ୍ପେସ୍ୱାମୀ ଦୁବାଇରେ ଡାଇମଣ୍ଡ ସଫ୍ଟଟେକ, ଟିଆରଏସ୍ ଟେକ୍ନୋଲୋଜିସ, ପ୍ରାଇମ୯ ଟେକ୍ନୋଲୋଜିସ ଭଳି କମ୍ପାନୀ ଚଳାଉଥିଲେ। ବୀରେନ୍ଦ୍ର କିଙ୍ଗ୍୫୬୭ ଓ ରାଜା୫୬୭ ଭଳି ଏକାଧିକ ବେଟିଂ ପ୍ଲାଟଫର୍ମ ଚଳାଉଥିଲେ। ୮ ଦିନ ପୂର୍ବେ କର୍ଣ୍ଣାଟକର ଅନ୍ୟଜଣେ କଂଗ୍ରେସ ବିଧାୟକଙ୍କ ଘରୁ ଏକ କୋଟି ୪୦ ଲକ୍ଷ ଟଙ୍କା ଜବତ କରାଯାଇଥିଲା।

### ଅନିଲ ଅମ୍ବାନୀଙ୍କ...

ମାମଲାକୁ ନେଇ ଲିଖିତ ଉତ୍ତର ରଖିଥିଲେ। ସେ କହିଥିଲେ ଯେ ସିବିଆଇ ଏତଲା ରୁଜୁ କରିବାର ପ୍ରକ୍ରିୟା ଆରମ୍ଭ କରିଦେଇଛି। ଏହା ବ୍ୟତୀତ ବ୍ୟାଙ୍କ ମଧ୍ୟ ଅନିଲଙ୍କ ବିରୋଧରେ ବ୍ୟକ୍ତିଗତ ଦେବାଳିଆ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହି ମାମଲା ମୁମ୍ବଇ ଏନ୍‌ସିଏଲ୍‌ଟିରେ ପଡ଼ି ରହିଛି।

ଅଭିଯୋଗରେ ସିବିଆଇ ପକ୍ଷରୁ କୁହାଯାଇଥିଲା ଯେ ଅନିଲ ଅମ୍ବାନୀଙ୍କ ଆର୍‌କମ ପକ୍ଷରୁ ୩,୦୭୩ କୋଟି ଟଙ୍କାର ଠକେଇ କରାଯାଇଛି। ପୂର୍ବରୁ ୨୦୨୦, ନଭେମ୍ବର ୧୦ରେ ଏସ୍‌ବିଆଇ ଠକେଇ ନେଇ ଏହାର ପ୍ରମୋଟର ଏବଂ ମାଲିକଙ୍କ ଆକାଉଣ୍ଟ ନମ୍ବର ଜାରି କରିଥିଲା। ୨୦୨୧ ଜାନୁଆରୀ ୫ରେ ସିବିଆଇ ଏତଲା ରୁଜୁ କରିଥିଲା। ତେବେ ୨୦୨୧ ଜାନୁଆରୀ ୬ରେ ଦିଲ୍ଲୀ ହାଇକୋର୍ଟ ସ୍ଥିତାବସ୍ଥା ନିର୍ଦ୍ଦେଶ ଦେବାରୁ ଅଭିଯୋଗ ଫେରି ଆସିଥିଲା। କିନ୍ତୁ ଏବେ ଏସ୍‌ବିଆଇ ଆନୁଷ୍ଠାନିକ ଭାବେ ଆରକମ୍ ଏବଂ ଏହାର ପ୍ରମୋଟର ନିର୍ଦ୍ଦେଶକ ଅନିଲଙ୍କୁ ଠକ ଘୋଷଣା କରିସାରିଛି। ଏହା ପୂର୍ବରୁ ଜୁଲାଇ ୨୩ରେ ଇଡି ଏହି ମାମଲାରେ ଅନିଲଙ୍କ ରିଲାଏନ୍ସ ଗ୍ରୁପ୍ ସମ୍ବନ୍ଧିତ ୩୫ରୁ ଅଧିକ ଠିକଣା ଉପରେ ଚଢ଼ଉ କରିଥିଲା। ୟେସ ବ୍ୟାଙ୍କ ସମ୍ବନ୍ଧିତ ୩ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

### ମାରିଜୁଆନା ପାଇଁ...

କରାଯାଉଛି। ଚାଲାଣକାରୀ ଧରାପଡୁଛନ୍ତି। ମାରିଜୁଆନା ଜବତ ମଧ୍ୟ ହେଉଛି। ଏହାସତ୍ତ୍ୱେ ଚାଲାଣ ବେଧଡ଼କ ଭାବେ ଜାରି ରହିଛି। ଏହା ପଛର କାରଣ କଣ ବୋଲି ପ୍ରଶ୍ନ ଉଠିଲାଣି।

ଗତ କିଛି ମାସ ହେଲା ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଗାତର ଭାବେ ମାରିଜୁଆନା ଜବତ ହେଉଛି। ଜୁଲାଇ ୨୯ ତାରିଖରେ ତିନି ଜଣ ଯୁବକଙ୍କୁ ଗିରଫ କରିଥିଲା ଏୟାରପୋର୍ଟ ପୁଲିସ। ସେମାନଙ୍କ ନିକଟରୁ ୨୫ କେଜିର ମାରିଜୁଆନା ଜବତ କରିଥିଲା। ଏହାପରେ ଅଗଷ୍ଟ ୨ ତାରିଖରେ ବ୍ୟାଙ୍କକରୁ ଚୋରାରେ ମାରିଜୁଆନା ଆଣୁଥିବା ବେଳେ ଜଣେ ଯାତ୍ରୀଙ୍କୁ ଗିରଫ କରିଥିଲା କଷ୍ଟମ ବିଭାଗ। ଗିରଫ ବ୍ୟକ୍ତିଙ୍କ ଠାରୁ ୧୦ କୋଟିର ମାରିଜୁଆନା ଜବତ କରାଯାଇଥିଲା। ସେହିପରି ଅଗଷ୍ଟ ୨ ତାରିଖରେ ଥାଇଲାଣ୍ଡରୁ ଚାଲାଣ ବେଳେ କଷ୍ଟମ ବିଭାଗର ହାତରେ ଲାଗିଥିଲା ୮ କୋଟିର ମାରିଜୁଆନା। ପୁଣି ଭୁବନେଶ୍ୱର ଏୟାରପୋର୍ଟରେ ଆଜି ମାରିଜୁଆନା ଜବତ ହୋଇଛି। ବ୍ୟାଙ୍କକରୁ ୪ କୋଟି ଟଙ୍କାର ମାରିଜୁଆନା ଆଣୁଥିବା ବେଳେ ଭୁବନେଶ୍ୱରରେ ଧରାପଡିଛନ୍ତି ପ୍ରେମୀଯୁଗଳ। ଏୟାରପୋର୍ଟରେ ଦୁହିଁଙ୍କ ଉପରେ ସନ୍ଦେହ ହେବାରୁ କଷ୍ଟମ ଅଧିକାରୀ ସେମାନଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲା କଷ୍ଟମ ବିଭାଗ। ଏହାସହିତ ଯୁବକ ଓ ଯୁବତୀଙ୍କୁ ଅଟକ ରଖି ଜେରା କରାଯାଉଛି। ସେମାନଙ୍କର ଘର ପଞ୍ଜାବ ବୋଲି ଜଣାପଡ଼ିଛି। ତେବେ ଏହି ନିଶାଦ୍ରବ୍ୟ ବ୍ୟାଙ୍କକରୁ କେଉଁ ସ୍ଥାନରୁ ଆସିଥିଲା ? ଭୁବନେଶ୍ୱରର କେଉଁ କେଉଁ ଜାଗାକୁ ଚାଲାଣ ହେବାରେ ଥିଲା? ଏଥିରେ କିଏ କିଏ ସାମିଲ ଅଛନ୍ତି ? ତାକୁ ନେଇ ଛାନ୍‌ଭିନ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ୬ ମାସ ଭିତରେ ୫୦ କୋଟିରୁ ଅଧିକ ଏହି ବିଦେଶୀ ଡ୍ରଗ୍ସ ଜବତ କରାଗଲାଣି। ବ୍ୟାଙ୍କକରୁ ଆସୁଥିବା ଏହି ନିଶାସାମଗ୍ରୀ ଭୁବନେଶ୍ୱର ଦେଇ ଚାଲାଣ କରାଯାଉଛି। ଭୁବନେଶ୍ୱରରୁ ଏହା କେଉଁ କେଉଁ ରାଜ୍ୟକୁ ଚାଲାଣ ହେଉଛି, ତାହାର ଯାଞ୍ଚ କରାଯାଉଛି।

### ପୁଣି ୮ ଫାଟକ...

ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିବାବେଳେ ଅଗଷ୍ଟ ୩ ତାରିଖ ସମସ୍ତ ଗେଟ୍ ବନ୍ଦ କରି ଦିଆଯାଇଥିଲା।

ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୯ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିପରି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୩,୧୩୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୬୧,୬୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୬,୧୨୦ ଘନଫୁଟ, ପାୱାର ଚେନାଲ ଦେଇ ୩୨,୩୨୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୪,୮୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୩,୦୬୨ ଘନଫୁଟ, ଖଇରମାଲଠାରେ ୧,୩୪,୦୦୦ ଘନଫୁଟ, ବାରମୁଲଠାରେ ୯୬,୦୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୧,୨୧,୫୩୪ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୨୧.୬୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୨୭.୬୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୮୩ ଫୁଟ୍ ରହିଥିଲା।

ଆଜି ହୀରାକୁଦ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯିବା ପୂର୍ବରୁ ମହାନଦୀ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କୁ ମହାନଦୀରେ ବନ୍ୟାଜଳ ନିଷ୍କାସନ ନେଇ ଡାକବାଜି ଯନ୍ତ୍ରରେ ସତର୍କ କରାଯାଇଥିଲା। ବନ୍ୟା ଜଳ ନିଷ୍କାସନର କେଇଘଣ୍ଟା ପୂର୍ବରୁ ସାଇରନ୍ ବାଜିଥିଲା। ଶନିବାର ସକାଳେ ଗେଟ୍ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ପ୍ରବନ୍ଧକ, ବୁର୍ଲା ଇଂ. ସୁଶୀଲ କୁମାର ବେହେରା କହିଛନ୍ତି ଯେ, ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ। ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୨୫ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ତାହାକୁ ଦୃଷ୍ଟିରେ ରଖି ୪ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏହାଦ୍ୱାରା ବଢୁଥିବା ଜଳସ୍ତରକୁ ସଠିକ ପରିଚାଳନା କରିବାସହ ଲଘୁଚାପ ବର୍ଷାର ଜଳପ୍ରବେଶକୁ ମୁକାବିଲା କରିବା ପାଇଁ ଜଳଭଣ୍ଡାରରେ ଜାଗା ରହିବ। ଆବଶ୍ୟକସ୍ଥଳେ ଆଉ ୪ଟି ଗେଟ୍ ଖୋଲାଯିବ ବୋଲି ସେ ସୂଚନା ଦେଇଛନ୍ତି। ହୀରାକୁଦ ତଳମୁଣ୍ଡରେ ବନ୍ୟା ସମ୍ଭାବନା ନଥିବା ଇଂ. ବେହେରା କହିଛନ୍ତି।

### ୩୦ ହଜାର ପ୍ରିମିୟମ...

ଲକ୍ଷ ଟଙ୍କା ହେଉଛି। ପ୍ରିମିୟମ ହିସାବରେ ୫୦ ପ୍ରତିଶତରୁ ଅଧିକ ଫସଲ କ୍ଷତି ହେଲେ ୩ ଲକ୍ଷ ୪୦ ହଜାର ଟଙ୍କା ମିଳିବାର ଥିଲା। ତେବେ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି କେବଳ ୧୨୭୪ ଟଙ୍କା ପ୍ରଦାନ କରିଥିଲା। ଏହା ବହୁତ କମ୍। ଏହି ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ମଧ୍ୟ ଲାଜ ଲାଗୁଛି।

ଅତର ଗ୍ରାମର ଅନେକ ଚାଷୀଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ଘଟିଛି। ଅନିଲ କନ୍ହେୟାଲାଲ ୧୫ ଏକର ଜମି ପାଇଁ ୪୫୭୦ ଟଙ୍କା ଦେଇ ବୀମା କରାଇ ଥିଲେ। ତେବେ ତାଙ୍କୁ ମାତ୍ର ୧୩୮୭ ଟଙ୍କା ମିଳିଛି। ସେହିପରି ପ୍ରିମିୟମ ବାବାଦକୁ ଗାଁର ଗଙ୍ଗାଲାଲ୍‌ଙ୍କୁ ୧୨୦୦ ଟଙ୍କା, କମଲଚନ୍ଦ ନଥୁଙ୍କୁ ୨୨୦୦ ଟଙ୍କା, ଶୁଭମ କମଲଚନ୍ଦଙ୍କୁ ୨୪୦୦ ଟଙ୍କା, ରାକେଶ ନଥୁଙ୍କ ୨୪୦୦ ଟଙ୍କା କଟିଥିଲା। କିନ୍ତୁ ଏମାନଙ୍କୁ କାହାକୁ ବୀମା ରାଶି ମିଳିପାରି ନାହିଁ।

### ବର୍ଷାରେ ଭିଜିବ...

ରହିଛି। ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣ ଜାରି କରାଯାଇଛି। ଏହାବ୍ୟତୀତ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିରେ ମଧ୍ୟ ବର୍ଷା ହେବା ନେଇ ଆକଳନ କରାଯାଇଛି। ୨୫ ତାରିଖେର ବର୍ଷାର ବିସ୍ତୃତି ବଢ଼ିବା ସହ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ମୟୂରଭଞ୍ଜ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ବଳକା ୨୩ ଜିଲ୍ଲାରେ ମଧ୍ୟ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସମାନ ଭାବେ ୨୬ ଓ ୨୭ ତାରିଖରେ ରାଜ୍ୟବ୍ୟାପୀ ବର୍ଷା ସମ୍ଭାବନା ଥିବା ବେଳେ ୨୮ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଏପଟେ ଲଗାଣ ବର୍ଷା କାରଣରୁ ବୈତରଣୀ ନଦୀ ଆଖୁଆପଦାଠାରେ ବିପଦ ସଙ୍କେତ ଅତିକ୍ରମ କରିଛି। ଉପରମୁଣ୍ଡରେ ଲଗାଣ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଏହାଯୋଗୁଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଛତିଶଗଡ଼ ଉପରେ ମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହେଉଥିବାରୁ ହୀରାକୁଦରେ ଆଜି ଆଉ ୪ଟି ଗେଟ ଖୋଲାଯାଇଛି। ମୋଟ ୮ଟି ଗେଟ ଦେଇ ଜଳ ନିଷ୍କାସନ କରାଯାଉଥିବା ଜଣାପଡ଼ିଛି।

### ସୁବର୍ଣ୍ଣରେଖାରେ ପୁଣି...

ପାଉଛି। ବାଲେଶ୍ୱର ଜିଲ୍ଲାରେ ଗତକାଲି ଏବଂ ଆଜିକୁ ମିଶାଇ ୨୮.୨୫ ପ୍ରତିଶତ ହାରରେ ମୋଟ ୩୩୯ ମିମି ବର୍ଷା ରେକର୍ଡ କରାଯାଇଛି। ବାହାନଗା ବ୍ଲକରେ ୨୫ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱର ସଦରରେ ୫୩ମିମି, ବାଲିଆପାଳରେ ୧୬, ଭୋଗରାଇରେ ୧୫, ନୀଳଗିରିରେ ୫୮, ଔପଦାରେ ୩୯, ରେମୁଣାରେ ୪୭, ସିମୁଳିଆରେ ୨୦ ଏବଂ ସୋରରେ ୧୦ମିମି ବର୍ଷା ରେକର୍ଡ ହୋଇଛି।

ସନ୍ଧ୍ୟା ୭ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ, ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ୭.୧୩ ମିଟର ରହିଛି। ଏହି ନଦୀର ବିପଦ ସଙ୍କେତ ୧୦.୩୬ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି। ସେହିପରି ମଥାନୀଠାରେ ଜଳକାର ଜଳସ୍ତର ୫.୦୧ମିଟର ରେକର୍ଡ ହୋଇଛି। ନଦୀର ବିପଦ ସଙ୍କେତ ୬.୫୦ମିଟର ଥିବା ବେଳେ ସତର୍କ ସଙ୍କେତ ୬ ମିଟର ରହିଛି।


**AFFIDAVIT**

I, Pritam Agrawal, S/o- Radhashyam Agarwal, Resident of Vill - Bazarpada (Madanmohanpada), PS/ PO/ Dist - Angul, Pin - 759122, Odisha,declare by this affidavit No - 2746, dated- 22.08.2025, that now onwards I shall be known as **PREETAM AGARWAL** for all future purposes.

**Notice (Above 18 years of age)**

By Virtue of an Affidavite sworn before the Notary Public, Udala, Mayurbhnaj, dated 22-08-2025 I, Jhankar Tudu, Address At- Taradashol, Po- Taradashol, Ps- Khunta, Dist- Mayurbhanj, Pin- 757085 declare that I have changed my name Jhinkar Tudu to Jhankar Tudu. Henceforth I shall be known as Jhankar Tudu for all purposes.

Jhankar Tudu

**AFFIDAVIT**

By virtue of an affidavit no-3869 sworn before the Executive Magistrate, Dhenkanal on dtd- 31/07/2025, I **Rasananda Garanayak**, S/o- Gumani Garanayak, resident of At/Po- Neulapoi, Ps- Gondia, Dist- Dhenkanal, Odisha. My Aadhar Card bearing No. 8632 0518 2255. I have changed my name from **Rasananda Samal** (old name) to **Rasananda Garanayak** (new name). Henceforth, both name Rasananda Samal and Rasananda Garanayak is one & same person, I will be known as **Rasananda Garanayak** for all future purposes.

Rasananda Garanayak

**Notice (for Minor)**

By virtue of an affidavit sworn before Executive Magistrate, Baripada, Mayurbhanj dated 25.03.2025 with Serial No : 1838.i, Phulamani Murmu Resident of At-bhadua, Po- danadar, Ps-jharpakharia, Dist- mayurbhanj, Odisha, Pin- 757032 declare that i have change the name of my son from Sambh Murmu To Sambhunath Murmu. Henceforth, He shall be known as Sambhunath Murmu for all purposes.

Phulamani Murmu

**ହଜିଯାଇଛି**

ମୁଁ ଦୁର୍ବା ରଞ୍ଜନ ସିଂହ ବାବୁ, ପିତା ୰ ସତ୍ୟ ଚରଣ ସିଂହ ବାବୁ, At : AM2/03, Brooke Street, Covent Garden, Adhalia, PO:Phulnakhara, Dist- Cuttack, ଘୋଷଣା କରୁଅଛି ଯେ, ମୋର ସମ୍ପତ୍ତି ସହ ସମ୍ବନ୍ଧିତ ଏକ ମୂଳ ROR ପତ୍ରଟି କେଉଁଠି ହରାଇ ଦେଇଛି, ଯାହାର ଖତିଆନ ନଂ.686/1000, ପ୍ଲଟ୍ ନଂ. 1118/7081, କ୍ଷେତ୍ରଫଳ : A 0.060 Dec. ଓ ଜମିଦାରଙ୍କ ନାମ ଶ୍ରୀମତୀ ଡ଼ଲି ଦାସ ଓ ଟୁଟୁଲ କିଶୋର ଦାସ, ମୌଜା-ଅଢ଼ାଳିଆ। ଏହି ROR ଟି ଏସ୍.ବି.ଆଇ. ହୋମ୍ ଲୋନ୍ ସେଣ୍ଟର, ମହାନଦୀ ବିହାର, କଟକ କୁ ଜମା କରିବାକୁ ଉଦ୍ଦିଷ୍ଟ। ଯଦି କାହାକୁ ଏହି ପତ୍ରଟି ମିଳେ, ତାହେଲେ ଦୟାକରି ଏହି ନମ୍ବରରେ ସମ୍ପର୍କ କରନ୍ତୁ। 9861077996

**AFFIDAVIT**

I, Saroj Kumar Samal, S/o- Prafulla Chandra Samal, resident of At- Bantala, Po- Kurujanga, Dist- Cuttack, PIN- 754208, Odisha declared by this affidavit No. 675, dtd- 22/08/2025 that now onwards I shall be known as **SAROJA KUMAR SAMAL** for all future purposes.

**Notice (for Minor)**

By virtue of an affidavit sworn before The court of Executive Magistrate, Baripada, Mayurbhanj, dated 02-08-2025 I, Chama Marndi, Address AT- Dubulabeda, PO- Kuabuda, PS- Chandua, Dist- Mayurbhanj, PIN-757014 declare that I have changed the name of my Son from Sankh Marndi to Sankha Marndi. Henceforth, he shall be known as Sankha Marndi for all purposes.

Chama Marandi

**AFFIDAVIT**

**I, Md Muzammilur Rahman S/o-Md. Mohinuddin Ahmed, resident of Aradbazar, PS-Sahadevkhunta, Balasore, Pin-756001, Odisha, declare by this affidavit No.7238 dtd. 20/06/2025 now onwards I shall be known as Md. Muzammilur Rahman for all future purposes.**

**AFFIDAVIT**

By virtue of an affidavit No. 5151 sworn before the Executive Magistrate, Champua, dated- 18/08/2025. I, Sunita Behera, W/o- Gouttam Behera, permanent resident of Vill- Jayamangalpur, Po- Kodagadia, Ps- Champua, Dist-Keonjhar, Pin- 758041, Odisha, I have changed my minor daughter's name from **Line Behera** (old Name) to **Liza Behera** (new name). Henceforth, she shall be known as **Liza Behera** for all future purposes.

Sd/- Sunita Behera

**AFFIDAVIT**

**I, Mrs Khoosnaz Raheman W/o-Md. Muzammilur Rahman, resident of Aradbazar, PS-Sahadevkhunta, Balasore, Pin-756001, Odisha, declare by this affidavit No. 7238 dtd. 20/06/2025, now onwards I shall be known as Khoosnaz Raheman for all future purposes.**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 29-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ଗାଲ୍ଭାନାଇଜଡ (Galvanized) ଷ୍ଟିଲ୍ ୱାୟର ସ୍ଥାନରେ ଆଣ୍ଟିକ୍ରିପ୍ (Anticreep) ୱାୟର ଭାବରେ କ୍ୟାଟେନାରୀ (Catenary) ୱାୟର ର ବ୍ୟବସ୍ଥା।

ବିଜ୍ଞାପିତ ମୂଲ୍ୟ : ₹ 79,10,763.04, EMD : ₹ 1,58,200/-, ଶେଷ ହେବା ଅବଧି : 365 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.08.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.09.2025ରିଖ 1300 ଘଣ୍ଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ସେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-509/Q/25-26

**AFFIDAVIT**

By virtue of an affidavit sworn before Executive Magistrate, Gop, CF.NO- 273411, dated 02-08-2025 I, **RAMESH KUMAR NAYAK, S/o Bharat Nayak** permanent resident of Village At- Barimunda, PO- Baulanga, PS- Gop, Dist- Puri, State- Odisha, PIN- 752107, declare that I have changed my name from **RAMESH NAYAK** (Old name) to **RAMESH KUMAR NAYAK** (New name), Henceforth, I shall be known as **RAMESH KUMAR NAYAK** for all purposes.

Sd-( RAMESH KUMAR NAYAK )

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII BBS2025031, ତା.14.08.2025ରିଖ

କାର୍ଯ୍ୟର ନାମ : EPC ମୋଡ୍‌ରେ ଉପଯୋଗି ବସ୍ତୁର ସ୍ଥାନାନ୍ତରଣ, ବିଦ୍ୟୁତୀକରଣ ଏବଂ ସିଗ୍ନାଲିଙ୍ଗ୍ ଏବଂ ଦୂରସଂଚାର କାର୍ଯ୍ୟ ସହିତ ଦେଇତାରୀ ଷ୍ଟେସନ ଠାରୁ କାଲିପର୍ବତ ପର୍ଯ୍ୟନ୍ତ ନୂଆ ଲାଇନର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 10633.00 ଲକ୍ଷ, EMD : ₹ 53,16,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.12.2025ରିଖ 1200 ଘଣ୍ଟିକାରେ।

[illegible]

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : [illegible] IREPS [illegible]

[illegible]

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-83/CI/25-26

**AFFIDAVIT**

By virtue of an affidavit sworn before Executive Magistrate, Gop, CF.NO- 278012, dated 05-08-2025 I, **PRAVATI NAYAK, W/o Ramesh Kumar Nayak** permanent resident of Village At- Barimunda, PO- Baulanga, PS- Gop, Dist- Puri, State- Odisha, PIN- 752107, declare that I have changed my name from **PRAVATI RANI NAYAK** (Old name) to **PRAVATI NAYAK** (New name), Henceforth, I shall be known as **PRAVATI NAYAK** for all purposes.

Sd-( PRAVATI NAYAK )

**LOST**

I, **Smt. Chhabi Rani Ghosh,** aged about 52 years, W/o Sibanjan Ghosh, present resident of At: QTR No. JIB-43, South Balanda Colony, Talcher, Dist-Angul, Odisha do hereby declare that, on dtd- 02/08/2025, while I was coming from NSCH Colony to my resident at Balanda Colony in as Autorickshaw, I have lost my original Sale Deed No- 10051700921, dt- 02/06/2017, Hal Khata no- 370/288, Plot No- 1917, Area- 60 dcml, Mouza- Tentulei with other documents which was kept in my hand bag. If anyone finds it kindly contact to my number 9090706201 or above the address.

Chhabi Rani Ghosh

**LOST**

I, **Lingaraj Mishra,** aged about 72 years, S/o Late Raghunatha Mishra, resident of At- Biraramachandrapur Part-4, PO- Biraramachandrapur, PS- Satyabadi, Dist- Puri, PIN- 752014, Odisha declare that on dtd. 01/08/2025, while I was coming from Sakhigopal bazar to my resident at Biraramachandrapur in a Auto Rickshaw, I have lost my original interim deed (Link Document) sale deed No. 11541500182 date- 25/03/2015 and ROR Mouza- Biraramachandrapur, Khata No. 1339/5019 in name of Padmaja Priyadarshini Mishra along with other documents which was kept in my hand bag somewhere said bag has been misplaced / lost anywhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the LICHFL, at: IPICOL House within 15 days from the date of publication and after that the documents will lose its legal force and LICHFL will not be responsible for any claim what-so-ever on the property after 15 days.

LICHFL Branch, BBSR
N.C. Pattnaik, Advocate
Mob: 9853311189

Office of the Principal Cum-Secretary

**SHREE JAGANNATH HIGHER SECONDARY SCHOOL**

AT/P.O.- PINGUA, DHENKANAL - 759016

Email Id- s.j.m.pingua@gmail.com

Applications are invited from the eligible candidates for the Contractual Post of **Watch Man** within 7 days, to the Administrative Officer, S.J. Higher Secondary School, Pingua, Dhenkanal.

Sd/- Administrative Officer
Shree Jagannath H.S. School

ସକାଳ THE SAKALA



## ବଢୁଛି ଶବ୍ଦ ପ୍ରଦୂଷଣ, କାହାରି ନଜର ନାହିଁ

ଚନ୍ଦନେଶ୍ୱର, ୨୩।୮ (ସମିସ) : ଭୋଗରାଇରେ ଶବ୍ଦ ପ୍ରଦୂଷଣ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏ ନେଇ ପ୍ରଶାସନ ଓ ଜନ ପ୍ରତିନିଧି କେହି ନଜର ନ ଦେବାକୁ ନେଇ ଜନଅସନ୍ତୋଷ ସୃଷ୍ଟି ହେଉଛି । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ ଓ ସଚେତନ ନାଗରିକମାନଙ୍କ ପକ୍ଷରୁ ଥାନାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ । ପ୍ରଶାସନ କିମ୍ବା ପୁଲିସ ଏହି ଶବ୍ଦ ପ୍ରଦୂଷଣକାରୀ ମାନଙ୍କ ପ୍ରତି କୋହଳ ମନୋଭାବକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି । ବିବରଣୀ ଅନୁସାରେ ଆଗକୁ ଆସୁଛି ପୂଜା, ପାର୍ବଣର ଋତୁ । ପ୍ରତି କ୍ଲବ, ମାର୍କେଟ, ଛକ ଜାଗାରେ ଗଣେଶ ପୂଜା ଓ ଗାଁ, ଗାଁରେ ଅଦିନିଆ ସରସ୍ୱତୀ ଓ ମନସା ମାତାଙ୍କ ପୂଜାର୍ଚ୍ଚନା । ଏହି ପୂଜାମାନଙ୍କରେ ମୂର୍ତ୍ତି ଭସାଣିବେଳେ ଓ ବାହାଘରରେ ବରଯାତ୍ରୀମାନେ ଡିଜେ ସମ୍ମୁଖରେ ନାଚି ନାଚି ଯିବା ଏକ ପରମ୍ପରା ହୋଇଗଲାଣି । ଏଥିପାଇଁ ବ୍ୟବହୃତ ହେଉଥିବା ଡାକବାଜି ଯନ୍ତ୍ର ଓ ଡିଜେର କର୍କଶ ଶବ୍ଦରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡିଲେଣି । ଡିଜେ କମ୍ପନରେ ବହୁତ ଗ୍ରୀଷ୍ମ ଦିନରେ ହୃଦରୋଗୀମାନେ ଅଶାନ୍ତିରେ ଜୀବନ ବିତେଉଛନ୍ତ । କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦୂଷଣ ନିୟମ ୨୦୧୦ ଲାଗୁ କରାଯାଇଛି । ପରିବେଶ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁଯାୟୀ ଶବ୍ଦ ପ୍ରଦୂଷଣକୁ ରେସିଡେନ୍ସିଆଲ, ସାଇଲେନ୍ସ ଓ କମରସିଆଲ ଜୋନ ଭାବରେ ବିଭକ୍ତ କରାଯାଇଛି । କମରସିଆଲ ଜୋନରେ ସକାଳ ୬ ଟାରୁ ରାତି ୧୦ଟା ମଧ୍ୟରେ ୬୫ ଡେସିବିଲ ଓ ରାତି ୧୦ଟାରୁ ସକାଳ ୬ ଟା ମଧ୍ୟରେ ୫୫ ଡେସିବିଲ ମଧ୍ୟରେ ଶବ୍ଦ ବ୍ୟବହାର କରାଯିବାର ନିୟମ ରହିଛି ! ସେହିପରି ସାଇଲେନ୍ସ ଜୋନରେ ସକାଳ ୬ଟାରୁ ରାତି ୧୧ ଟା ମଧ୍ୟରେ ୫୦ଡେସିବିଲ ଓ ରାତି ୧୦ ଟାରୁ ସକାଳ ୬ଟା ମଧ୍ୟରେ ୪୦ ଡେସିବିଲ ଏବଂ ରେସିଡେନ୍ସିଆଲ ଜୋନରେ ସକାଳ ୬ ଟାରୁ ରାତି ୧୦ଟା ମଧ୍ୟରେ ୫୫ ଡେସିବିଲ ଓ ରାତି ୧୦ଟାରୁ ସକାଳ ୬ ଟା ମଧ୍ୟରେ ୪୫ ଡେସିବିଲ ଶବ୍ଦ ବ୍ୟବହାର ହେବ । ମାତ୍ର ଏହି ନିୟମକୁ କୌଣସି ଡିଜେ ବାଲା ମାନୁନାହାନ୍ତି । ସେମାନେ ୯୦ ଡେସିବିଲରୁ ଅଧିକ ତୀବ୍ରତାର କର୍କଶ ଶବ୍ଦ ପ୍ରଦୂଷଣ କରୁଥିବାର ଦେଖାଯାଉଛି । ଏହାଛଡା ରେସିଡେନ୍ସିଆଲ, କମାରସିଆଲ ଓ ସାଇଲେନ୍ସ ଜୋନ ଉପରେ ଗୁରୁତ୍ୱ ଦେଉନାହାନ୍ତି । ଏପରିକି ଡାକ୍ତରଖାନା, ବିଦ୍ୟାଳୟ ସରକାରୀ କାର୍ଯ୍ୟାଳୟ, ଥାନା ଓ ଫାଣ୍ଡି କିଛି ମାନୁନାହାନ୍ତି । ଏହାକୁ ନେଇ ଦଳ ଦଳ ମଧ୍ୟରେ ବାରମ୍ବାର ଗୋଷ୍ଠୀ କନ୍ଦଳ ଲାଗିବାର ଦେଖିବାକୁ ମିଳୁଛି । ଏ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି ।

## ମଧ୍ୟାହ୍ନ ଭୋଜନ ଘୋଟଲା ମୁହଁ ଖୋଲିଲେ ମହିଳା ଗୋଷ୍ଠୀ

ପଞ୍ଚଲିଙ୍ଗେଶ୍ୱର,୨୩।୮ (ସମିସ): ନୀଳଗିରି ଉପଖଣ୍ଡ ସନ୍ତରା ଗଡିଆ, ନୋଡାଲ ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ଘୋଟଲା ମିଥ୍ୟା ବୋଲି ମୁହଁ ଖୋଲିଲେ ମା ମଙ୍ଗଳା ସ୍ୱୟଂ ସହାୟିକା



ଗୋଷ୍ଠୀର ମହିଳା ମାନେ । ସେମାନଙ୍କ କହିବା ଅନୁଯାଇ ଦୀର୍ଘ ୧୭ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ସେମାନେ ମଧ୍ୟାହ୍ନ ଭୋଜନ ଦେଇ ଆସୁଥିଲେ, କିନ୍ତୁ ଏହି ଚାରିମାସ ହେଲା ହାଇସ୍କୁଲର ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଯେବେଠୁଁ ଦିଆଗଲା, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ,ଏସ.ଏମ. ସି. କମିଟି ମେମ୍ବର ଓ ବିଦ୍ୟାଳୟର ପିଅନ ଓ କିଛି କୁ ଚକ୍ରାନ୍ତକାରୀଙ୍କ ମନ ଗଢ଼ା କାହାଣୀ ମିଥ୍ୟା ଆରୋପ କରିଛନ୍ତି, ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଟଙ୍କା ମଗାଯାଇଥିଲା ସେମାନେ ନ ଦେବାରୁ ଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଦ୍ୟାଳୟରୁ ବାହାର କରି ଅନ୍ୟ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦେବା ପାଇଁ ଏ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଏସ. ଏମ. ସି କମିଟିକୁ ଚକ୍ରାନ୍ତ, ଖାଲି ସେତିକି ନୁହେଁ ପ୍ରଧାନ ଶିକ୍ଷକ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ଘୋଟଲା କରୁଛନ୍ତି ବୋଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଅଭିଯୋଗ କରିଛନ୍ତି ।

## ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଉଦ୍‌ଘାଟିତ



ବାଲେଶ୍ୱର,୨୩।୮ (ସମିସ): ସ୍ଥାନୀୟ ଆଇଟିଆଇ ଛକସ୍ଥିତ ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଶନିବାର ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ୱାଲର୍ଡ ଟ୍ରାଡିସନାଲ ସଟକସ୍ କରାଟେ ଫେଡେରେସନର ଜାତୀୟ ସାଧାରଣ ସମ୍ପାଦକ ରବିନାରାୟଣ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ସୂର୍ଯ୍ୟ ରଞ୍ଜନ ସାସମଲ,ସିନିୟର ଇନିଷ୍ଟ୍ରକ୍ଟର ସନକ ଦେଓ ଯୋଗଦେଇ ଏହି ଦୁଇଦିନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ନିମ୍ନର ସଭାପତି ଓ ଇନିଷ୍ଟ୍ରକ୍ଟରମାନେ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ମୋଟ ୧୮୦ଜଣ ପ୍ରତିଯୋଗୀ ସାମିଲ ହୋଇଛନ୍ତି । ଆସନ୍ତା କାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ । ରାଜ୍ୟସ୍ତରୀୟ ଏହି ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀମାନେ କୃତିତ୍ୱ ଅର୍ଜନ କରିବେ ସେ ମାନେ ଆସନ୍ତା ଜାନୁଆରୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଫେଡେରେସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମକୁ ମନୋରଞ୍ଜନ ଆଚାର୍ଯ୍ୟ, ମନୋରଞ୍ଜନ ଜେନା ଓ ସମୀର କୁମାର ତାଲଦୀ ପରିଚାଳନା କରୁଛନ୍ତି ।

### ଅଶାନ୍ତ ସମୁଦ୍ର, ଉପକୂଳବର୍ତ୍ତୀ ଅଞ୍ଚଳ ଲୋକେ ଭୟଭୀତ

# ତାଳସାରୀରୁ କୀର୍ତ୍ତନିଆ ସୁରକ୍ଷା ବନ୍ଧ କେବେ

ଚନ୍ଦନେଶ୍ୱର, ୨୩।୮ (ସମିସ)

ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲ୍ଲାର ଭୋଗରାଇର ତାଳସାରୀଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ବେଳାଭୂମି ରହିଛି । ପ୍ରତି ବର୍ଷ ସାମୁଦ୍ରିକ ଝଡ଼ ଓ ଲଘୁଚାପ ପାଇଁ ସମୁଦ୍ରରେ ଉଚ୍ଚ ଜୁଆର ମାଡିବା ଯୋଗୁଁ ଉପକୂଳ ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ସମୁଦ୍ରର ଉଚ୍ଚ ଜୁଆର କୂଳରେ ମାଡ ହେବାରୁ ମୃତ୍ତିକା କ୍ଷୟ ହେବା ସହିତ ଉପକୂଳ ଗାଁ ତାଳସାରୀ, ବିନ୍ଧାପଦ୍ମପୁର, କୃଷ୍ଣନଗର, କନ୍ୟାନଗରୀ, ଖଡ଼ିବିଲ, ରଣସିଂହପୁର, ବଡ଼ପାହି, ନାରାୟଣ ମହାନ୍ତି ପଡିଆ, ଚନ୍ଦ୍ରବାଲି ଓ କୀର୍ତ୍ତନିଆ ଆଦି ଗାଁର



ଲୋକମାନେ ଭୟଭୀତ ଅବସ୍ଥାରେ ଦିନ ଗଣୁଛନ୍ତି । ଏହାଛଡା ଗତ ୧୯୯୯ ମସିହା ନଭେମ୍ବର ୨୯ ତାରିଖ ମହାବାତ୍ୟା ପରଠାରୁ ଅଦ୍ୟାବଧି ଆଠରୁ ଅଧିକ ସାମୁଦ୍ରିକ ଝଡ଼ ଉପକୂଳବାସୀଙ୍କୁ ବେଶ ପ୍ରଭାବିତ କରିଛି । ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ୧୨ କିଲୋମିଟର ଉପକୂଳ ସୁରକ୍ଷା ବନ୍ଧ ଦୀର୍ଘଦିନ କାର୍ଯ୍ୟକାରୀ ହେଉ ନ ଥିବାରୁ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ଧନ ଜୀବନ କ୍ଷୟ କ୍ଷତି ହେଉଛି । ଶହ ଶହ ଏକର ଚାଷ ଜମିରେ ଲୁଣି ପାଣି ପଶିବା ଫଳରେ ଚାଷ ନଷ୍ଟ ହେବା ସହ ଚାଷୀଙ୍କର ଚାଷ ପ୍ରତି ନିରାଶା ଭାବ ସୃଷ୍ଟି ହେଉଛି । ସାମୁଦ୍ରିକ ଝଡ ଏବଂ ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ସୁବର୍ଣ୍ଣପୁରରେ ଥିବା ଶହ ଶହ ଝାଉଁ ଜଙ୍ଗଲ ସମୁଦ୍ର ଗର୍ଭରେ ଲୀନ ହେଉଛି । ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ଦୀର୍ଘ ୧୨ କିଲୋମିଟର ଉପକୂଳ ତଟ ମୁକୁଳା ପଡିଛି । ଦୀର୍ଘ ଦିନ ଧରି ଉଚ୍ଚ ପଥର ବନ୍ଧ ତିଆରି ନ ହେବାରୁ ସମୁଦ୍ର ଉପକୂଳ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ତୁରନ୍ତ ସମୁଦ୍ର ଉପକୂଳର ତଟ ସୁରକ୍ଷା ଉଚ୍ଚ ପଥର ବନ୍ଧ ନ ହେଲେ କିଛି ବର୍ଷ ମଧ୍ୟରେ ଅଶାନ୍ତ ସମୁଦ୍ର ଉପକୂଳ ଗାଁଗୁଡିକ ଲୀନ ହୋଇ ଭୌଗୋଳିକ ସ୍ଥିତି ବଦଳାଇ ଦେଇ ପାରେ ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିବା ସହିତ ସୁରକ୍ଷା ବନ୍ଧ ନିର୍ମାଣ କରିବାକୁ ଦାବି କରିଛନ୍ତି ।

## ଚନ୍ଦନେଶ୍ୱରକୁ ଏନ୍‌ଏସି ମାନ୍ୟତା ନ ମିଳିଲେ ଆନ୍ଦୋଳନ

ଚନ୍ଦନେଶ୍ୱର, ୨୩।୮ (ସମିସ): ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭ଟି ଜିଲ୍ଲାର ୧୨ଟି ଅଂଚଳକୁ ଏନଏସି ମାନ୍ୟତା ପ୍ରଦାନ କରିଛନ୍ତି । ତେବେ ରାଜ୍ୟର ସର୍ବ ବୃହତ ବ୍ଲକ ଭାବେ ପରିଚିତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର ଏହି ତାଲିକାରୁ ବାଦ ପଡିଛି । ଏଥିପାଇଁ ଅଂଚଳବାସୀଙ୍କ ମନରେ ଅସନ୍ତୋଷ କୁହୁଳିବାରେ ଲାଗିଛି । ଖୁବଶୀଘ୍ର ଏକ ଗଣ ଆନ୍ଦୋଳନ ଡାକରା ଦେବା ପାଇଁ ସଜବାଜ ହେଉଥିବା ଜଣା ପଡିଛି । ପୂର୍ବ ସରକାର ସମୟରେ ହୁଗୁଳି, ଗୋଛିଦାଡେଘରୀ, ସାହାବାଜିପୁର, ବାଜିତପୁର, ଶଙ୍ଖାରୀ, ଶ୍ରଦ୍ଧାପୁର, କାନ୍ଥିଥଉଁରୀ ଓ ଜଗନ୍ନାଥପୁର ପ୍ରଭୃତି ୮ ଟି ଗ୍ରାମପଞ୍ଚାୟତର ୩୬ ଟି ଗ୍ରାମକୁ ନେଇ ତାଳସାରୀ ଉନ୍ନୟନ ପରିଷଦ ଗଠିତ ହୋଇଥିଲା । ଏହି ପଞ୍ଚାୟତ ଅଧୀନରେ ମନୋରମ ବେଳାଭୂମି ଉଦୟପୁର, ତାଳସାରୀ ଭଳି ବୈଚିତ୍ର ଭରା ବିଚିତ୍ରପୁର ଇକୋ ଟୁରିଜିମ ରହିଛି । ଖାଲି ସେତିକି ନୁହେଁ, ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ଏବଂ ଏସିଆର ସର୍ବ ବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ମନ୍ଦିର ରହିଛି । ଚନ୍ଦନେଶ୍ୱରକୁ ଏନଏସି ପାଇଁ ଆବଶ୍ୟକୀୟ ଭିତିଭୂମି ମଧ୍ୟ ରହିଛି । ଚନ୍ଦନେଶ୍ୱର ମନ୍ଦିର ସମେତ ଉକ୍ତ ପର୍ଯ୍ୟଟନ କେନ୍ଦ୍ରକୁ ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ଏହାଛଡ଼ା ଚୈତ୍ର ମାସର ଚଡ଼କ ମେଳା ସମୟରେ ଚନ୍ଦନେଶ୍ୱର ମନ୍ଦିରକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ । ତେଣୁ ସମସ୍ତ ଭିତିଭୂମି ଥାଇ ଚନ୍ଦନେଶ୍ୱର ଭଳି ଏକ ପର୍ଯ୍ୟଟନ କେନ୍ଦ୍ରକୁ ଏନ୍‌ଏସିର ମାନ୍ୟତା ପ୍ରଦାନ କରିବା ପାଇଁ ପୂର୍ବତନ ସରପଞ୍ଚ ତଥା ମୌରସି ତପନ କୁମାର ପଣ୍ଡା, ଭଏସ ଅଫ୍ ଭୋଗରାଇର ସଭାପତି ସୁବାସ ଚନ୍ଦ୍ର ଦାସ, ପୂର୍ବତନ ୱାଡର୍‌ସଭ୍ୟ ଗୌରହରି ପ୍ରଧାନ, କିଶୋରୀ ମୋହନ ଦାସ ଓ ବନମାଳୀ ବେହେରା ପ୍ରମୁଖ ଦାବି କରିଛନ୍ତି । ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଚନ୍ଦନେଶ୍ୱରକୁ ଏକ ଏନଏସି ଓ କମର୍ଦ୍ଦାକୁ ଏକ ବ୍ଲକରେ ପରିଣତ କରିବା ପାଇଁ ଦାବି କରି ଆସୁଛନ୍ତି । ଅଳ୍ପ ଦିନ ମଧ୍ୟରେ ଚନ୍ଦନେଶ୍ୱରଠାରେ ଏକ ସମାବେଶ କରି ଏନଏସି ପାଇଁ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି ।

## ଷଷ୍ଠ ଦିନରେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ

ନୀଳଗିରି, ୨୩।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦୀର୍ଘ ବର୍ଷ ହେବ ସଂଘର ସଭାପତି ବିଶ୍ୱରଂଜନ ଦାସଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ଉପାୟରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରିଆସୁଅଛି । ହେଲେ ସରକାର ଦାବି ପୂରଣ କରୁନଥିବାରୁ ନୀଳଗିରି ଉପଖଣ୍ଡରେ ନୀଳଗିରି ମହାବିଦ୍ୟାଳୟ, ନୀଳଗିରି, ସ୍ୱର୍ଣ୍ଣଚୁଡ ମହାବିଦ୍ୟାଳୟ, ମିତ୍ରପୁର ଏବଂ ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରେ ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ହେଲେ ରାଜ୍ୟ ସରକାର ଏମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିନାହାନ୍ତି । ବିଜେପି ସରକାର ଆସିବା ଦିନଠାରୁ ଆଜି ପର୍ଯ୍ୟନ୍ତ ୧୩ ମାସ ମଧ୍ୟରେ



ସଂଘ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ୧୨ ଥର ଯାଇ ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରତ୍ୟକ୍ଷ ସାକ୍ଷାତ କରି ଦାବିପତ୍ର ଦେଇଥିଲେ ବି କିଛି ସୁଫଳ ମିଳିନାହିଁ । ଫଳରେ ଦସ୍ତଖତ ଅଭିଯାନ ମାଧ୍ୟମରେ ଦେଢ଼ ଲକ୍ଷ ସାଧାରଣ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ମଧ୍ୟ ପ୍ରଦାନ କରାଯାଇଛି । ୧୮.୦୮.୨୦୨୫ ରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁରହିଛି । ଗୋଟିଏ ମାତ୍ର ଦାବି ଯଥାଶୀଘ୍ର ସରକାରୀ ଅନୁଦାନ ପ୍ରଦାନ କରାଯାଉ । ଯେତେ ପର୍ଯ୍ୟନ୍ତ ସରକାର ଦାବି ପୂରଣ କରି ନାହାଁନ୍ତି ସେତେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନ କରୁଥିବା ଏହି ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ପ୍ରକାଶ କରଛନ୍ତି । ନୀଳଗିରିର ସମସ୍ତ ମହାବିଦ୍ୟାଳୟ ଗୁଡିକରେ ମଧ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ଧାରଣାରେ ବସିଛନ୍ତି । ଫଳରେ ଛାତ୍ରଛାତ୍ରୀଙ୍କ ପାଠ ପଢାରେ ଅସୁବିଧା ଉପୁଜିଥିବା ବେଳେ ସରକାରୀ ଶିକ୍ଷକ ମାନେ ଏବେ କମ୍ପ୍ୟୁଟର ସହ ଅଫିସ କାର୍ଯ୍ୟ ପରିଚାଳନା କରୁଥିବାର ଦେଖିବାକୁ ମିଳିଛି ।

## ମେଗା ପ୍ରକଳ୍ପ କାର୍ଯ୍ୟ ତଦାରଖ କଲେ ସାଂସଦ

ନୀଳଗିରି, ୨୩।୮ (ସମିସ): ବାଲେଶ୍ୱର ଜିଲା ନୀଳଗିରି ବ୍ଲକରେ ଅଯୋଧ୍ୟା ପଞ୍ଚାୟତଠାରେ ପ୍ରବାହିତ ସୋନ ନଦୀରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୭୨ କୋଟି ଟଙ୍କାର ବିନିଯୋଗରେ ମେଗା ଜଳଯୋଗାଣ ପ୍ରକଳ୍ପ ରାଜସ୍ଥାନ ଠିକାଦାର ଜୁବେରୀ କମ୍ପାନୀ ଓ ପ୍ରକଳ୍ପର ଦେଖରେଖ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚାଲୁରହିଛି । ନୀଳଗିରି ବ୍ଲକର ୨୦ ପଞ୍ଚାୟତରେ ମେଗା ଜଳ ପ୍ରକଳ୍ପ କାମ ଚାଲୁରହିଛି । ପ୍ରକଳ୍ପରୁ ଉକ୍ତ ବ୍ଲକର ବିଭିନ୍ନ ଗ୍ରାମ ଓ ରାସ୍ତାପାଶ୍ୱର୍ ଦେଇ ପାଇପ୍ ବିଛାଚାଲିଛି । ଶନିବାର ମଧ୍ୟାହ୍ନରେ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ଜନ୍ମ ମାଟି ତାଥା ଧୋବଶିଳା ପଞ୍ଚାୟତ ଅଧିନ ଗୋପିନାଥପୁରେ ନିଜ ଘରେ ଥିବାବେଳେ ଘର ପାଖ ରାସ୍ତାପାଶ୍ୱର୍ ଦେଇ ଠିକା ସଂସ୍ଥା ପକ୍ଷରୁ ପାଇପ୍ ବିଛାଚାଲିଥିଲା । ଏହି ପାଇପ୍ ତିନି ଫୁଟ ଗଭିର ହେବା ସ୍ଥଳେ ଏକ ଫୁଟ ଗଭୀରରେ ବିଛାଯାଉଥିବାରୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ପ୍ରକଳ୍ପ ଦାୟିତ୍ୱରେ ଥିବା (ଆର.ଡବ୍ଲୁ.ଏସ୍.ଏସ୍)ର କନିଷ୍ଠ ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହନ୍ତ ଓ ଦିଆଯାଇଥିବା ଠିକାସଂସ୍ଥାର ଭାଇସ ପ୍ରେସିଡେଣ୍ଟ ଆର.ପି. ସିଂଙ୍କୁ ଘଟଣା



ସ୍ଥଳକୁ ଡକାଇ ଏଭଳି ଘଟଣା ସମ୍ପର୍କରେ ପଚାରିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ଆର.ଡବ୍ଲୁ.ଏସ୍.ଏସ୍ ପକ୍ଷରୁ ସେହିଠାର ବିଛାଯାଇଥିବା ସବୁ ପାଇପକୁ ଉଠାଇ ପୁଣି ଥରେ ପାଇପ୍ ବିଛାଇବାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଏ ସମ୍ପର୍କରେ ଆସିଷ୍ଟାଣ୍ଟ ଚିଫ ଇଂ. ସମୀର କୁମାର ଦେଙ୍କୁ ପଚାରିବାରୁ ଠିକାସଂସ୍ଥା ଜୁବେରୀ ଇଞ୍ଜିନିୟରିଂ ର ଭାଇସ ପ୍ରେସିଡେଣ୍ଟ ଆର.ପି. ସିଂଙ୍କୁ କମ୍ପାନୀ ଟର୍ମିନେଟ କରିବା ସହ ସହକାରୀ ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହନ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି ।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ନୀଳଗିରି, ୨୩।୮ (ସମିସ): ନୀଳଗିରି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ତିନିଦିନଧରି ଚାଲିବାକୁ ଥିବା ବିଭାଗ ଓ ସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଉଦ୍‌ଘାଟିତ ହୋଇଯାଇଛି । ଏହି ଜ୍ଞାନବିଜ୍ଞାନ ମେଳାରେ ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱରର ମୋଟ ୨୫୦ରୁ ଉଦ୍ଧର୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ବିଜ୍ଞାନ,ଗଣିତ ବିଭାଗରେ ୬୫ଟି ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପସ୍ଥାପନା କରାଯାଇଛି । ଏହି ବିଜ୍ଞାନ ମେଳା ନିମନ୍ତେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାନ୍ତ ପରୀକ୍ଷା ପ୍ରମୁଖ ରୁଦ୍ରନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ତହସିଲଦାର ସୋନମ ଦାସ, ଡ. ଲକ୍ଷ୍ମୀକାନ୍ତ ମହାରଣା, କିରଣ କୁମାର ମହାରଣା,ନିରୀକ୍ଷକ ବିଜନ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ । ସ୍କୁଲର ପ୍ରଧାନଶିକ୍ଷକ ଜୟକୃଷ୍ଣ ବାରିକ ସଭାପତିତ୍ୱ କରିଥିବା ବେଳେ ହୃଷିକେଶ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ବିଦ୍ୟାଳୟର ରଶ୍ମୀରେଖା ବାରିକ, ପ୍ରଭାମଞ୍ଜରୀ ନାୟକ, ସୁଶାନ୍ତ ପାତ୍ର, ଶ୍ରୀଧର ପାତ୍ର, ବନଜା ମହାପାତ୍ର, ସମର୍ପିତା କାନୁନଗୋ, ରୋଜାଲିନ ଦାଶ, ସୂଚେତା ରାଉଳ, ଭବେନ୍ଦ୍ର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ସିଆର୍‌ପି, ଏମ୍‌ବିକେ ତାଲିମ ଶିବିରରେ ଅନିୟମିତତା ଅଭିଯୋଗ

ଭୋଗରାଇ/ଚନ୍ଦନେଶ୍ୱର, ୨୩।୮ (ସମିସ) : ଭୋଗରାଇର ୫୦ଟି ପଂଚାୟତର ସିଆରପି ଏବଂ ଏମବିକେ ମାନଙ୍କୁ କମ୍ୟୁନିଟି କେଡର ଲୋକୋସ ଉପରେ ଆଜି ପ୍ରଶିକ୍ଷଣ ଆରମ୍ଭ ହୋଇଛି । ଓଡିଶା ଜୀବିକା ମିଶନ,ଭୋଗରାଇ ପକ୍ଷରୁ ଚନ୍ଦନେଶ୍ୱର ନୂତନ ଯାତ୍ରୀ ନିବାସ ଠାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିର ୨ଟି ବିଭାଗ ହୋଇ ମୋଟ ୮ ଦିନ ଚାଲିବ । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ସିଏଲଏଫ ଓ ଜିପିଏଲଏଫର ଫାଇନାନସିଆଲ ରିପୋର୍ଟ ପ୍ରସ୍ତୁତି ଉପରେ ଏହି ପ୍ରଶିକ୍ଷଣ ଦିଆ ଯାଉଥିବା ବେଳେ ସିଆଁରୋଇ ଏମବିକେ ସବିତା ଜେନା ଓ ବାଉଁଶଡିହାଁ ଏମବିକେ କାକଲି ଚକ୍ରବର୍ତ୍ତୀ ତାଲିମଦାତ୍ରୀ ଭାବେ ତାଲିମ ଦେଉଛନ୍ତି । ପ୍ରତି ବିଭାଗରେ ୨୫ଟି ଲେଖାଏଁ ପଂଚାୟତର ସିଆରପି ଏବଂ ଏମବିକେ ଘରୋଇ ଭାବେ ରହି ଏହି ପ୍ରଶିକ୍ଷଣ ନେଉଛନ୍ତି । ତେବେ ଏହି ତାଲିମ ଶିବିରରେ ଅନିୟମିତତା ନେଇ ଅଭିଯୋଗ ହୋଇଛି । ଦ୍ୱିତୀୟ ବ୍ୟାଚ ତାଲିମର ପ୍ରଥମ ଦିନରେ ଶିବିରାର୍ଥୀ ଙ୍କ ନିକଟରୁ ଚାରିଦିନର ଦସ୍ତଖତ କରାଯାଇଥିବା ଜଣାପଡିଛି । ସେହିପରି ପ୍ରତ୍ୟେକ ବ୍ୟାଚ ପାଇଁ ୪ଦିନ ତାଲିମ ହେବାର ସରକାରୀ ନିର୍ଦ୍ଦେଶ ଥିବା ବେଳେ ମାତ୍ର ତିନି ଦିନରେ ତାଲିମ କରାଯାଇଛି । ସୂଚନାଯୋଗ୍ୟ ଯେ ଓଡିଶା ଜୀବିକା ମିଶନ ପକ୍ଷରୁ ହେଉଥିବା ଏହି ତାଲିମ ଶିବିରର ଆଜି ଦ୍ୱିତୀୟ ବ୍ୟାଚ ତାଲିମ ଆରମ୍ଭ ହୋଇଛି । ମାତ୍ର ଆଜି ପ୍ରଥମ ଦିନରେ ବିଏଲସି ମୃତ୍ୟୁଞ୍ଜୟ ପାଳ ତାଲିମାର୍ଥୀମାନଙ୍କ ଠାରୁ ୨୨ ଅଗଷ୍ଟରୁ ଚାରିଦିନର ଉପସ୍ଥାନ ଯାହା ୨୫ ଅଗଷ୍ଟ ପର୍ଯ୍ୟନ୍ତ ଆଗୁଆ କରାଇ ନେଇଛନ୍ତି । ଏପରିକି ଏହି ତାଲିମ ଶିବିର ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ଶିବିରାର୍ଥୀ ମାନଙ୍କ ପାଇଁ ରାତି ଦିନ ରହିବା, ଖାଇବା ପାଇଁ ଅର୍ଥ ଖର୍ଚ୍ଚ ହେଉଛି ମାତ୍ର ବି ଏଲ ସି ଶ୍ରୀ ପାଳ ଯେଉଁ ଶିବିରାର୍ଥୀ ମାନେ ସେଠାରେ ନ ରହି ଘରକୁ ରାତିରେ ଚାଲିଯାଉଛନ୍ତି ତାଙ୍କର ଆଗୁଆ ଦସ୍ତଖତ କରି ସେମାନଙ୍କ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥ ବିଲ୍ କରି ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ୪ ଦିନର ଦସ୍ତଖତ ନେଇ ପୂର୍ବ ବ୍ୟାଚ ୧୯ ଅଗଷ୍ଟରୁ ୨୨ ଅଗଷ୍ଟରେ ଶେଷ ହୋଇଥିବା ତାଲିମ ଗତ ୨୧ ଅଗଷ୍ଟ ତିନି ଦିନରେ ଶେଷ କରି ଚାରି ଦିନର ବିଲ କରାଯାଇଛି । ଦ୍ୱିତୀୟ ବ୍ୟାଚ ତାଲିମ ମଧ୍ୟ ଅନୁରୂପ ଭାବେ କରାଯାଉଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଲଗାଯାଇଥିବା ବ୍ୟାନର ରେ ୧୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ବ୍ୟାଚ ଏବଂ ଅଗଷ୍ଟ ୨୨ରୁ ୨୫ ଯାଏ ହେବ ବୋଲି ଲେଖା ଯାଇଥିବା ମଧ୍ୟ ଦେଖିବାକୁ ମିଳିଛି । ସେହିପରି ତାଲିମ ଶିବିରରେ ଖାତା, କଲମ, ଫୋଲ୍ଡର ମଧ୍ୟ ନିମ୍ନମାନର ଦିଆଯାଉଥିଲା ବେଳେ ଖାଦ୍ୟ ମଧ୍ୟ ନିମ୍ନ ମାନର ବୋଲି ଅଭିଯୋଗ ହୋଇଛି । ତେବେ ଏ ବାବଦରେ ଶ୍ରୀ ପାଳଙ୍କୁ ପଚାରିବାରୁ ସେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି ।

## ବରିଷ୍ଠ ଫାର୍ମାସିଷ୍ଟଙ୍କ ବିୟୋଗ

ରେମୁଣା, ୨୩।୮ (ସମିସ): ବରିଷ୍ଠ ଫାର୍ମାସିଷ୍ଟ ତଥା ଇମାମୀ କାଗଜକଳରେ କାର୍ଯ୍ୟରତ ଥିବା ଅକ୍ଷୟ କିଶୋର ଦାସଙ୍କ ହୃଦଘାତରେ ପରଲୋକ ହୋଇଯାଇଛି ।



ଶନିବାର ଅପରାହ୍ନ ୪ଟାରେ ସହରସ୍ଥିତ ପଡୁଆଁପଦା ବାସଭବନରେ ରହୁଥିବା ଶ୍ରୀ ଦାସ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ଅକାଳ ବିୟୋଗରେ ବାଲେଶ୍ୱର ସହର ସମେତ ରେମୁଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହାବ୍ୟତୀତ ଇମାମୀ କାଗଜକଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡାକ୍ତରଖାନା ପରିସରରେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଅମର ଆତ୍ମାର ସଦ୍‌ଗତି କାମନା କରି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ ।

## ରାୟାଁ ପଶ୍ଚିମସାହି ରାସ୍ତା କାଦୁଅ ପଚପଚ

### ବର୍ଷାହେଲେ ଅଙ୍ଗନବାଡ଼ି ଓ ସ୍କୁଲ ମାଡ଼ନ୍ତିନି ପିଲା

ଜଳେଶ୍ୱର,୨୩।୮ (ସମିସ)

ଜଳେଶ୍ୱର ବ୍ଲକର ରାୟାଁରାମଚନ୍ଦ୍ରପୁର ପଞ୍ଚାୟତ ଅଧିନ ୬ନଂ ୱାର୍ଡ ରାୟାଁ ଗାଁର ପଶ୍ଚିମସାହି ରାସ୍ତା ଅଗମ୍ୟ ହୋଇ ପଡିଛି । ବର୍ଷାଋତୁ ଯାକ ପିଲାମାନେ ସ୍କୁଲ କିମ୍ବା ଅଂଗନବାଡି କେନ୍ଦ୍ରକୁ ଯାଇନପାରି ଏକପ୍ରକାର ଘରେ ବସି ରହନ୍ତି । ଗ୍ରାମବାସୀ ହାଟ ବଜାରକୁ ଯିବା କଷ୍ଟସାଧ ହୋଇଥିବା ବେଳେ ଆମ୍ବୁଲାନ୍ସ ସେବା ଲାଗି ୧ କି.ମି. ଖଟିଆରେ ବୁହାହେବା ଏକମାତ୍ର ବିକଳ୍ପ । ଜାତୀୟ ରାଜପଥ ଚାଲନ୍ତି ଠାରୁ ମହାନ୍ତିସାହି ସୋ-ମିଲ ଛକ ମୁଖ୍ୟରାସ୍ତାର ସୁବର୍ଣ୍ଣରେଖା ନଦୀକୂଳ ରାୟାଁ ଗାଁର ପଶ୍ଚିମସାହିର ରାସ୍ତାରେ ଆଣ୍ଠୁଏ କାଦୁଅ । ଦୀର୍ଘବର୍ଷ ଧରି ଏହି ରାସ୍ତାରେ ମୁଠାଏ ମୋରମ ପଡିନଥିବା ବେଳେ କଂକ୍ରିଟ ରାସ୍ତା ସେମାନଙ୍କ ପାଇଁ ସାତସପନ । ଏହି ସାହିରେ ୫୦ରୁ ଅଧିକ ଦଳିତ ପରିବାର ବାସ କରୁଥିବା ବେଳେ ୩୦୦ରୁ ଉର୍ଦ୍ଧ୍ୱ ଲୋକ ଏହି ରାସ୍ତା



ଉପରେ ନିର୍ଭର କରନ୍ତି । ଗାଁର ଶେଷ ମୁଣ୍ଡରେ ସ୍କୁଲ ଓ ଅଂଗନବାଡି କେନ୍ଦ୍ର ରହିଥିବା ବେଳେ ବର୍ଷା ଦିନରେ ପିଲାମାନେ ସ୍କୁଲ କିମ୍ବା ଅଂଗନୱାଡି କେନ୍ଦ୍ର ମାଡନ୍ତି ନାହିଁ । ଲୋକମାନେ ହାଟବଜାରକୁ ଯିବା ସମ୍ଭବ ହୋଇପାରୁନଥିବା ବେଳେ ରୋଗୀମାନଙ୍କୁ ଖଟିଆରେ ବୁହାଯିବା ଛଡା ଅନ୍ୟ ଉପାୟ ନାହିଁ । ଗ୍ରାମର ଲୋକମାନେ ସାଧାରଣତଃ ଚାଷ କାମ କରୁଥିବାରୁ ବର୍ଷାଦିନକୁ ସେମାନଙ୍କ ଲାଗି ଅଭିଶାପ ବୋଲି ପ୍ରକାଶ କରିଛନ୍ତି । ଗ୍ରାମବାସୀଙ୍କ ଲାଗି ୩ଟି ଟିୱେଲ ଥିବାବେଳେ ୨ଟି ଅଚଳ । ପିଇବାପାଣି ଲାଗି ୧କୋଟି ୭୦ଲକ୍ଷ ଟଙ୍କା ବ୍ୟୟରେ ଏକ ପ୍ରକଳ୍ପ ନିର୍ମାଣର ଅବଧି ୫/୯/୨୦୨୪ରେ ଶେଷ ହୋଇଥିବା ବେଳେ ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇନଥିବାରୁ ଗ୍ରାମବାସୀ ପିଇବାପାଣି ପାଇବାରୁ ବଂଚିତ ହୋଇ ଆସୁଛନ୍ତି । ମହିଳାମାନେ ଆଣ୍ଠୁଏ କାଦୁଅରେ ଗାଁ ଦାଣ୍ଡରେ ଯାଇ ଏକମାତ୍ର ଟିୱେଲରୁ ପିଇବା ପାଣି ଆଣିବାକୁ ଘଂଟା ଘଂଟା ଅପେକ୍ଷା କରିବାକୁ ପଡିଥାଏ । ସରପଂଚ ଓ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ କହିଛନ୍ତି । ଏହି ସାହିକୁ ରାଜନୈତିକ ଉଦ୍ଦେଶ୍ୟ ରଖି କୌଣସି ଅନୁଦାନ ଦେଉନଥିବାରୁ ଦୀର୍ଘ ୩୦ବର୍ଷ ଧରି ଗ୍ରାମବାସୀ ଏପରି କାଦୁଅରେ ଚାଲି ଆସୁଥିବା ବଳରାମ ଜେନା, ବିଷ୍ଣୁ ଜେନା, କୁଞ୍ଜ ବିହାରୀ ଜେନା, ହରିହର ଜେନା, ଗୋପାଳ ହାଁସଦା, ପୂର୍ଣ୍ଣଚନ୍ଦ୍ର ଜେନା, ସୁଲୋଚନା ଜେନା, ଜ୍ୟୋସ୍ନାରାଣୀ ଦାସ, ରେବତୀ ଜେନା, ଉମାକାନ୍ତ ଦାସ, ଶ୍ରୀକାନ୍ତ ଜେନା, ଗୌତମ ଆଗୁଆଣ ପ୍ରମୁଖ ଅଭିଯୋଗ କରିଛନ୍ତି । ଏ ସଂପର୍କରେ ସରପଂଚ ପ୍ରତିନିଧି ପ୍ରବୀର ଦାସଙ୍କୁ ପଚାରିବାରୁ ପଂଚାୟତର ସମସ୍ତ ଗାଁକୁ ରାସ୍ତା ଆବଶ୍ୟକ ଥିବା ବେଳେ ଯଥେଷ୍ଟ ଅର୍ଥ ନ ଥିବାରୁ ସବୁସ୍ଥାନକୁ କଂକ୍ରିଟ ରାସ୍ତା ନିର୍ମାଣ ସମ୍ଭବ ହୋଇପାରୁ ନାହିଁ । ପର୍ଯ୍ୟାୟ କ୍ରମେ ରାସ୍ତା ଗୁଡିକ ନିର୍ମାଣ କରାଯାଉଛି ।

## ଜ୍ୟୋତିଷ ବିଶାରଦଙ୍କ ଆତ୍ମହତ୍ୟା

ବାଲିଆପାଳ, ୨୩।୮ (ସମିସ): ବାଲିଆପାଳ ଥାନା ଖଗଡାପାଳ ଗ୍ରାମରେ ପ୍ରବୀଣ ଜ୍ୟୋତିଷ ସନ୍ତୋଷ କୁମାର ଆଚାର୍ଯ୍ୟ(୬୫) ଆଜି ଭୋର ସମୟରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି । ସ୍ୱର୍ଗତ ଆଚାର୍ଯ୍ୟ ବାଲିଆପାଳ ଅଂଚଳରେ ଜଣେ ବିଶିଷ୍ଟ ଜ୍ୟୋତିଷ ବିଶାରଦ ଥିଲେ । ସେ ଦୀର୍ଘ ଦିନ ଧରି ହୃଦରୋଗରେ ଆକ୍ରାନ୍ତ ଥାଇ ସବୁ ସମୟରେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ । ଆଜି ସକାଳେ ତାଙ୍କ ମୃତଦେହ ଘର ବାରଣ୍ଡାରେ ଝୁଲୁଥିବାର ଦେଖିବାକୁ ପାଇଥିଲେ । ତାଙ୍କୁ ତୁରନ୍ତ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପାଇ ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ତାଙ୍କ ମୃତ୍ୟୁ ଖବର ପାଇ ଗ୍ରାମର ମୁଖ୍ୟ ମଧୁସୂଦନ ସାହୁ, ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମୁରଲୀମୋହନ ସାହୁ, ପ୍ରଫୁଲ କୁମାର ସାହୁ, ଝାଡେଶ୍ୱର ପ୍ରଧାନ, ସୁଜୟ ପରିଡା ପ୍ରମୁଖ ପହଂଚି ଶେଷ ଦର୍ଶନ କରିଥିଲେ । ମୃତ୍ୟଶଯ୍ୟା ନିକଟରେ ତାଙ୍କର ପରିବାର ସମସ୍ତ ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା ।

### ବିନୋଦୟ ରାୟ ସରକାରୀ ଉଚ୍ଚ ବିଦ୍ୟାଳୟ

## ଏଡିଓଙ୍କ ହସ୍ତକ୍ଷେପ ପରେ ଶିକ୍ଷକ ବଦଳି ବନ୍ଦ ପ୍ରତିବାଦ ସ୍ଥଗିତ

ରାସଗୋବିନ୍ଦପୁର,୨୩।୮ (ସମିସ): ରାସଗୋବିନ୍ଦପୁର ବିନୋଦୟ ରାୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ଦୁଇଦିନ ଧରି ଶିକ୍ଷକଙ୍କ ବଦଳୀକୁ ନେଇ ସ୍କୁଲରେ ପାଠପଢା ବନ୍ଦ ରହିଥିବା ବେଳେ ଛାତ୍ରଛାତ୍ରୀଙ୍କ ଧାରଣା ଏବଂ ବିଇଓ ଓ ଚାଲିଚାଲି ଡିଇଓଙ୍କ କାର୍ଯ୍ୟାଳୟ ଅଭିମୁଖେ ଯିବାରୁ ପାଠପଢ଼ା ଠପ୍ ହେବାସହ ଶ୍ରେଣୀ ଗୃହଗୁଡିକରେ ତାଲା ବନ୍ଦ ରହିଥିଲା। ଛାତ୍ରଛାତ୍ରୀଙ୍କୁ ଏଭଳି କାର୍ଯ୍ୟକ୍ରମରୁ ନିବୃତ ରହିବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଖିଳ କୁମାର ମିଶ୍ର ବୁଝାଇ ଚାଲିଥିଲେ। ହେଲେ ମାଟ୍ରିକ ପରୀକ୍ଷାକୁ ଆଉ ୫ମାସ ଥିବା ବେଳେ ଏବେ ସଂପୃକ୍ତ ଗଣିତ ଶିକ୍ଷକଙ୍କ ବଦଳି ହେଲେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ହେବ ବୋଲି ଛାତ୍ରଛାତ୍ରୀ ଶିକ୍ଷକଙ୍କ ବଦଳୀ ପ୍ରତିବାଦରେ ଅଡି ବସିଥିଲେ। ନିଜ ନିଜର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଥିବାରୁ ଛାତ୍ରଛାତ୍ରୀ ଶିକ୍ଷକଙ୍କ ବଦଳି କଥା ଶୁଣି ସ୍ୱଇଚ୍ଛାରେ ପ୍ରତିବାଦ କରି ଆସୁଥିଲେ ବୋଲି ବିଦ୍ୟାଳୟର ସେମାନେ ପ୍ରକାଶ କରିଥିଲେ। ଏଭଳି ପରିସ୍ଥିତି ଉପୁଜିଥିବା ବେଳେ ଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏଡିଓ ଗୌତମ ପାତ୍ର, ଶଶିଧର ସିଂ ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଶିକ୍ଷକଙ୍କ ବଦଳୀ ସ୍ଥଗିତ ରଖାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଛାତ୍ରଛାତ୍ରୀ ଆଶ୍ୱସନା ପାଇଥିଲେ। ଶନିବାର ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ସହ ସୁରୁଖୁରୁରେ ପାଠପଢ଼ା ଚାଲିଥିବା ଦେଖିବାକୁ ମିଳିଥିଲା।

## ସେପ୍ଟେମ୍ବର ୫ରେ ଗୁରୁ ପୂଜନ ନିମନ୍ତେ ପ୍ରସ୍ତୁତି ବୈଠକ



ବେତନଟୀ,୨୩।୮ (ସମିସ): ବେତନଟୀ ଆଞ୍ଚଳିକ ଗୁରୁପୂଜନ କମିଟି ଦ୍ୱାରା ୨୦ତମ ଗୁରୁପୂଜନ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କମିଟିର ଅଧ୍ୟକ୍ଷ ପ୍ରକାଶ ବେହେରାଙ୍କ ପୌରହିତରେ ପ୍ରତ୍ୟେକ ବର୍ଷ ଭଳି ୫ ସେପ୍ଟେମ୍ବର ସ୍ୱର୍ଗତ ରାଧାକ୍ରିଷ୍ଣନଙ୍କ ଜନ୍ମଦିନରେ ବେତନଟୀସ୍ଥ ଧର୍ମଶାଳାଠାରେ ସକାଳ ୯ଟା ୩୦ ମିନିଟ୍ ସମୟରେ ଉକ୍ତ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି। ପୂଜନ କମିଟିର ସମ୍ପାଦକ ଅରୁଣ କୁମାର ଓତା ପୂର୍ବବର୍ଷର ଆୟବ୍ୟୟ ଓ କାର୍ଯ୍ୟର ସମୀକ୍ଷା ସହ ନୂତନ ପ୍ରସ୍ତାବମାନ ଆଗତ କରିଥିଲେ। ଆଞ୍ଚଳିକ ଗୁରୁପୂଜନ କମିଟିର ପ୍ରତିଷ୍ଠାତା ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ଧର୍ମପତ୍ନୀ ସୁବାସିନୀ ନାଏକଙ୍କ ଉପସ୍ଥିତିରେ କମିଟିର କିଛି ନୂତନ ସଭ୍ୟ ଗ୍ରହଣ କରାଯାଇଛି। ଆଲୋଚନାରେ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଜୟନ୍ତ କୁମାର ପଟ୍ଟନାୟକ, ସଚ୍ଚିଦାନନ୍ଦ ମହାନ୍ତି, ପ୍ରବୀର କୁମାର ବାରିକ, କୁନା ମହାନ୍ତ, ଅଜୟ କୁମାର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସଭ୍ୟ ସୁନୀଲ କୁମାର ଖଣ୍ଡେଲୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇଁକୁଳ ଗାଁ ରାସ୍ତାରେ ଜମୁଛି ପାଣି



ବେଲବାହାଲି,୨୩।୮ (ସମିସ): ଘସିପୁରା ବ୍ଲକ ସାଇଁକୁଳ ଗ୍ରାମର ମୁଖ୍ୟରାସ୍ତାରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତା ଅବସ୍ଥା ଏତେ ଖରାପ ଯେ ଅଗଷ୍ଟ ୧୫ ଦିନ ସ୍ୱାଧୀନତା ଦିବସରେ ବିଦ୍ୟାଳୟର ପିଲାମାନେ ପ୍ରଭାତ ଫେରି କରିବାକୁ ଆସିପାରିଲେ ନାହିଁ। ବରମୁଳ ସାହିଠାରୁ ପାଟଣାସାହିର ରାସ୍ତା ଅନେକ ଦିନରୁ ଶୋଚନୀୟ ହୋଇପଡିଛି। ଛାତ୍ରଛାତ୍ରୀମାନେ ଏହି ରାସ୍ତା ଦେଇ ଅଙ୍ଗନବାଡି ଏବଂ ବିଦ୍ୟାଳୟକୁ ଯିବା ଆସିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଅପରିଷ୍କାର ପାଣି ଜମିଥିବାରୁ ପୁରା ଅଞ୍ଚଳବାସୀ ଡାଇରିଆ ଆକ୍ରାନ୍ତ ହେବାର ଆଶଙ୍କା ରହୁଛି। ସେହିପରି ଶଙ୍କରପୁର ସାହିର ରାସ୍ତାରେ ଟିକେ ଅଧିକ ବର୍ଷା ହେଲେ ଲୋକଙ୍କ ଘରେ ଭିତରେ ପାଣି ପଶୁଛି। ଗ୍ରାମର ଏସବୁ ସମସ୍ୟା ନେଇ ସାଇଁକୁଳ ଗ୍ରାମର ଅବସରପ୍ରାପ୍ତ ସେନା ସୁବେଦାର ତଥା ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ରାସ୍ତାର ମରମତି ପାଇଁ ଅନୁରୋଧ କରିଛନ୍ତି।

## ଗୋଠଛଡ଼ା ନରହନ୍ତା ଦନ୍ତା କରାଗଲା ଟ୍ରାଙ୍କୁଲାଇଜ୍



ତୁରୁମୁଙ୍ଗା, ୨୩।୮ (ସମିସ): ଆତଙ୍କ ଖେଳାଇଥିବା ଗୋଠଛଡ଼ା ଦନ୍ତା ହାତୀକୁ ଆକଟ କରିବା ପାଇଁ ବନ ବିଭାଗ ପକ୍ଷରୁ ଟ୍ରାଙ୍କୁଲାଇଜ୍ କରାଯାଇଛି। ଏକ ସ୍ୱତନ୍ତ୍ର ବନ୍ଧୁକ ଜରିଆରେ 'ଡାଟ' ନାମକ ଏକ ଔଷଧକୁ ହାତୀ ଦେହରେ ଦିଆଯାଇଛି। ଶନିବାର ସକାଳୁ ଚମ୍ପୁଆ ରେଞ୍ଜର ନିଶ୍ଚିନ୍ତପୁର ନିକଟରେ ହାତୀକୁ ଟ୍ରାଙ୍କୁଲାଇଜ କରାଇଥିଲେ। ଯାହାଦ୍ୱାରା ହାତୀଟି ଗାଁ ଆଡ଼କୁ ଆସିଲେ ତାକୁ ଅସ୍ୱାଭାବିକ ଲାଗିବ। ଫଳରେ ହାତୀଟି ଆଉ ଜନବସତିମୁହାଁ ନ ହୋଇ ଜଙ୍ଗଲରେ ରହିବ କିମ୍ବା ଏ ଅଞ୍ଚଳ ଛାଡି ଅନ୍ୟତ୍ର ଚାଲିଯିବ ବୋଲି ବନ ବିଭାଗ ଅନୁମାନ କରୁଛି। କିଛି ଦିନ ହେବ ଏ ଅଞ୍ଚଳରେ ୩୦ ଟିକିଆ ହାତୀପଲ ଉପଦ୍ରବ ଚଳାଇଥିବା ବେଳେ ସେଥିମଧ୍ୟରୁ ଏହି ଗୋଠଛଡା ନରହନ୍ତା ଦନ୍ତା, ୨୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିବା ସହ ୨ ଜଣଙ୍କ ଜୀବନ ନେଇ ସାରିଲାଣି। ଖବର ଲେଖା ହେବା ପର୍ଯ୍ୟନ୍ତ ଗୋଠଛଡ଼ା ଦନ୍ତା ସମେତ ଅନ୍ୟ ହାତୀପଲ ନିଶ୍ଚିନ୍ତପୁର ଜଙ୍ଗଲ ନିକଟରେ ଡେରା ପକାଇଛନ୍ତି।

# ରେଳବାଇ ଡିଆର୍‌ଏମ୍‌ଙ୍କ ଜିଲ୍ଲା ଗସ୍ତ

ବାରିପଦା,୨୩।୮ (ସମିସ)

- ବାରିପଦା ରେଳଷ୍ଟେସନ କଲେ ପରିଦର୍ଶନ
- ନୂତନ ରେଳପଥ ନେଇ କଲେ ଅନୁଧାନ



ଖଡ଼ଗପୁରସ୍ଥିତ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ ଲଳିତ ମୋହନ ପାଣ୍ଡେ ଶନିବାର ଦିନିକିଆ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ଅନୁଧାନ କରିଛନ୍ତି। ରୁପ୍ସା ଠାରୁ ଆରମ୍ଭ କରି ବାଙ୍ଗିରିପୋଷି ପର୍ଯ୍ୟନ୍ତ ରେଳପଥର ଅନୁଧାନ ସମେତ ବାରିପଦା, ବାଙ୍ଗିରିପୋଷି ରେଳଷ୍ଟେସନ ପରିଦର୍ଶନ କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାରୁ ଆଗାମୀ ଦିନରେ ଆରମ୍ଭ ହେବାକୁ ଥିବା ଦୁଇଗୋଟି ନୂତନ ରେଳପଥ ନିର୍ମାଣ କାର୍ଯ୍ୟନେଇ ସ୍ଥିତି ଅନୁଧାନ କରିଛନ୍ତି। ବୁଢାମରା-ଚାକୁଳିଆ ଏବଂ ବାଙ୍ଗିରିପୋଷି-ଗୋରୁମହିଷାଣି ମଧ୍ୟରେ ନୂତନ ରେଳ ଚଳାଚଳ କରିବ। ଉକ୍ତ ଦୁଇଗୋଟି ରେଳ ପ୍ରକଳ୍ପର ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଜମି ଅଧିଗ୍ରହଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ବୋଲି କହିଛନ୍ତି। ଯାହାକୁ ନେଇ ଡିଆରଏମ ଗ୍ରାଉଣ୍ଡରୁ ସ୍ଥିତି ଅନୁଧାନ କରିଛନ୍ତି। ବର୍ତ୍ତମାନର ରେଳ ଲାଇନ ମଧ୍ୟ ନିଜେ ଟ୍ରାଏଲ କରି ଅନୁଧାନ କରିଥିଲେ। ଏଥି ସହିତ ବାରିପଦା ରେଳ ଷ୍ଟେସନ ପରିଦର୍ଶନ କରିଛନ୍ତି। ଅମୃତ ଭାରତ ଯୋଜନାରେ ରେଳ ଷ୍ଟେସନ ଯୋଜନାରେ ଯୋଡି ହୋଇ ୧୭ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ବିଲ୍ଡିଂ ହେବା ସହ ଉନ୍ନତି କରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉକ୍ତ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ସ୍ଥିତି ସମୀକ୍ଷା କରିଛନ୍ତି। ଶେଷ ପର୍ଯ୍ୟାୟରେ ଥିବା ବେଳେ ଏହାର ଲୋକାର୍ପଣ କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ। ଆଗକୁ ଦୁଇଗୋଟି ନୂତନ ରେଳପଥ ନିର୍ମାଣ ହେବାକୁ ଥିବା ବେଳେ ଜିଲ୍ଲାର ସଦର ମହକୁମା ବାରିପଦା ରେଳ ଷ୍ଟେସନ ଆଗକୁ ଏକ ମୁଖ୍ୟ ରେଳଷ୍ଟେସନ ଭାବେ ପରିଚୟ ପାଇବାକୁ ଯାଉଛି। ଆଗକୁ ଆହୁରି ରେଳଲାଇନ ହେବାକୁ ଥିବାରୁ ବାରିପଦା ରେଳ ଷ୍ଟେସନର ଆହୁରି ରୂପରେଖ ପରିବର୍ତ୍ତନ କରି ନବକଳେବର କରାଯିବାର ଯୋଜନା ରହିଛି। ରେଳଷ୍ଟେସନ ସମ୍ମୁଖରେ ରାଜାରାଜୁଡା ଅମଳର ବାରିପଦାରୁ ପ୍ରଥମ କରି ଚାଲିଥିବା ଟ୍ରେନକୁ ସଜାଇ ରଖାଯାଇଛି। ରେଳଷ୍ଟେସନ ସ୍ଥାନୀୟ ଜନସାଧାରଣ ଏବଂ ଯାତ୍ରୀମାନଙ୍କୁ କିପରି ଆକୃଷ୍ଟ କରିବ, ସେନେଇ ଏହାର ସାଜସଜ୍ଜା କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥି ସହିତ ଆନୁଷଙ୍ଗିକ ବ୍ୟବସ୍ଥା ଆଦିର ଅନୁଧାନ କରିବା ସହ ରେଳ ବିଭାଗ ଅଧିକାରୀ ମାନଙ୍କ ସହ ଆଲୋଚନା ବୈଠକ କରିଛନ୍ତି। ଏହାସହିତ ବାଙ୍ଗିରିପୋଷି ରେଳ ଷ୍ଟେସନର ଆଗକୁ ହେବାକୁ ଥିବା ଉନ୍ନତିକରଣ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଗସ୍ତ ସମୟରେ ବାରିପଦା ରେଳ ଷ୍ଟେସନ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥର ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

## ବିଦ୍ୟାଳୟ ଫାଟକରେ ତାଲା, ବର୍ଷାରେ ଭିଜିଲେ ଛାତ୍ରଛାତ୍ରୀ

ଶୁଳିଆପଦା,୨୩।୮ (ସମିସ): ବର୍ଷା ଲାଗି ରହିଥିବା ବେଳେ ଆଜି ଠିକ୍ ସମୟରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇ ନଥିବାରୁ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀ ଭିଜୁଥିବା ଦେଖାଯାଇଥିଲା। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଶୁଳିଆପଦା ବ୍ଲକ୍ ମୁଖ୍ୟାଳୟସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ କଣ୍ଟିସାହିରେ। ଆଜି ସକାଳୁ ସକାଳୁ ଦୀର୍ଘ ସମୟ ଧରି ବର୍ଷା ଲାଗି ରହିଥିଲା। କିଛି ଛାତ୍ରଛାତ୍ରୀ ଛତାଧରି ବିଦ୍ୟାଳୟକୁ ଆସିଥିବା ବେଳେ ଅନ୍ୟ କେତେକ ବିନା ଛତାରେ ଆସିଥିଲେ। ସେହିପରି କିଛି ଅଭିଭାବକ ଛତାଧରି ପିଲାମାନଙ୍କୁ ଛାଡିବାକୁ ଆସିଥିଲେ। ତେବେ ବିଦ୍ୟାଳୟ ଫାଟକରେ ତାଲା ପଡ଼ିଥିବାରୁ ସମସ୍ତେ ଫାଟକ ସମ୍ମୁଖରେ ଅଟକି ରହିଥିଲେ। କିଛି ଛାତ୍ରଛାତ୍ରୀ ଓଦା ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଛାତ୍ରଛାତ୍ରୀ ବର୍ଷାରେ ଭିଜୁଥିବା ଦେଖି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଏକ ଦୋକାନ ପିଣ୍ଡାରେ ଛିଡା କରାଇ ଥିଲେ। ପୂର୍ବରୁ ମଧ୍ୟ ଏହିପରି ବିଳମ୍ବରେ ଫାଟକ ଖୋଲା ଯିବାର ନଜିର ରହିଛି। ତେବେ ଆଜି ପୁଣି ବର୍ଷା ପାଗରେ ଘଟଣାର ପୁନରାବୃତ୍ତିକୁ ନେଇ ଅଭିଭାବିକା ମହଲରେ ଅସନ୍ତୋଷ ଦେଖାଦେଇଛି। କିଛି ଅଭିଭାବକ ବିଭାଗୀୟ ଅଧିକାରୀ ବିଇଓ ଓ ଡିଇଓଙ୍କୁ ମଧ୍ୟ ଘଟଣା ବାବଦରେ ଅବଗତ କରିଥିବା ଦର୍ଶାଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିନ୍ତାମଣି ନାଏକଙ୍କୁ ଏ ବାବଦରେ ପଚାରିବାରୁ ବର୍ଷା ପାଇଁ ଆସିବାରେ ବିଳମ୍ବ ହୋଇଥିବା କହିଥିଲେ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳିରେ ବିଧାୟକଙ୍କ ଅସନ୍ତୋଷ ପ୍ରକାଶ

ବହଳଦା,୨୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ଶିକ୍ଷକଙ୍କ ବଦଳି ତାଲିକା ପ୍ରକାଶ ପାଇଥିବା ବେଳେ ବହଳଦା ଓ ତିରିଂ ବ୍ଲକ ଅଞ୍ଚଳର ଶିକ୍ଷକଙ୍କ ବଦଳି ତାଲିକାରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ଉଲ୍ଲେଖ ଥାଉକି ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ବହଳଦା, ଜାମଦା ଓ ତିରିଂ ବ୍ଲକରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅଭାବରୁ ଅନେକ ସ୍ଥାନରେ ଶିକ୍ଷା ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଥିବା ବେଳେ ନିକଟରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସାଂସଦ ଓ ବିଧାୟକଙ୍କ ପରାମର୍ଶ ଅନୁସାରେ ପ୍ରସ୍ତୁତ ହୋଇଥିବା ଶିକ୍ଷକଙ୍କ ବଦଳି ତାଲିକା ଜାରି ହୋଇଛି। ତେବେ ଏହି ବଦଳି ତାଲିକା ପ୍ରକାଶ ପରେ ସ୍ଥାନୀୟ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟଗୁଡିକରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଘୋର ଅଭାବ ରହିଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଯେଉଁ ବଦଳି ତାଲିକା ପ୍ରକାଶ ପାଇଛି ସେଥିରେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ କିଭଳି ବଦଳି ନୀତି କାର୍ଯ୍ୟକାରୀ ହେଲେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସୁଚାରୁରୂପେ ହୋଇପାରିବ। ସେନେଇ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆଦୌ ଦୃଷ୍ଟି ଦିଆଯାଇ ନାହିଁ, କିମ୍ବା ତାଙ୍କର କୌଣସି ପରାମର୍ଶକୁ ମଧ୍ୟ କାର୍ଯ୍ୟକାରୀ କରାଯାଇ ନାହିଁ ବୋଲି ବିଧାୟକ ଶ୍ରୀ ନାଏକ ଅଭିଯୋଗ କରିବାସହ ଏନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସଦ୍ୟ ପ୍ରକାଶିତ ବଦଳି ନିର୍ଦ୍ଦେଶନାମା ତାଲିକାରେ ବହଳଦା ବ୍ଲକ ବିଭିନ୍ନ ବିଦ୍ୟାଳୟର ୬ ଜଣ, ଜାମଦା ବ୍ଲକରୁ ୫ ଜଣ ଏବଂ ତିରିଙ୍ଗ ବ୍ଲକରୁ ୭ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳୀ ତାଲିକା ପ୍ରକାଶ ପାଇଥିବା ବେଳେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ବହଳଦା, ଜାମଦା ଓ ତିରିଙ୍ଗ ବ୍ଲକର ଶିକ୍ଷକଙ୍କ ଅନ୍ୟତ୍ର ବଦଳୀ ନିର୍ଦ୍ଦେଶନାମା ଉପରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପୁନଃବିଚାର କରାଯିବାକୁ ବିଧାୟକ ଶ୍ରୀ ନାଏକ ଦୃଢ ଦାବି ଜଣାଇଛନ୍ତି।

# ଲଗାଣ ବର୍ଷାରେ ବୁଡ଼ିଲା ଚାଷ ଜମି



ଆନନ୍ଦପୁର, ୨୩।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଚାଷ ଜମି ଜଳମଗ୍ନ ହୋଇଛି। ଘାଗରା ଫାପୁଡିଆ ଚାରିନାଳିଆରେ ଅଧିକ ପରିମାଣରେ ପାଣି ପ୍ରବାହିତ ହେଉଥିବାରୁ ଏକର ଏକର ଚାଷ ଜମି ବାଲିଚର ହୋଇଛି। ଆନନ୍ଦପୁର ବ୍ଲକର ପଞ୍ଚୁପଲି ଅଞ୍ଚଳରେ ଚାଷ ଜମି ଜଳାର୍ଣ୍ଣବ ହୋଇଛି। ସେହିପରି ହାଟଡିହି ବ୍ଲକ୍ ଅନ୍ତର୍ଗତ ବଞ୍ଜୋ ଅଞ୍ଚଳରେ ବର୍ଷାଜଳ ଏକର ଏକର ଚାଷ ଜମିରେ ମାଡିଜାଇ ଜଳମଗ୍ନ ହୋଇଯାଇଛି। ଯେଉଁ ଚାଷୀମାନେ ଦିନେ ଦୁଇ ଦିନ ତଳେ ରୁଆ ପୋତା କରିଥିଲେ ସେହି ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଧାନ ବିଲରେ ୩ ଫୁଟ ଉଚ୍ଚର ପାଣି ଲହଡି ମାରୁଥିବା ବେଳେ ବିଲରେ ରୁଆ ଯାଇଥିବା ଧାନ ତଳା ଗୁଡିକ ବୁଡି ଯାଇଛି। ସେହିପରି ବଞ୍ଜୋ ଛକଠାରୁ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ମଝିରେ କେଉଁଠାରେ କଲଭର୍ଟ ନଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ପ୍ରଶାସନ ତୁରନ୍ତ ଏଦି ଏଦିଗରେ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ରାଉତ ଦାବି କରିଛନ୍ତି।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ



ବୈଶିଙ୍ଗା,୨୩।୮ (ସମିସ): ବେତନଟୀ ବ୍ଲକ ଅଁଳା ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ -୨୦୨୫ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଏକ ଦିବସୀୟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଚନ୍ଦ୍ରାୟନ -୩ ଅଭିଯାନର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଅନ୍ତରୀକ୍ଷ ଦିବସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତରୀକ୍ଷ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବା ଆଭିମୁଖ୍ୟ ନେଇ ଗୋଲକ ଧନ୍ଦା ସମାଧାନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ମହାକାଶ ବିଜ୍ଞାନୀଙ୍କ ଗବେଷଣା ଲବ୍ଧ ତଥ୍ୟ ଆଧାରିତ ପ୍ରସଙ୍ଗ ଉପସ୍ଥାପନ କରିଥିଲେ ଶିକ୍ଷକ ଶ୍ରୀ ନିରଞ୍ଜନ ବାରିକ। ଚଳିତ ବର୍ଷର ବିଷୟ ବସ୍ତୁ "ଆର୍ଯ୍ୟଭଟ୍ଟରୁ ଗଗନ ଯାନ: ପ୍ରାଚୀନ ଜ୍ଞାନରୁ ଅଶେଷ ସମ୍ଭାବନା' ସଂକ୍ରାନ୍ତରେ ଆଲୋଚନାଚକ୍ରରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହିତ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷକ ହରେକୃଷ୍ଣ ମହାନ୍ତ ଅନ୍ତରୀକ୍ଷ ଦିବସର ଆଭିମୂଖ୍ୟ ଓ ଅନ୍ତରୀକ୍ଷ ବିଜ୍ଞାନରେ ଭାରତର ଯୋଗଦାନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ମଞ୍ଚାସୀନ ହୋଇ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ଅନ୍ତରୀକ୍ଷ ବିଜ୍ଞାନ ଭିତ୍ତିକ ସ୍ୱରଚିତ ସଂଗୀତ ପରିବେଷଣ କରି ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ର ଶୁଭଙ୍କର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ନବମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ତନ୍ମୟା ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଦୃଷ୍ଟିବାଧିତ ପ୍ରିୟାଂଶୁକୁ ସହାୟତା ଦାବି





ରାମଚନ୍ଦ୍ରପୁର,୨୩।୮ (ସମିସ): ଦୃଷ୍ଟିବାଧିତ ପୁଅ ଏବେ ବାପା ମାଆଙ୍କ ଆଖିରେ ଦୁନିଆଁ ଦେଖୁଛି। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ହେଲେ ଅନ୍ୟର ସାହାରା ଖୋଜୁଛି ପ୍ରିୟାଂଶୁ। ପୁଅ ଜୀବନ ପରିବାର ପାଇଁ ଖୁସି ଆଣିବା ପରିବର୍ତ୍ତେ ବୋଝ ହୋଇଯାଇଛି। ଗରିବ ଅଭାବି ସଂସାର ଭିତରେ ଭଗବାନଙ୍କୁ ଭରସା କରି ନିଜ ଭାଗ୍ୟକୁ ଆଦରି ଗୁମୁରି କାନ୍ଦୁଛନ୍ତି ପ୍ରିୟାଂଶୁର ପିତାମାତା। ଏଭଳି ଏକ ଘଟଣା ଦେଖିବାକୁ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ତରୁଆଁ ପଞ୍ଚାୟତ କେନ୍ଦୁଖୁଣ୍ଟା ଗ୍ରାମର ଗିରିଜାଶଙ୍କର ଭଞ୍ଜ କ୍ଷେତ୍ରରେ। ପୁଅ ପ୍ରିୟାଂଶୁ ଜନ୍ମରୁ ଦୃଷ୍ଟିହୀନ। ସରକାରୀ ସହାୟତା ହିସାବରେ କେବଳ ମାସିକ ୩ହଜାର ପାଞ୍ଚ ଶହ ଟଙ୍କା ଭତ୍ତା ମିଳୁଛି। ବହୁ ଅଭାବ ଅନଟନ ଭିତରେ ପିତାମାତା ରହୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଆବାସ ଯୋଜନାରେ ଘରଟିଏ ଆଜି ପର୍ଯ୍ୟନ୍ତ ମିଳି ପାରି ନାହିଁ। ସେପଟେ ପୁଅ ଅନ୍ୟର ସାହାରା ଖୋଜୁଥିବା ବେଳେ ବ୍ୟାଟେରୀ ଚାଳିତ ଟ୍ରାଇସାଇକଲଟିଏ ମିଳିଥିଲେ ଭଲ ହୁଅନ୍ତା ବୋଲି କହିଛନ୍ତି।

## ଭ୍ୟାନ୍ ଧକ୍କାରେ ଜଣେ ଗୁରୁତର

ରାମଚନ୍ଦ୍ରପୁର,୨୩।୮ (ସମିସ): ୨୦ ନମ୍ବର ଜାତୀୟ ରାଜପଥ ବଡପଦାନା ଛକ ନିକଟ ରାସ୍ତା ମଝିରେ ଥିବା ଗଛରୁ ଆଜି ସକାଳେ ଫୁଲ ତୋଳିବା ସମୟରେ ଯାଜପୁର ପଟୁ ଆସୁଥିବା ଏଚଆର୍ ୩୭ଏଫ ୧୫୨୩ ନମ୍ବର ଥିବା ଏକ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇ ପଲଟି ପଡିବାରୁ ଫୁଲ ତୋଳୁଥିବା ସ୍ଥାନୀୟ ବଡପଦନା ଗ୍ରାମର ନିରଂଜନ ସାହୁ(୫୦) ଗୁରୁତର ଆହାତ ହୋଇଛନ୍ତି। ତାଙ୍କୁ କଟକ ସ୍ଥାନାନ୍ତର କରିଥିବା ଜଣାପଡିଛି। ସେପଟେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ରାମଚନ୍ଦ୍ରପୁର ପୁଲିସ ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନକୁ ଜବତ କରିବା ସହ ମାମଲା ରୁଜୁକରି ଗାଡି ଚାଳକ ଉତ୍ତରପ୍ରଦେଶର ଓମପାଲ ସିଂଙ୍କୁ ଗିରଫ କରିଛି। ନିଦ ଲାଗିଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଚାଳକ ଜଣକ କହିଛନ୍ତି।

# ଅସୁରକ୍ଷିତ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର






ତେଲକୋଇ, ୨୩।୮ (ସମିସ)

- ଖସୁଛି ପ୍ଲାଷ୍ଟର, ଶିଶୁ ୱାର୍ଡରେ ପାଣି
- ଡ୍ରେସିଂ ରୁମ୍ କାନ୍ଥ ବିପଦସଙ୍କୁଳ

ଅସୁରକ୍ଷିତ ହୋଇ ପଡ଼ିଛି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ବର୍ଷାରେ ଛାତରୁ ପାଣି ଗଳି ଗଳି କାନ୍ଥ ସବୁ ଦୁର୍ବଳ ହୋଇ ଗଲାଣି। ଏପରିକି ଛାତରୁ ପ୍ଲାଷ୍ଟର ଖସି ପଡୁଛି। ପ୍ରସୂତି ଓ ଶିଶୁ ୱାର୍ଡ ପାଣିରେ ସର ସର ହୋଇ ରହିଛି। ଘର ଭିତର କାନ୍ଥ ସାରା ସିଉଳି ମାଡ଼ି ଗଲାଣି। କେତେବେଳେ ଯେ ଘରର କାନ୍ଥ ଭୁଶୁଡ଼ି ପଡ଼ିବ ତାହା କହି ହେବ ନାହିଁ। ରତ୍ନ ଗର୍ଭା କେନ୍ଦୁଝର ଜିଲ୍ଲାର ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ଯାହାକୁ ନେଇ ତେଲକୋଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରସୂତି ଓ ନବଜାତକଙ୍କ ଗୃହ ଅତି ସମ୍ବେଦନଶୀଳ ହୋଇ ପଡ଼ିଛି। ଲଗାଣ ବର୍ଷା ଓ ଛାତରୁ ଗଳୁଥିବା ପାଣି ମା' ଏବଂ ନବଜାତକଙ୍କୁ ଆହୁରି ବିପଦ ମୁହାଁ କରୁଛି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି କରଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଦାବି ହୋଇଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରୁ ନାହିଁ। ଏଠାରେ ଡାକ୍ତର ରହି ନିଜର ପରିଚୟ ସୃଷ୍ଟି କରିଥିବା ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ପ୍ରତି ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି।

## ଟ୍ରକ୍ ଦୁର୍ଘଟଣାରେ ଚାଷୀଙ୍କ ମୃତ୍ୟୁ



ରାଇରଙ୍ଗପୁର,୨୩।୮ (ସମିସ): ସକାଳେ ବିଲ କାମ କରିବା ପାଇଁ ଯାଉଥିବା ସମୟରେ ପଛପଟୁ ଏକ ମାଲବାହୀ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ମଝିଗାଁର କାହ୍ନୁ ମୁର୍ମୁ(୫୦)। ସେ ବିଲ କାମ ପାଇଁ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଚାଲିଚାଲି ଯାଉଥିବା ବେଳେ ପଛପଟୁ ଆସୁଥିବା ଏମଏଚ ୦୪ ଏଚୱାଇ ୭୪୭୦ ନମ୍ବର ଟ୍ରକ ତାଙ୍କୁ ଧକ୍କାଦେଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ହିଁ କାହ୍ନୁଙ୍କ ବିୟୋଗ ଘଟିଛି। ଡ୍ରାଇଭର ଓ ହେଲପର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ବିଶୋଇ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ମେଡିକାଲକୁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିଛନ୍ତି। ଉକ୍ତ ଘଟଣାକୁ ନେଇ ବିଶୋଇ ଥାନା ଅଧିକାରୀ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଦିନ ଦ୍ୱିପ୍ରହରରେ ଦମ୍ପତିଙ୍କ ପାଖରୁ ଟଙ୍କା ଛିନତାଇ

ବାରିପଦା,୨୩।୮ (ସମିସ): ବାରିପଦା ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ଦିନ ଦ୍ୱିପ୍ରହରରେ ଦମ୍ପତିଙ୍କ ପାଖରୁ ଦୁର୍ବୃତ୍ତମାନେ ଟଙ୍କା ଛିନତାଇ କରିଛନ୍ତି। ଝିଞ୍ଜିରିବନ୍ଧ ଅଞ୍ଚଳର ଉପେନ୍ଦ୍ର ଦାସ ଟଙ୍କା ଛିନତାଇର ଶିକାର ହୋଇଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଦିନ ପ୍ରାୟ ୧୨ ସମୟରେ ସେ ତାଙ୍କ ପତ୍ନୀଙ୍କ ସହ ବ୍ୟାଙ୍କରୁ ଟଙ୍କା ଉଠାଣ କରି ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ। ଦୋଳିପଡ଼ିଆ ନିକଟରେ ୨ଜଣ ଯୁବକ ଏକ ବାଇକରେ ହେଲମେଟ ପିନ୍ଧି ଆସି ଟଙ୍କା ଛିନତାଇ କରି ଚମ୍ପଟ ମାରିଥିଲେ। ଅନେକ ଖୋଜା ଖୋଜି ପରେ ମଧ୍ୟ ନପାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ତଦନ୍ତ ଜାରି ରହିଛି। ସହରରେ ଚୋରି ଓ ଛିନତାଇ ମାତ୍ରାଧିକ ଥିବା ବେଳେ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ୍ୟ ରହୁଛି।

## ବେଆଇନ ଗଛ କଟାନେଇ ଚଢ଼ଉ

ତୁରୁମୁଙ୍ଗା, ୨୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍ ଅନ୍ତର୍ଗତ ଭୀମକୁଣ୍ଡ ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଗଛ କଟା ହେଉଥିବା ଅଭିଯୋଗ ପାଇ ଶନିବାର ବନ ବିଭାଗ ପକ୍ଷରୁ ଚଢ଼ଉ କରି ୩୩ଟି ଶାଳ ବଲ୍ହା ସହ ୫ଟି ଚାର ବଲ୍ହା ଜବତ କରାଯାଇଛି। ପାଟଣା ବନପାଳ ନିରଞ୍ଜନ ସେଠୀ ସାହାରପଡା ବନପାଳ ଶ୍ରୀମନ୍ତ ବେହେରା ସମେତ ବନ ବିଭାଗର ପାରା ଷ୍ଟାଫ ସାମିଲ ଥିଲେ। ଜବତ କାଠକୁ ଆଣି ବିଟ୍ କାର୍ଯ୍ୟାଳୟରେ ରଖାଯାଇଛି।

### ଉତ୍ତମ ସ୍ୱାସ୍ଥ୍ୟସେବା ଦାବିରେ ସରିଲା ଗଣଧାରଣା

# ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ ପାଇଁ ଆହ୍ୱାନ

ବାଲେଶ୍ୱର,୨୩।୮ (ସମିସ)





ଜିଲ୍ଲାବାସୀଙ୍କୁ ମିଳୁନି ଉତ୍ତମ ସ୍ୱାସ୍ଥ୍ୟସେବା। ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଏବଂ ଭିତ୍ତିଭୂମି ଦାବିରେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସପ୍ତାହ ବ୍ୟାପୀ ଚାଲିଥିବା ଗଣଧାରଣା ଶେଷରେ ସମାପ୍ତ ହୋଇଛି। ଜିଲ୍ଲାରେ ଥିବା ଫକୀରମୋହନ ମେଡିକାଲ୍ କଲେଜ୍, ଏମ୍‌ସ ସାଟେଲାଇଟ୍ ସେଣ୍ଟର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦାବିରେ ଚଳିତ ମାସ ୧୮ ତାରିଖରୁ ବାଲେଶ୍ୱର ମେଡ଼ିକାଲ୍ କଲେଜ୍ ଓ ହସପିଟାଲ୍ କ୍ରିୟାନୁଷ୍ଠାନ କମିଟି ସମେତ ବିଭିନ୍ନ ସାମାଜିକ-ସାଂସ୍କୃତିକ ଓ ଗଣସଂଗଠନମାନଙ୍କ ପକ୍ଷରୁ ଗଣଧାରଣା ଚାଲିଥିଲା। ସପ୍ତାହବ୍ୟାପୀ ଏହି ଗଣତାନ୍ତ୍ରିକ ଆନ୍ଦୋଳନରେ ଜିଲ୍ଲାର ପ୍ରାୟ ୩୫ଟି ସଂଗଠନ ଯୋଗଦେଇ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ତିମ ଦିନରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଜରିଆରେ ୧୭ଟି ସଂଗଠନ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ଗଣଧାରଣା ସ୍ଥଳରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିୟୁଏସିସି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଧାଂଶୁ ଶେଖର ପରିଡ଼ା, ସୁକାନ୍ତ ନାୟକ ଓ ସ୍ୱରୂପ ଦାସଙ୍କ ସମେତ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ଗୌତମବୁଦ୍ଧ ଦାସ, କବି ଡ. କାଳୀପଦ ପଣ୍ଡା, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ନାରୀନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବନେତା ବିକ୍ରମ ପଣ୍ଡା, କାଞ୍ଚନବାଳା ପାତ୍ର, ଶିଶିର ହୁଇ, ଗୋବିନ୍ଦ ପଟ୍ଟନାୟକ, ଗୀତାଞ୍ଜଳି ସିଂହ, ସାମାଜିକ କର୍ମୀ ଅରୁଣ ଜେନା, ଆଇନଜୀବୀ ମନୋଜ ନାୟକ, ବସନ୍ତଲତା ପଟ୍ଟନାୟକ, ଉର୍ମିଳା ମାଝୀ, ପ୍ରଜ୍ଞା ବିଶ୍ୱାଳ, ପ୍ରଫେସର ଅନନ୍ତ ପ୍ରଧାନ, ବିଟିସିସି ପକ୍ଷରୁ ନରେନ୍ଦ୍ର ବିହାରୀ ଦାସ, ଓକିଲ ସଂଘ ସଂପାଦକ ସଂବିତ ନନ୍ଦୀ, ସୁକାନ୍ତି ଦେବଗୋସ୍ୱାମୀ, କୁମୁଦ ରଞ୍ଜନ ଗିରି, ପ୍ରତିମା ପଣ୍ଡା, ପ୍ରେମରଞ୍ଜନ ପାତ୍ର, ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଦାମୋଦର ନାୟକ, ବେଣୁଧର ବାରିକ, ନାରୀନେତ୍ରୀ ମମତା ଦାସ, ଭାରତୀ ପଣ୍ଡା, ସରସ୍ୱତୀ ପଣ୍ଡା, ମୀନା ବିଶ୍ୱାଳ, ବନ୍ଦନା ପାଲ୍, ବନ୍ଦନା ପାତ୍ର, ମିନତୀ ବେହେରା, କଲ୍ୟାଣୀ ନନ୍ଦ ଏବଂ ଜିଲ୍ଲା କ୍ରିୟାନୁଷ୍ଠାନ ପକ୍ଷରୁ ଉପସଭାପତି ନିରଞ୍ଜନ ରାଉତ, ସଂପାଦକ ପ୍ରଦୀପ ଦାସ, ପ୍ରଫୁଲ୍ଲ ଦାସ, ଶ୍ୟାମସୁନ୍ଦର ଜେନା, ଯତୀନ୍ ପାତ୍ର ପ୍ରମୁଖ ଆଗତ ୧୮ ଦଫା ଦାବିର ଯଥାର୍ଥତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟସେବା ସଂପର୍କିତ ୧୮ ଦଫା ଦାବିଗୁଡ଼ିକ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନ ହେଲେ ବିଧାନସଭାର ଶୀତକାଳୀନ ଅଧିବେଶନ ସମୟରେ ଭୁବନେଶ୍ୱରଠାରେ ଜନ ସମାବେଶ ଓ ଆସନ୍ତା ଦୁର୍ଗାପୂଜା ପରେ ଜିଲ୍ଲାର ବ୍ଲକ୍‌ସ୍ତରୀୟ ଆନ୍ଦୋଳନ ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରସ୍ତାବ ଆଗତ କରିଥିଲେ। ଏ ପ୍ରସ୍ତାବ ସଂପର୍କରେ ଜିଲ୍ଲା କମିଟି ପକ୍ଷରୁ ଆସନ୍ତା ବୈଠକରେ ସବିଶେଷ ନିଷ୍ପତ୍ତି ନିଆଯିବାକୁ ସ୍ଥିର ହୋଇଛି। କ୍ରିୟାନୁଷ୍ଠାନ କମିଟି ସଭାପତି ଡ. ଇଞ୍ଜିନିୟର ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ।

## ସାନତେଘରୀରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ସମାରୋହ ଉଦ୍‌ଯାପିତ



ଭୋଗରାଇ,୨୩।୮ (ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ସାନତେଘରୀ ଗ୍ରାମର ଶ୍ରୀକୃଷ୍ଣ ମଇଦାନରେ ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ଆୟୋଜିତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଶନିବାର ଉଦଘାଟିତ ହୋଇଥିଲା ବେଳେ ଶୁକ୍ରବାର ଏହା ଉଦଯାପିତ ହୋଇଯାଇଛି। ଏହି ଉଦଯାପିତ ସଂଘର ସମ୍ପାଦକ ଝାଡେଶ୍ୱର ସାହୁ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସାମ୍ବାଦିକ ଶରୀତ ସପନ ପଣ୍ଡା, ମୁଖ୍ୟବକ୍ତା 'ସକାଳ'ର ଭୋଗରାଇ ପ୍ରତିନିଧି ଦିଲ୍ଲୀପ କୁମାର ଦାସ ମଣିଷ ଭିତରେ ଯେଉଁ ଶକ୍ତି ଅଛି ତାହା ଭଗବାନଙ୍କ ଦ୍ୱାରା ପେରିତ ହୋଇଥାଏ, ସମ୍ମାନିତ ଅତିଥି ଗାୟକ କଳାକାର ସଂଜୀବ ଦାସ ଏବଂ ଯୁବକ ସଂଘର ସଭାପତି ସୁଶାନ୍ତ ପାତ୍ର ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତି ନୃତ୍ୟଶିଳ୍ପୀ ଅନନ୍ୟା ଗିରିଙ୍କୁ ପ୍ରଥମ ପୁରସ୍କାର ଦିଆଯାଇଥିଲା ବେଳେ କ୍ରମାନ୍ୱୟରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫିକ ସହ ମାନପତ୍ର ପ୍ରଦାନ କରାଯାଇଥିଲା। କମିଟିର ସଦସ୍ୟ ଚନ୍ଦନ ଗିରି ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିବଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମିଟିର ଉପଦେଷ୍ଟା ଦୀପକ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ରାଧାକୃଷ୍ଣ ଯୁବକ ସଂଘର ଉପସଭାପତି ଦେବବ୍ରତ ମହିଶାଳ, ସହସମ୍ପାଦକ ଅଜିତ ସାହୁ, କୋଷାଧ୍ୟକ୍ଷ ଅଜିତ ପାତ୍ର, ତାରାପଦ ପାତ୍ର, ରଣଜିତ୍ ପାତ୍ର, ଶମ୍ଭୁନାଥ ସାହୁ, ନକୁଳ ସାହୁ, ମନ୍ମଥ ଦାସମହାପାତ୍ର, ସୁରେଶ ପାତ୍ର, ଗୋବିନ୍ଦ ପାତ୍ର, ଆଲୋକ ପାତ୍ର, ରାକେଶ ପାତ୍ର, ସୁମନ୍ତ ପାତ୍ର, ବିପୁଲ ଗିରି, ପ୍ରଭାତ ସାହୁ, ସତ୍ୟଗୋପାଳ ପାତ୍ର ବିବେକାନନ୍ଦ ମହାନ୍ତି, ପ୍ରଭାକର ଗିରି, ବିମଳ ସାମନ୍ତ, ସୁଜିତ ଜେନା, ଅଭିଷେକ ପାତ୍ର,ଅଜୟ ପାତ୍ର, ବିଶ୍ୱଜିତ ପାତ୍ର, କ୍ରୀଷ୍ଣା ଦାସ, ଧନଞ୍ଜୟ ଦାସ, ଗୋବିନ୍ଦ ସାହୁ, ଶିବଶଙ୍କର ପାତ୍ର, ହରେନ୍ଦ୍ର ପାତ୍ର, ରଣଜିତ୍ ପାତ୍ର, ସପନ ସାହୁ, ସମୀତ ଜେନା, କମଳଲୋଚନ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ବସ୍ତା ବିଧାୟିକାଙ୍କୁ ସମସ୍ୟା ଜଣାଇଲେ କନିଷ୍ଠ ଶିକ୍ଷକ



କାଳିପଦା, ୨୩।୮ (ସମିସ): ବାଲିଆପାଳ ଓ ବସ୍ତା ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନେ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ତାଙ୍କ ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟିକା ଜେନା କନିଷ୍ଠ ଶିକ୍ଷକମାନଙ୍କର ସମସ୍ୟା ବାବଦରେ ସରକାରଙ୍କ ସହ ଆଲୋଚନା କରିବା ସହିତ ତାହାର ସମାଧାନ ନିମନ୍ତେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟ ଦାବି ଗୁଡିକ ହେଉଛି ବିଦ୍ୟାଳୟ ଗୁଡିକରେ ନିୟମିତ ଶିକ୍ଷକ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଯୋଜନା ଭିତ୍ତିକ ଶିକ୍ଷକ ନିଯୁକ୍ତିର କଳା ପ୍ରଥାକୁ ଉଚ୍ଛେଦ କରାଯିବା , କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ବିଧାନ ସଭା କମିଟିର ସୁପାରିସ ଓ ଚିଠିକୁ କାର୍ଯ୍ୟକାରୀ କରିବା। ଗୌରାଙ୍ଗ ସାହୁ, ମଦନ ମୋହନ ନାୟକ, ରବି ନାରାୟଣ ମିଶ୍ର, ଧନଞ୍ଜୟ ଦାସ, ଏକ କେ ରାହୁଲ୍ଲ, ସଞ୍ଚିତା ରାଉତ, ଫତେମା ଖାତୁନ, ବୈଶାଖୀ ସାହୁ, ସ୍ୱାଗତିକା ଦାସ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ରକ୍ତାକ୍ତ ଅବସ୍ଥାରେ ଯୁବକ ଉଦ୍ଧାର

ଜଳେଶ୍ୱର ବ୍ଲକ, ୨୩।୮ (ସମିସ) : ଜଳେଶ୍ୱର ଥାନା ଗୋବରଘାଟା ଗ୍ରାମ ପଞ୍ଚାୟତର ଦଳାଇସାହିଠାରେ ନିର୍ମାଣ ଚାଲିଥିବା ନୂତନ ବ୍ରିଜ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକ ମୂର୍ଚ୍ଛା ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକେ। ପରେ ଗ୍ରାମ ପଞ୍ଚାୟତର ସରପଞ୍ଚ ଚନ୍ଦନ କର ମାଧବ ଦଳାଇ, ରାଜେନ୍ଦ୍ର ବେହେରା ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟରେ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ଉକ୍ତ ଯୁବକଙ୍କ ପରିଚୟ ମିଳି ପାରି ନାହିଁ ତାଙ୍କ ଘର ପଶ୍ଚିମବଙ୍ଗର ଅନୁମାନ କରାଯାଇଛି।

## ଛିଡୁନି ଭାଗମାପ; ଉନ୍ନୟନ କାର୍ଯ୍ୟ ଠପ୍



ଜଳେଶ୍ୱର,୨୩।୮ (ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅଧିନ ବସ୍ତା ବ୍ଲକ, ତାଡଦା ପଞ୍ଚାୟତ ଅନ୍ତର୍ଗତ ପାଣିଶୁଳିଆ ଗ୍ରାମକୁ ତତ୍କାଳୀନ ବିଜେଡି ସରକାର ୨୦୨୩ ମସିହାରେ ଆଦାର୍ଶ ଗ୍ରାମ ଘୋଷଣା କରିଥିଲେ। ସେହି ସମୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଲାଗି ପ୍ରଥମ କିସ୍ତିରେ ୧୦ ଲକ୍ଷ ଓ ୨ୟ କିସ୍ତିରେ ୫ ଲକ୍ଷ ଟଙ୍କାର ଅର୍ଥ ପ୍ରଦାନ କରାଯାଇଥିଲା। କିନ୍ତୁ ପଞ୍ଚାୟତରେ ସରପଞ୍ଚ ଓ ୱାର୍ଡ ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ କୌଣସି କାର୍ଯ୍ୟ ନ ହୋଇ ଆଦର୍ଶ ଗ୍ରାମଟି ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଗ୍ରାମରେ ରାସ୍ତା ଶୋଚନୀୟ ଥିବା ବେଳେ ଗମନାଗମନରେ ଘୋର ଅସୁବିଧା ପରିଲକ୍ଷିତ ହେଉଛି। ଏହା ସହିତ ଜଳ ନିଷ୍କାସନ ଲାଗି ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଜଳ ମଗ୍ନ ରହୁଛି। ଗ୍ରାମରେ ପାନୀୟ ଜଳ ସମସ୍ୟା ବିଷମ ଥିବା ବେଳେ ସ୍ୱାସ୍ଥ୍ୟ, ଆଲୋକୀକରଣ ବ୍ୟବସ୍ଥାରୁ ଲୋକେ ବଞ୍ଚିତ ହେଉଛନ୍ତି। ସରକାର ଆଦର୍ଶ ଗ୍ରାମ ଲାଗି ଅର୍ଥ ମଞ୍ଜୁର କରିଥିବା ବେଳେ ଭାଗ ବଣ୍ଟା ଛିଣ୍ଡୁ ନ ଥିବାର ମୃଦୁ ଗୁଞ୍ଜରଣ ହେଉଛି। ଏହା ସହିତ ତୃଣମୂଳ ସ୍ତରରେ ରାଜନୈତିକ ବିଦ୍ୱେଷ ଯୋଗୁଁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ଗ୍ରାମବାସୀ ମୌଳିକ ସୁବିଧା

- ମୌଳିକ ସୁବିଧାରୁ ବଞ୍ଚିତ ପାଣିଶୁଳିଆ ଗାଁ
- ଉନ୍ନୟନ କାର୍ଯ୍ୟ ଆରମ୍ଭ ନ ହେଲେ ମଞ୍ଜୁର ଅର୍ଥରାଶି ଫେରିଯିବ

ପାଇପାରୁ ନାହାଁନ୍ତି। ଏ ସମ୍ପର୍କରେ ସରପଞ୍ଚ ପ୍ରଭାତ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ରାଜନୈତିକ ଛକାପଞ୍ଝା ଓ ୱାର୍ଡ ପ୍ରତିନିଧିଙ୍କ ଅସହଯୋଗରୁ କାର୍ଯ୍ୟ ସମ୍ଭବ ହୋଇପାରୁନାହିଁ ବୋଲି କହିଛନ୍ତି। ଠିକ ସମାନ ଭାବରେ ୱାର୍ଡ ସଦସ୍ୟ ପ୍ରତିନିଧି ସରପଞ୍ଚଙ୍କ ଅସହଯୋଗ ଯୋଗୁଁ କାର୍ଯ୍ୟ ଅଟକି ରହିଥିବା ସୂଚନା ଦେଇଛନ୍ତି। ଏ ବାବଦରେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କୁ ପଚାରିବାରୁ ସରପଞ୍ଚ, ୱାର୍ଡ ସଦସ୍ୟ ଓ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ୩ ମାସ ପୂର୍ବେ ଏକ ବୈଠକ ହୋଇ ସାରିଛି। କାର୍ଯ୍ୟ ଆରମ୍ଭ ନ ହେଲେ ମଞ୍ଜୁର ଅର୍ଥରାଶି ସରକାରଙ୍କ ତହବିଲକୁ ଫେରିଯିବ ବୋଲି ସୂଚନା ଦିଆଯାଇଛି। ତେବେ ଏ ନେଇ ଗ୍ରାମବାସୀ ଦିନେଶ ଦତ୍ତ, ମହେଶ୍ୱର ଜେନା, ଗୌମତ କୁମାର ଦାସ, ବାଳକୃଷ୍ଣ ପ୍ରଧାନ,ବ୍ରଜ ମାଧବ ଶତପଥୀ ପ୍ରମୁଖ ବରିଷ୍ଠ ନେତୃତ୍ୱ ତୁରନ୍ତ କାର୍ଯ୍ୟ ଲାଗି ଦାବି ଜଣାଇଛନ୍ତି।

## ସାହାରା ଫାଉଣ୍ଡେସନ ପକ୍ଷରୁ ପାଠ୍ୟ ସାମଗ୍ରୀ ବଣ୍ଟନ



ଜଳେଶ୍ୱର,୨୩।୮ (ସମିସ): ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନ ଗୋପାଳପୁର କ୍ଲଷ୍ଟର ଅନ୍ତର୍ଗତ ପିଚ୍ଛାବଣୀ ପ୍ରାଥମିକ ବିଦ୍ୟାଳୟରେ ସାହାରା ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାଠ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଶନିବାର କ୍ଲଷ୍ଟରର ସିଆରସିସି ସତ୍ୟବ୍ରତ କାପୁଡି ସ୍ୱୀକୃତିରେ ପ୍ରଧାନ ଶିକ୍ଷକ ରଘୁନାଥ ମୁର୍ମୁଙ୍କ ଉପସ୍ଥିତିରେ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହାରା ଫାଉଣ୍ଡେସନର ସଭାପତି ଡ. ଭରତ ଗାନ୍ଧୀ, ସମ୍ପାଦକ କୁନାଲ ସିଂ ଯୋଗଦେଇ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ସହାୟତା ଲାଗି ସଂଗଠନ ନିରନ୍ତର ହାତ ବଢାଇବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସାଗର କୁମାର ଦା, ଶ୍ରୀକୃଷ୍ଣ ବେହେରା, ତାପସ ଭଣ୍ଡାର,ସଞ୍ଜୟ ମହାନ୍ତି, ରବି ନାରାୟଣ ସାହୁ ସହଯୋଗ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଗବେଷଣା ପାଇଁ କୃତିଦୀପା ମନୋନୀତ

ଖଇରା,୨୩।୮ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପଳାସପୁର ଗ୍ରାମର ଛାତ୍ରୀ କୃତିଦୀପା ରାଉତ ଦ୍ୱାରା ଆଇଆଇଟି ହାଇଦ୍ରାବାଦରେ ଜୀବ ବିଜ୍ଞାନ ବିଷୟରେ ଗବେଷଣା ପାଇଁ କେନ୍ଦ୍ର ସରକାରଙ୍କ ମନୋନୀତ ହୋଇଛନ୍ତି। ତାଙ୍କର



ଏହି ଗବେଷଣା ତୁଳସୀ ଗଛ ଉପରେ ପର୍ଯ୍ୟବେସିତ। ପିଲାବେଳୁ ଜଣେ ବୈଜ୍ଞାନିକ ହେବା ପାଇଁ ତାଙ୍କର ପ୍ରବଳ ଇଚ୍ଛା ଥିଲା ଏବଂ ପରିବାରର ସଂସ୍କାର, ମାବାପା ତଥା ଶିକ୍ଷକ ମାନଙ୍କ ଆଶୀର୍ବାଦ ଯୋଗୁ ତାଙ୍କୁ ଏହି ସଫଳତା ମିଳିଛି ବୋଲି ପ୍ରକାଶ କରିଛନ୍ତି। କେବଳ ଏହି ଗବେଷଣା ପାଇଁ ନୁହେଁ ମ୍ୟାଟ୍ରିକ, +୨, ସ୍ନାତକ ଓ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଶିକ୍ଷା ଆହରଣରେ ସଫଳତା ମଧ୍ୟ ମିଳିଛି। ତୃତୀୟ ଶ୍ରେଣୀରୁ ସେ ଗୀତା ପଢିବା ଅଭ୍ୟାସ କରିଥିଲେ। ତାଙ୍କ ମା ତାଙ୍କୁ ଗୀତାର ଓଡିଆ ଅର୍ଥ ମଧ୍ୟ ବୁଝାଇଥିଲେ। ଯାହା ଭବିଷ୍ୟତ ଗଢିବାରେ ତାଙ୍କୁ ଅନେକ ସହଯୋଗ କରୁଛି ବୋଲି ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ପ୍ରକାଶ କରିଛନ୍ତି। ଖଇରା ଶିକ୍ଷକ ଭବନ ପରିସରରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପ୍ରଧାନ ଶିକ୍ଷକ ସୁଦାମ ଚରଣ ରାଉତ ପୌରହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମା କୁନ୍ତଳା ମହାରଥା, ହାଇସ୍କୁଲ ସମୟର ଶିକ୍ଷକ ପିତାମ୍ବର ପତି, ପୂର୍ବତନ ଶିକ୍ଷକ ସଂଘ ସଭାପତି କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ କୃତିଦୀପାଙ୍କ ଗବେଷଣା କେବଳ ଖଇରାକୁ ନୁହେଁ ବିଶ୍ୱକୁ ନୂଆ ଆବିଷ୍କାର ଦେବ ବୋଲି କହିଥିଲେ। ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ କୃତିଦୀପାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁଞ୍ଜଲତା ।। ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମହତୀପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନିୟମିତତା ଅଭିଯୋଗ

ଖଇରା,୨୩।୮ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ବିଭିନ୍ନ ଗ୍ରାମର ଅଧିବାସୀ ଖଇରା ବିଡିଓ ନାରାୟଣ ସାହୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ କାର୍ଯ୍ୟାଳୟରେ କମ୍ପ୍ୟୁଟର କିଣା, ଗ୍ରୀଷ୍ମ ଋତୁରେ ଜଳଛତ୍ର କରାନଯାଇ ମିଥ୍ୟାବିଲ କରାଯିବା, ଆକ୍ୱାଗାର୍ଡକୁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରାଯିବା ସହ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନାମରେ ମଧ୍ୟ ଅର୍ଥ ହେରଫେର କରାଯାଇଥିବା ନେଇ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ବିଡିଓଙ୍କୁ ଯୋଗାଯୋଗ କରାଯିବାରେ ସେ ତଦନ୍ତ ପାଇଁ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ଚକବାବନରେ ଜଳ ନିଷ୍କାସନ ପଥ ଅବରୋଧ

ଜଳେଶ୍ୱର,୨୩।୮ (ସମିସ): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଅଧୀନ ଚକବାବନ ଗାଁର ମଧ୍ୟଭାଗରେ ଥିବା ଅଠରଅଂଶୀ ପୋଖରୀରୁ ଜଳ ନିଷ୍କାସନ ପାଇଁ ନିର୍ମିତ ହୋଇଥିବା ଡ୍ରେନକୁ ଅବରୋଧ କରାଯାଇଥିବାରୁ ଗାଁର ୪୦ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀ ସମସ୍ୟା ଭୋଗୁଛନ୍ତି। ଏନେଇ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ତାଙ୍କର ଜନଶୁଣାଣୀ ପ୍ରୋଟାଲ ରେ ଓ ଜଳେଶ୍ୱର ତହସିଲଦାର ଏବଂ ବିଡିଓଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ



ଦୁର୍ଦ୍ଦଶା ଭୋଗୁଛନ୍ତି ଗାଁ ଲୋକେ

ଚକବାବନ ଅଠର ଅଂଶୀ ପୋଖରୀ ଚାରି ପାଶ୍ୱର୍ରେ ୪୦ରୁ ଉର୍ଦ୍ଧ୍ୱ ପରିବାର ବାସ କରନ୍ତି। ବର୍ଷାଦିନେ ଏତଦ୍ ଅଞ୍ଚଳର ଉଦବୃତ୍ତ ବର୍ଷା ପାଣି ପୋଖରୀରେ ପଡ଼ିଥାଏ। ତେବେ ପୋଖରୀରୁ ପାଣି ନିଷ୍କାସିତ ହୋଇ ପାରୁ ନଥିବାରୁ ବର୍ଷାଦିନେ ଲୋକେ ହନ୍ତସନ୍ତ ହେଉଥିଲେ। ଏ ନେଇ ୨୦୦୫ ମସିହାରେ ଗ୍ରାମ୍ୟ କମିଟିର ଏକ ବୈଠକ ବସି ଜଳ ନିଷ୍କାସନ ପାଇଁ ହୋମ୍ ପାଇପ ପକାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ଜୈନିକ ଜମି ମାଲିକ ତାଙ୍କ ଜମିରେ ଜଳ ନିଷ୍କାସନ ପଥ ତିଆରି ହେଲେ ଅସୁବିଧା ନାହିଁ ବୋଲି ଲିଖିତ ଭାବେ ଜଣାଇଥିଲେ। ଫଳରେ ସେହି ୨୦୦୫ ମସିହାରେ ଉକ୍ତ ବ୍ୟକ୍ତିଗତ ଜମି ଉପରେ ହୋମ ପାଇପ୍ ପକା ଯାଇଥିଲା।କିନ୍ତୁ ପରବର୍ତ୍ତୀ ସମୟରେ ଜଳ ନିଷ୍କାସନରେ ସମସ୍ୟା ହେବାରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୯୦ ହଜାର ଟଙ୍କା ବ୍ୟୟରେ କଂକ୍ରିଟ ଡ୍ରେନ ମଧ୍ୟ ନିର୍ମିତ ହୋଇଥିଲା। ଫଳରେ ପୋଖରୀ ସୁରୁଖୁରୁରେ ପାଣି ନିଷ୍କାସିତ ହେଉଥିଲା। କିନ୍ତୁ ଗତ ସପ୍ତାହ ତଳେ ଜମି ମାଲିକ ହଠାତ୍ ଡ୍ରେନ କୁ ଅବରୋଧ କରିଦେଇଛନ୍ତି। ଫଳରେ ପୋଖରୀରୁ ଜଳ ନିଷ୍କାସନ ହୋଇ ନ ପାରି ସ୍ଥାନୀୟ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି। ବିଶେଷ କରି କଂକ୍ରୀଟ ରାସ୍ତା ଓ ଲୋକଙ୍କ ଘରବାଡ଼ି ପାଣିରେ ବୁଡି ରହିଛି। ପାଣି ଜମି ରହି ଦୁର୍ଗନ୍ଧ ବାହାରୁଛି। ଗାଁ ର ପିଲା ମାନେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପାରୁନାହାଁନ୍ତି।ଗତକାଲି ଗ୍ରାମବାସୀ ଡ୍ରେନ ସଫା କରିବାକୁ ଯାଇଥିବା ବେଳେ ଜମି ମାଲିକ ସଫା କରିବାକୁ ଦେଇନଥିଲେ। ଏ ନେଇ ଆଜି ଗ୍ରାମର ଶ୍ରୀକଣ୍ଠ ମହାନ୍ତି, ହେରମ୍ବ ନାରାୟଣ ଦାସ, ଜୟନ୍ତ ଗିରି, ଗଣେଶ ଚନ୍ଦ୍ର ସେଣ, ତପନ ସାହୁ, ଉତ୍ତମ ସାହୁ, ବରୁଣ ସେଣ, ରତନ କୁମାର ସେଣ, ସତ୍ୟ ରଞ୍ଜନ ସେଣ ପ୍ରମୁଖଙ୍କ ଦସ୍ତଖତରେ ଜିଲ୍ଲାପାଳଙ୍କ ପ୍ରୋଟାଲ ସହ ଜଳେଶ୍ୱର ତହସିଲଦାର ଏବଂ ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ସୁବର୍ଣ୍ଣରେଖାରୁ ବଢ଼ିଚାଲିଛି ବେଆଇନ ବାଲି ଚାଲାଣ

କାଳିପଦା, ୨୩।୮ (ସମିସ)





ସୁବର୍ଣ୍ଣରେଖା ନଦୀରୁ ଟ୍ରକ୍, ଟ୍ରାକ୍ଟର, ଜେସିବି ଆଦି ଯୋଗେ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟତଃ ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁ ନିକଟ ଜଳେଶ୍ୱର ତହସିଲ୍ ଅଧିନ କଣ୍ଠାପାଳ ବାଲି ଖାଦାନ ଓ ବାଲିଆପାଳ ତହସିଲ୍ ଅଧିନ ଅସ୍ତି ପଞ୍ଚାୟତର ବଢାପାଳ, ଚଡ ବଢ଼ାପାଳ, ଅସ୍ତି ଗାଁ ତଟ ନଦୀରୁ ଦୈନନ୍ଦିନ ଶତାଧିକ ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଛି। ରାତିରେ ଏହି ସବୁ ବେଆଇନ୍ କାର୍ଯ୍ୟ ହେଉଛି। କିଛି ମୁଷ୍ଟିମେୟ ଲୋକ ଉଭୟ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କୁ ହାତ କରି ଏହି କାରବାର କରୁଛନ୍ତି। ପ୍ରଶାସନର କେତେକ ତଳିଆ କର୍ମଚାରୀ ମାସିକିଆ ବଟି ନେଇ ଚୁପ୍ ରହୁଛନ୍ତି। କେତେକ ସାମ୍ବାଦିକ ମଧ ବାଲି ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଛନ୍ତି। କେତେକ ନିଜକୁ ପୁଲିସ, ଆର୍ ଆଇ, ସାମ୍ବାଦିକ ଆଦି ପରିଚୟ ଦେଇ ମଧ୍ୟ ଚାନ୍ଦା ଆଦାୟ କରୁଛନ୍ତି। ଏହି ସବୁ ନକଲି ସାମ୍ବାଦିକ, ପୁଲିସ୍, ଆର୍ ଆଇଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ସେମାନଙ୍କ ବେଆଇନ୍ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଶୁକ୍ରବାର ଅସ୍ତି ଗ୍ରାମ ପଞ୍ଚାୟତ ସଧାରଣ ଲୋକ ଦୃଢ଼ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଦୁଇ ବାଲି ଖାଦାନ ନିଲାମକୁ ନେଇ ପ୍ରାଶାସନର ଟାଳଟୁଳ ନୀତି ଚୋରା ବାଲି ଚାଲାଣ କାରୀକୁ ଖୁବ୍ ସୁହାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବାଲି ଖାଦାନ ନିଲାମ ହେଲେ ଚୋରି ଅନେକାଂଶରେ ରୋକା ଯାଇ ପାରନ୍ତା। ମାତ୍ର ଦୀର୍ଘଦିନ ଧରି ଦୁଇ ଖାଦାନର ନିଲାମ ବନ୍ଦ ରହିଛି। ନିର୍ଦ୍ଦିଷ୍ଟ ସମୟରେ ବାଲି ଖାଦାନ ନିଲାମ ହେଲେ ଚୋରା ଚାଲାଣ ହୁଅନ୍ତା ନାହିଁ। କିନ୍ତୁ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ୭/୮ ବର୍ଷ ହେବ ଖାଦାନ ନିଲାମ ହୋଇ ପାରୁ ନାହିଁ। ଏଥି ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି। ଏଥିଯୋଗୁଁ ବାଲି ମାଫିଆମାନେ ମାଲେ ମାଲ ହେଉଛନ୍ତି। ଉଚ୍ଚ ନ୍ୟାୟାଳୟ ସକାଳ ୭ଟାରୁ ରାତି ୯ଟା ମଧ୍ୟରେ ବାଲି ଚାଲାଣ ହୋଇ ପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଆଇନକୁ କେହି ମାନୁ ନାହାଁନ୍ତି। ଅନେକ ସମୟରେ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି, ଥାନାରେ ମିଥ୍ୟା ମକଦ୍ଦମା ପର୍ଯ୍ୟନ୍ତ କଥା ଯାଉଛି। ଘର ତିଆରି ପାଇଁ ବାଲି ଜରୁରୀ ଆବଶ୍ୟକ ପଦାର୍ଥ ହୋଇ ଥିବାରୁ ସରକାର ଏଥିପାଇଁ କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ୍। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ସେତୁର ଉଭୟ ପାଶ୍ୱର୍ରେ ଦୁଇ ଖାଦାନ ଥିବାରୁ ସେତୁଟି ଧୀରେ ଧୀରେ ଦୁର୍ବଳ ହେଉଛି। ରାଜୀବ ଜେନା, ବନମାଳି ମାହାଳିକ, ରାଧାକୃଷ୍ଣ ଜେନା, ରବୀନ୍ଦ୍ର ନାଥ ଦାସ, ବେଣୁଧର ଦାସ, ସନ୍ତୋଷ ପ୍ରଧାନ, ପଙ୍କଜିନୀ ଦାସ, ପ୍ରଶାନ୍ତ ଜେନା, କମଳାକାନ୍ତ ପାତ୍ର, ସଞ୍ଜୟ ଦାସ, ହରେକୃଷ୍ଣ ଜେନା,ଭାନୁ ଚରଣ ଜେନା, ସଞ୍ଜୟ ପରିଡା ପ୍ରମୁଖ ଶତାଧିକ ପଞ୍ଚାୟତବାସୀ ଚୋରା ବାଲି ଉତ୍ତୋଳନକୁ ତୀବ୍ର ବିରୋଧ କରିଛନ୍ତି।

କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଜଣାଇଲେ ପଞ୍ଚାୟତବାସୀ

# ଭଲ ନୁହେଁ ନିତିଦିନିଆ ମେକ୍‌ଅପ୍



ମହିଳାମାନେ ତ୍ୱଚାରେ ଥିବା କଳାଦାଗକୁ ଦୂର କରି ଆକର୍ଷଣୀୟ ତ୍ୱଚା ପାଇବା ପାଇଁ ମେକ୍‌ଅପ୍ କରିଥାନ୍ତି । ସେହିପରି କେତେକ ମହିଳା ଅଫିସ୍, କଲେଜ ଆଦି ଯିବା ସମୟରେ ନିୟମିତ ମେକ୍‌ଅପ୍ କରିଥାନ୍ତି । କିନ୍ତୁ ଏପରି କରିବା ଦ୍ୱାରା ତ୍ୱଚାକୁ କ୍ଷତି ପହଞ୍ଚିଥାଏ । ଏଥିସହ ତ୍ୱଚାର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହୋଇଥାଏ । କେବଳ ସେତିକି ନୁହେଁ, ଏଥିଯୋଗୁ ବ୍ରଣ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ ।

- ନିୟମିତ ମେକ୍‌ଅପ୍ କରିବା ଦ୍ୱାରା ଲୋମଛିଦ୍ର ବନ୍ଦ ହୋଇଯାଏ । ସେହିପରି କିଛି ମହିଳାଙ୍କ ତ୍ୱଚାରେ ସଂକ୍ରମଣ ସମସ୍ୟା ହୋଇଥାଏ । ଏଥିସହ ଚର୍ମ ଶୁଷ୍କ ରହିଥାଏ ।
- ବିଶେଷଜ୍ଞଙ୍କ କହିବାନୁଯାୟୀ ପ୍ରତିଦିନ ମେକ୍‌ଅପ୍ କରିବା ଅନାବଶ୍ୟକ । କୌଣସି ପାର୍ଟି ଫଙ୍କସନ୍ କିମ୍ବା ବିଶେଷ ଦିନରେ ମେକ୍‌ଅପ୍ କରିବା ଠିକ୍ । ଏଥିସହ ଫେସ୍‌ୱାସ୍ ପରେ ମଏଶ୍ଚରାଇଜର୍ ଲଗାଇବା ମଧ୍ୟ ଜରୁରି ।
- ତ୍ୱଚା ଅନୁସାରେ ଠିକ୍ ମେକ୍‌ଅପ୍ ପ୍ରସାଧନ ବ୍ୟବହାର କରିବା ଆବଶ୍ୟକ । ସେହିପରି ଶୋଇବା ପୂର୍ବରୁ ମେକ୍‌ଅପ୍ ରିମୁଭର୍ ବ୍ୟବହାର କରିବା ଜରୁରୀ ।

# ଗୃହିଣୀରୁ ଉଦ୍ୟୋଗୀ ଅର୍ପିତା



ଆଜିର ମହିଳା ନିଜକୁ ଆର୍ଥିକ ସଶକ୍ତ କରିବା ଦିଗରେ ଆଗକୁ ବଢ଼ୁଛନ୍ତି । କିଏ ଚାଷ କାର୍ଯ୍ୟ ତ କିଏ ବ୍ୟବସାୟ ତଥା କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହୋଇପାରୁଛନ୍ତି । ଏହାଦ୍ୱାରା ନିଜର ଖର୍ଚ୍ଚ ତୁଲାଇବା ସହ ପରିବାର ପ୍ରତିପୋଷଣ ଭାର କାନ୍ଧକୁ ନେଇଛନ୍ତି । ଦୃଢ଼ ଆତ୍ମବିଶ୍ୱାସ ଓ ମନବୋଳ ଥିଲେ ସବୁକିଛି ସମ୍ଭବ ବୋଲି ସେମାନେ ପ୍ରମାଣିତ କରିଛନ୍ତି । ସେମିତି ଜଣେ ମହିଳା ହେଲେ ବୌଦ୍ଧ ଜିଲ୍ଲା ଖୁଣ୍ଟିଆପଡ଼ା ଗ୍ରାମର ଅର୍ପିତା ଦେଓ । ସେ ମିଲେଟ୍‌ରୁ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି କରି ବିକ୍ରି କରନ୍ତି । ଏଥିସହ 'ମିଲେଟ୍ ବେକରୀ କାଫେ' ପ୍ରତିଷ୍ଠା କରି ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିଛନ୍ତି ।

ଖାଦ୍ୟ ପ୍ରସ୍ତୁତିରେ ରୁଚି ରଖୁଥିବା ଅର୍ପିତା ବୌଦ୍ଧରେ ଆୟୋଜିତ ଅନେକ ମିଲେଟ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏଥିରେ ମାଣ୍ଡିଆ ତଥା ମିଲେଟ୍‌ରେ ତିଆରି ବିଭିନ୍ନ ଜିନିଷ ବାବଦରେ ସେ ପ୍ରଶିକ୍ଷଣ ନେଇଥିଲେ । ମିଲେଟ୍ ଆଧାରିତ ଅନେକ ସଫଳ ଭିଡିଓ ଦେଖିଥିଲେ । ଏହାପରେ ସେ ଓଡ଼ିଶା ମିଲେଟ୍ ମିଶନ ତାଲିମ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଲେ । ଧୀରେ ଧୀରେ ମିଲେଟ୍ ତିଆରି ଜିନିଷ ପ୍ରତି ତାଙ୍କର ଆଗ୍ରହ ବଢ଼ିଲା । ଫଳରେ ସେ ୨୦୨୨ ମସିହାରେ ମିଲେଟ୍ ଖାଦ୍ୟପଦାର୍ଥ ଉପରେ ଗବେଷଣା ଆରମ୍ଭ କରିଥିଲେ । କଠିନ ପରିଶ୍ରମ କରି ସେ ୨୦୨୩ ମସିହାରେ ସ୍ୱୟଂ ସହାୟକ ଗୋଷ୍ଠୀର ସାତଜଣ ମହିଳାଙ୍କୁ ନେଇ ମିଲେଟ୍ ବେକରୀ କାଫେ ପ୍ରତିଷ୍ଠା କରିଥିଲେ । ଏଥିରେ ସେ ପ୍ରଥମେ ୮ ପ୍ରକାର ଖାଦ୍ୟ ସାମଗ୍ରୀ ରଖିଥିଲେ । ସମୟକ୍ରମେ ବ୍ୟବସାୟ ବୃଦ୍ଧିହେଲା ଲୋକେ ତାଙ୍କ ନିର୍ମିତ ଖାଦ୍ୟକୁ ପସନ୍ଦ କଲେ । ଏବେ ସେ କାଫରେ ୨୫ ରୁ ଅଧିକ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ଏଥିସହ ସହ ବାଜାରାରୁ କୁକିଜ୍ ତିଆରି କରୁଛନ୍ତି । ବ୍ୟବସାୟରେ ସଫଳତା ପାଇଁ ତାଙ୍କୁ ୨୦୨୩-୨୦୨୪ ମସିହାରେ ବୌଦ୍ଧ ଜିଲ୍ଲାର ସର୍ବଶ୍ରେଷ୍ଠ ମିଲେଟ୍ ଉଦ୍ୟୋଗୀ ଭାବେ ମିଶନ ଶକ୍ତି ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

ଏଥିସହ ଜିଲ୍ଲାରେ ମିଲେଟ୍ ଟିଫିନ୍ କେନ୍ଦ୍ର ଖୋଲିବା ପାଇଁ ଅର୍ପିତାଙ୍କ 'ମାଆ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ'କୁ ମିଲେଟ୍ ମିଶନ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଗୋଷ୍ଠୀର ମହିଳାଙ୍କ ସହାୟତାରେ ସେ ମାଣ୍ଡିଆରୁ ଭଳିକି ଭଳି, ବିସ୍କୁଟ୍,ଆରିସା, କେକ୍, ନିମ୍‌କି,ଚା', ଉପମା, ସୁପ୍, ନୁଡୁଲ୍ ଭଳି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ସେଗୁଡ଼ିକୁ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ବିକ୍ରିବଟା କରିଥାନ୍ତି । ମିଲେଟ୍‌ରୁ ଭଳିକି ଭଳି ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରୁଥିବାରୁ ଗାଁ ତଥା ସହରାଞ୍ଚଳରେ ତାଙ୍କ ଖାଦ୍ୟର ଲୋକାଦୃତ ହୋଇପାରିଛି । ଏହି ମିଲେଟ କାଫେରୁ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତିକୁ ନେଇ ପ୍ରଶିକ୍ଷଣ ଦେଇଥାନ୍ତି । ଏହାଦ୍ୱାରା ଜିଲ୍ଲାରେ ୩୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମିଲେଟ୍ ବ୍ୟବସାୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

# ଶାଗୁ ପରଟା

ମୋ ହାଣ୍ଡିଶାଳରୁ...

## ଆବଶ୍ୟକ ସାମଗ୍ରୀ

ଶାଗୁ – ୨୦୦ ଗ୍ରାମ୍, ସିଝା –ଆଳୁ –ଦୁଇଟି, ଚିନାବାଦାମ- ଏକ କପ୍, ଜିରା – ଏକ ଚାମଚ, କଟା ଧନିଆ ପତ୍ର – ଅଧା , ଦହି – ଏକ କପ୍ , ଜିରା ଲଙ୍କା ଗୁଣ୍ଡ – ଅଧା ଚାମଚ , ତେଲ – ଆବଶ୍ୟକତା ଅନୁସାରେ , ଲୁଣ – ସ୍ୱାଦ ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳି



ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ଶାଗୁ ପକାଇ ଉଷୁମ କରନ୍ତୁ । ଏହାକୁ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ । ଏହାପରେ ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ଶାଗୁ ସମେତ ଭଜା ଚିନାବାଦାମ ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାକୁ ଏକ ପାତ୍ରରେ କାଢ଼ି ସେଥିରେ ସିଝା ଆଳୁକୁ, ଜିରା, ଧନିଆପତ୍ର ଲୁଣ ଦେଇ ଅଟା ଭଳି ଏହାକୁ ଚକଟି ଦିଅନ୍ତୁ । ଏହାପରେ ଛୋଟ ଛୋଟ ଗୁଳା କରି ଏହାକୁ ଅଟା ଗୁଣ୍ଡ ଦେଇ ପୁରୀ ଭଳି ବେଲନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲେ ସେଥିରେ ପରଟାକୁ ଦେଇ ଅଳ୍ପ ତେଲ ପକାଇ ସେକନ୍ତୁ । ଦୁଇ ପାଖ ହାଲୁକା ନାଲି ରଙ୍ଗ ହୋଇଗଲେ ଏହାକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହେଇଗଲା 'ଶାଗୁ ପରଟା' । ଏହାକୁ ଦହି ଓ ଜିରାଲଙ୍କା ଗୁଣ୍ଡ ସହ ପରଷନ୍ତୁ ।

# ଗଣେଶ ପୂଜାରେ ମରାଠୀ ଲୁକ୍



ପାଖେଇ ଆସୁଛି ଗଣେଶ ପୂଜା । ଏଥିପାଇଁ ଚଳଚଞ୍ଚଳ ଗାଁଠୁ ସହର । ସାଧାରଣତଃ ପର୍ବପର୍ବାଣୀରେ ମହିଳାମାନେ ସଜେଇ ହେବାକୁ ଭଲପାଆନ୍ତି । ବିଶେଷ କରି ଏବେ ପର୍ବପର୍ବାଣୀ ଅନୁଯାୟୀ ଲୁକ୍ ନେବାକୁ ଯୁବତୀମାନେ ବେଶି ପସନ୍ଦ କରୁଛନ୍ତି । ଏଥିପାଇଁ ପାର୍ଲର ଯାଇ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରିଥାନ୍ତି । କିନ୍ତୁ ଚାହିଁଲେ ଘରେ ଥିବା ଜିନିଷକୁ ଉପଯୋଗ କରି ପୂଜାରେ ପାରମ୍ପରିକ ମରାଠୀ ଲୁକ୍ ନେଇପାରିବେ । ଜାଣିବା ସେ ବିଷୟରେ ।

## ନୌବାରୀ ଶାଢ଼ି

ମରାଠୀ ଲୁକ୍‌ର ମୁଖ୍ୟ ଆକର୍ଷଣ ହେଉଛି ନୌବାରୀ ଶାଢ଼ି । ଏହା ଏକ ପାରମ୍ପରିକ ଶାଢ଼ି ଭାବେ ଜଣାଯାଏ । ଏହାକୁ ଧୋତି ଷ୍ଟାଇଲ୍‌ରେ ପିନ୍ଧାଯାଇଥାଏ । ଏହି ଶାଢ଼ି ରେଶମ ଫ୍ୟାବ୍ରିକ୍‌ରେ ନିର୍ମିତ ହୋଇଥାଏ । ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ ।

## ନୋଥ

ନୋଥ ବିନା ମରାଠୀ ଲୁକ୍ ଅସମ୍ପୂର୍ଣ୍ଣ । ତେଣୁ ସମ୍ପୂର୍ଣ୍ଣ ଲୁକ୍ ନେବା ପାଇଁ ମାଳି କିମ୍ବା ଷ୍ଟୋନ୍ ଲାଗିଥିବା ନୋଥ ପିନ୍ଧିପାରିବେ । ସ୍ୱତନ୍ତ୍ର ଡିଜାଇନର ଏହି ନୋଥ ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ । ନାକଫୋଡ଼େଇ ନ ଥିବା ମହିଳାମାନେ ମଧ୍ୟ ଏହାକୁ ସହଜରେ ଲଗାଇପାରିବେ । ମୋତି ଓ କୁନ୍ଦନରେ ସଜ୍ଜିତ ଏହି ନୋଥ ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ ।

## ଅର୍ଦ୍ଧଚନ୍ଦ୍ରାକୃତି ବିନ୍ଦି

ତେବେ ମରାଠୀ ଲୁକ୍‌ରେ ଅର୍ଦ୍ଧଚନ୍ଦ୍ରାକୃତି ବିନ୍ଦିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ମୁହଁରେ ଲଗାଇଲେ ଖୁବ୍ ସୁନ୍ଦର ଦିଶିଥାଏ । ତେଣୁ ପାରମ୍ପରିକ ମରାଠୀ ଲୁକ୍ ପୁରା କରିବା ପାଇଁ ଚନ୍ଦ୍ରକାର ବିନ୍ଦି ଲଗାଇବା ଆବଶ୍ୟକ ।

## ସବୁଜ ଚୁଡ଼ି

ସବୁଜରଙ୍ଗ ଚୁଡ଼ି ମରାଠୀ ମହିଳାଙ୍କ ପରିଚୟ ଭାବେ ଜଣାଯାଏ । ତେଣୁ ହାତରେ ସୁନ୍ଦର ସବୁଜ ଚୁଡ଼ି ପିନ୍ଧିବା ଜରୁରୀ ।

## ଅଣ୍ଟାସୂତା

ସେହିପରି ଲୁକ୍‌କୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଅଣ୍ଟାବିଛା ପିନ୍ଧିପାରିବେ । ବଜାର ବିଭିନ୍ନ ରଙ୍ଗ ଓ ଡିଜାଇନର୍ ଅଣ୍ଟାବିଛା ମିଳୁଛି ।

# କଞ୍ଚା ଅମୃତଭଣ୍ଡା ମାସ୍କର ଫାଇଦା



ଅମୃତଭଣ୍ଡା ଉଭୟ ତ୍ୱଚା ଓ ଶରୀର ପାଇଁ ସ୍ୱାସ୍ଥ୍ୟକର ହୋଇଥାଏ । ବିଶେଷ କରି କଞ୍ଚା ଅମୃତଭଣ୍ଡାରେ ଥିବା ଏନ୍‌ଜାଇମ୍ସ ଓ ନ୍ୟୁଟ୍ରିଏଣ୍ଟସ୍ ତ୍ୱଚାକୁ ଗଭୀରରୁ ପୋଷଣ ଦେଇଥାଏ । ତେଣୁ କଞ୍ଚା ଅମୃତ ଭଣ୍ଡା ତ୍ୱଚାରେ ଲଗାଇଲେ କେଉଁ ସୁଫଳ ମିଳିଥାଏ, ଜାଣିବା ସେ ବିଷୟରେ...



## ଦାଗ ଓ ବ୍ରଣ ସମସ୍ୟାରୁ ମୁକ୍ତି

କଞ୍ଚା ଅମୃତଭଣ୍ଡା ଆଣ୍ଟି ବ୍ୟାକ୍ଟେରିୟଲ ଗୁଣରେ ଭରପୂର ରହିଥାଏ । ତେଣୁ ଏହାକୁ ତ୍ୱଚାରେ ଲଗାଇଲେ ବ୍ରଣ ସମସ୍ୟା ଦୂର ହୋଇଥାଏ । ଏଥିସହ ତ୍ୱଚା ଉଜ୍ଜ୍ୱଳ ଦିଶିଥାଏ ।

## ମୃତ କୋଷ କରେ ଦୂର

ଏଥିରେ ଥିବା ଏନ୍‌ଜାଇମ୍ସ ତ୍ୱଚାର ଉପର ପରସ୍ତରେ ଥିବା ମୃତ କୋଷକୁ ହଟାଇ ନୂଆ ତ୍ୱଚା ବାହାରକୁ ଆଣିଥାଏ । ଏହାଦ୍ୱାରା ତ୍ୱଚା ସତେଜ ଓ ଉଜ୍ଜ୍ୱଳ ଦିଶିଥାଏ ।

## ପିଗମେଣ୍ଟେସନ୍ କରେ ଦୂର

କଞ୍ଚା ଅମୃତଭଣ୍ଡା ତ୍ୱଚାରେ ଥିବା ମେଲାଲିନ୍‌କୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା କଳାଦାଗ , ପିଗମେଣ୍ଟେସନ୍ ହାଲୁକା ହୋଇଥାଏ ।

## ମୁହଁ ତେଲ ନିୟନ୍ତ୍ରଣ

ବିଶେଷ କରି ତେଲିଆ ତ୍ୱଚା ଥିବା ମହିଳାଙ୍କ ପାଇଁ କଞ୍ଚା ଅମୃତଭଣ୍ଡା ବରଦାନ ସ୍ୱରୂପ । ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ବାହାର କରି ଏକ ମ୍ୟାଟ୍ ଲୁକ୍ ଦେଇଥାଏ । ଏହା ମୁହଁର ରୁକ୍ଷତାକୁ ଦୂର କରି ଏକ ପ୍ରାକୃତିକ ଚମକ ଦେଇଥାଏ ।

## ସତର୍କତା

- କଞ୍ଚା ଅମୃତଭଣ୍ଡା ଖୁବ୍ କଡ଼ା ହୋଇଥାଏ । ତେଣୁ ସମ୍ବେଦନଶୀଳ ତ୍ୱଚା ଥିବା ମହିଳାମାନେ ଏହାକୁ ସିଧାସଳଖ ତ୍ୱଚାରେ ଲଗାନ୍ତୁ ନାହିଁ ।
- ପ୍ରଥମେ ପ୍ୟାଚ୍ ଟେଷ୍ଟ କରି ଏହାକୁ ତ୍ୱଚାରେ ଲଗାଇବା ଭଲ । ଏହାଦ୍ୱାରା ତ୍ୱଚାରେ କୌଣସି ପ୍ରକାର ସଂକ୍ରମଣ ହୋଇ ନଥାଏ ।
- ଦୀର୍ଘ ସମୟ ଏହାକୁ ତ୍ୱଚାରେ ଲଗାଇ ରଖନ୍ତୁ ନାହିଁ । ଲଗାଇବାର ୧୦-୧୫ ମିନିଟ୍‌ରେ ଏହାକୁ ଧୋଇ ଦିଅନ୍ତୁ ।

# ଘର ପାଇଁ ସୁଗନ୍ଧିତ ତୈଳ

ଦିନସାରା ଧାଁଦୌଡ଼ ଭିତରେ ସନ୍ଧ୍ୟାରେ ଘରକୁ ଫେରିଲେ ମନକୁ ଟିକିଏ ଆଶ୍ୱସ୍ତି ମିଳିଥାଏ । ଏଥିପାଇଁ ସମସ୍ତେ ନିଜ ଅନୁସାରେ ଘରକୁ ସଜାଇଥାନ୍ତି । ସେହିପରି ଘରେ ଶାନ୍ତି ବାତାବରଣକୁ ଦ୍ୱିଗୁଣିତ କରିବାକୁ ଚାହୁଁଥିଲେ ଘରେ ରୁମ୍ ସ୍ପ୍ରେ ବଦଳରେ ଏସେନ୍‌ସିଆଲ୍ ଅଏଲ ସ୍ପ୍ରେ କରିପାରିବେ । ଏହାକୁ ବ୍ୟବହାର କରିବା ଦ୍ୱାରା ଶାନ୍ତି ମିଳିବା ସହ ଘରେ ସକାରାତ୍ମକ ବାତାବରଣ ରହିଥାଏ ।

## ସାଇଟ୍ରିକ୍ ଅଏଲ୍‌ରୁ ସତେଜ

ମନ ଅଶାନ୍ତି ରହୁଥିଲେ, ସାଇଟ୍ରିକ୍ ବେସ୍‌ଡ ଅଏଲ୍‌କୁ ଶୋଇବା କୋଠରୀରେ ସ୍ପ୍ରେ କରିପାରିବେ । ସେହିପରି ବର୍ଷାଦିନେ ଏହା ଘରକୁ ଓଦାଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିସହ ଚାହିଁଲେ ଲେମ୍ବୁ ଥିବା ଏସେନ୍‌ସିଆଲ୍ ଅଏଲ ବ୍ୟବହାର କରିପାରିବେ । ଏହାଦ୍ୱାରା ଘରେ ସକାରାତ୍ମକ ପରିବେଶ ସହ ମନ ପ୍ରସନ୍ନ ରହିଥାଏ ।

## ଲାଭେଣ୍ଡର ଅଏଲ୍

ଘରେ ହସଖୁସିର ବାତାବରଣ ରଖିବାକୁ ଚାହୁଁଥିଲେ, କିଛି ଲାଭେଣ୍ଡର ଅଏଲ୍ ନେଇ ସେଥିରେ ପାଣି ମିଶାଇ ସ୍ପ୍ରେ କରିପାରିବେ । ଏଥିସହ ଗେଷ୍ଟ ରୁମ୍, ବେଡ୍‌ରୁମ ଆଦିରେ ଏହାକୁ ସ୍ପ୍ରେ କରିପାରିବେ । ସେହିପରି ଚାହିଁଲେ ତକିଆରେ ମଧ୍ୟ ଏହାର କିଛି ବୁନ୍ଦା ସ୍ପ୍ରେ କରିପାରିବେ । ସେହିପରି କାମକୁ ନେଇ ଅଧିକ ଚାପ ଅନୁଭବ କରୁଥିଲେ ଏହାଦ୍ୱାରା ଚାପମୁକ୍ତ ଅନୁଭବ ହୋଇଥାଏ ।

## ଚନ୍ଦନ ଓ ଗୋଲାପ

ସେହିପରି ଘରକୁ ଏକ ବିଳାସମୟ ଅନୁଭୂତ ଦେବାକୁ ଚାହୁଁଥିଲେ, ଚନ୍ଦନ ଓ ଗୋଲାପ ତେଲ ସ୍ପ୍ରେ କରିପାରିବେ । କାରଣ ଏହାର ବାସ୍ନା ଖୁବ୍ ସୁନ୍ଦର ହୋଇଥାଏ । ସେହିପରି ଚନ୍ଦନ ତେଲ ଜୀବାଣୁରୋଧୀ ହୋଇଥାଏ । ସେହିପରି ଚାହିଁଲେ ଏହାକୁ ଇଣ୍ଡୋର୍ ପ୍ଲାଣ୍ଟରେ ମଧ୍ୟ ଛିଞ୍ଚିପାରିବେ ।



■ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା

# ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର, ୨୩।୮ (ସମିସ): ଶ୍ରୀନଗରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା ପ୍ରଶଂସନୀୟ ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ୧୦ଟି ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ମଧ୍ୟପ୍ରଦେଶ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ କାଂସ୍ୟ ସହ ୧୮ ପଦକ ଜିତି ଚାମ୍ପିଅନ ହୋଇଛି। ସେହିଭଳି କେରଳ (୭ ପଦକ) ୩ୟ, ଉତ୍ତର ପ୍ରଦେଶ (୩ ପଦକ) ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଶେଷଦିନରେ ଓଡ଼ିଶା ପ୍ରତିଯୋଗୀମାନେ ୫ଟି ପଦକ ଜିତିବାରେ ସଫଳ ହୋଇଥିଲେ। ଯେଉଁଥିରେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ରହିଛି। ରଶ୍ମିତା ସାହୁ ଓ ଆଚୋଇବାମ୍ ଦେବୀ ଯୋଡ଼ି କାନୋଇଂ-୫୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ମହିଳା କାୟାକିଂ-୫୦୦ ମିଟର ଓ ପୁରୁଷ ସିଙ୍ଗଲ୍ସ ସ୍କଲରେ ସ୍ୱର୍ଣ୍ଣ ପଦକ ରାଜ୍ୟକୁ ମିଳିଥିଲା।

# ଟାଇଟଲ୍ ବଜାୟ ରଖିଲା ନର୍ଥଇଷ୍ଟ

ଡୁରାଣ୍ଡ କପ୍



କୋଲକାତା, ୨୩।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଶନିବାର ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯାଇଥିବା ଏକପାଖିଆ ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ନର୍ଥଇଷ୍ଟ ୟୁନାଇଟେଡ୍ ୬-୧ ଗୋଲ୍‌ର ବୃହତ୍ ବ୍ୟବଧାନରେ ଡାଏମଣ୍ଡ ହାର୍ବର ଦଳକୁ ପରାସ୍ତ କରିଥିଲା। ଏଥିସହ ନର୍ଥଇଷ୍ଟ ୨ୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବାରେ ସଫଳ ହୋଇଛି। ସେହିଭଳି ଡୁରାଣ୍ଡ କପ୍‌ର ଗତ ୩୪ ବର୍ଷ ମଧ୍ୟରେ ପ୍ରଥମ ଦଳ ଭାବେ ନର୍ଥଇଷ୍ଟ କ୍ରମାଗତ ଚାମ୍ପିଅନ ହୋଇଛି। ଶେଷଥର ଲାଗି ଇଷ୍ଟ ବେଙ୍ଗଲ ୧୯୮୯, ୧୯୯୦ ଓ ୧୯୯୧ରେ କ୍ରମାଗତ ୩ବର୍ଷ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ଡୁରାଣ୍ଡ କପ୍ ପଦାର୍ପଣରେ ଫାଇନାଲରେ ପ୍ରବେଶ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଘରୋଇ ଡାଏମଣ୍ଡ ହାର୍ବର ଫାଇନାଲରେ କିନ୍ତୁ ବିଜୟ ଧାରାକୁ ବଜାୟ ରଖିପାରି ନ ଥିଲା। ସେମିଫାଇନାଲରେ ହାର୍ବର ଦଳ ୧୬ଥରର ଚାମ୍ପିଅନ ଇଷ୍ଟ ବେଙ୍ଗଲକୁ ହରାଇଥିଲା।

# ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଓ କିକ୍‌ବକ୍ସିଂରେ କିଟ୍‌କୁ ୨ ପଦକ




ଭୁବନେଶ୍ୱର, ୨୩।୮ (ସମିସ): କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟସ୍ତରରେ ଆଉ ୨ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍‌ରେ ଏମ୍‌ବିଏ ପଢୁଥିବା ଅବିନାଶ ମହାନ୍ତି ଘାନା ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ଡବଲ୍ସରେ ସେ ଏହି ସଫଳତା ପାଇଥିଲେ। ଏଥିରେ ଅନ୍ୟତମ ଓଡ଼ିଆ ଖେଳାଳି ଆୟୂଷ ପଟ୍ଟନାୟକଙ୍କୁ ସାଥୀ କରି ଖେଳିଥିବା ଅବିନାଶ ଫାଇନାଲରେ ଇଣ୍ଡୋନେସିଆ ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଇଣ୍ଡୋନେସିଆରେ ଅନୁଷ୍ଠିତ କିକ୍‌ବକ୍ସିଂ ଓପନ୍ ପ୍ରତିଯୋଗିତାରେ କିଟ୍‌ର ଯଶ କୁମାର ସିହ୍ନା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଉଭୟ ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

ଆଇସିସି ଦିନିକିଆ ପୁରୁଷ ବିଶ୍ୱକପ୍ - ୨୦୨୭

# ଦ.ଆଫ୍ରିକାର ୮ଟି ଭେନ୍ୟୁରେ ୪୪ ମ୍ୟାଚ୍

ଜୋହାନ୍ସବର୍ଗ,୨୩।୮ (ଏଜେନ୍ସି):



ଆଫ୍ରିକା ମହାଦେଶର ୩ଟି ଦେଶ ଯଥା ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ୨୦୨୭ ଆଇସିସି ଦିନିକିଆ ପୁରୁଷ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ଲାଗି ଏବେଠାରୁ ସ୍ଥାନୀୟ ଆୟୋଜନ କମିଟି ସମସ୍ତ ପ୍ରକାର ପ୍ରସ୍ତୁତିରେ ଲାଗିପଡ଼ିଛି। ବିଶେଷ କରି ଦକ୍ଷିଣ ଆଫ୍ରିକାରେ ଦୀର୍ଘ ୨୪ ବର୍ଷ ପରେ ଆଇସିସି ବିଶ୍ୱକପ୍ ଖେଳାଯାଉଥିବାରୁ ଆୟୋଜକ ଓ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଏହା ମଧ୍ୟରେ ବିଶ୍ୱକପ୍‌ର ଆୟୋଜନ ମିଳିତଭାବେ ହେଉଥିବାରୁ କେଉଁ ଦେଶ କେତୋଟି ମ୍ୟାଚ୍ ଆୟୋଜନ କରିବ ସେ ସମ୍ପର୍କରେ ଆଜି କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ଘୋଷଣା କରିଛି। ଘୋଷଣା ଅନୁଯାୟୀ ଦକ୍ଷିଣ ଆଫ୍ରିକାରେ ୪୪ଟି ଏବଂ ଅନ୍ୟ ଦୁଇଦେଶ ଜିମ୍ବାୱେ ଓ ନାମିବ୍ୟାରେ ୧୦ଟି ମ୍ୟାଚ୍ ଖେଳାଯିବ। ଦକ୍ଷିଣ ଆଫ୍ରିକାରେ ମଧ୍ୟ କେଉଁ ଭେନ୍ୟୁରେ ମ୍ୟାଚ୍ ଖେଳାଯିବ ତାହା ଘୋଷଣା କରାଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ଟ୍ରେଭର ମାନୁଏଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅର୍ଗାନାଇଜିଂ କମିଟି (ଏଲ୍‌ଓସିବି) ଗଠନ କରାଯାଇଛି।

୨୦୨୭ ଅକ୍ଟୋବର ଓ ନଭେମ୍ବର ମାସରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଭାଗନେବେ। ୨୦୧୭ ସୁଦ୍ଧା ଆଇସିସି ମାନ୍ୟତାରେ ଥିବା ପ୍ରଥମ ୮ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ସେହିପରି ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ପ୍ରଥମେ ଯୋଗ୍ୟତା ଅର୍ଜନ କରିଛି। କିନ୍ତୁ ଯୁଗ୍ମ ଆୟୋଜକ ଜିମ୍ବାୱେ ଓ ନାମିବ୍ୟାକୁ ସେହି ସୁଯୋଗ ମିଳିନାହିଁ। ଏହା ମଧ୍ୟରେ ଦକ୍ଷିଣ ଆଫ୍ରିକାରେ ମ୍ୟାଚ୍ ଖେଳାଯିବାକୁ ଥିବା ୮ଟି ଭେନ୍ୟୁ ଚୂଡ଼ାନ୍ତ ହୋଇଛି। ସେଗୁଡ଼ିକ ହେଲା ଜୋହାନ୍ସବର୍ଗ, ପ୍ରିଟୋରିଆ, କେପ୍‌ଟାଉନ୍, ଡର୍ବାନ, ଜେବେରହା (ପୋର୍ଟ ଏଲିଜାବେଥ), ବ୍ଲୋଏମଫୋଣ୍ଟେନ, ଇଷ୍ଟ ଲଣ୍ଡନ ଓ ପାର୍ଲ। ସେହିପରି ଜିମ୍ବାୱେର ହରାରେ ଓ ବୁଲାୱାୟୋ, ନାମିବ୍ୟାର ଗୋଟିଏ ସହର ୱିଣ୍ଡୋହୋଏକ୍‌ରେ ୩ଟି ଗ୍ରାଉଣ୍ଡ ଯଥା ନାମିବ୍ୟା କ୍ରିକେଟ ଗ୍ରାଉଣ୍ଡ, ୟୁନାଇଟେଡ ଗ୍ରାଉଣ୍ଡ ଓ ୱାଣ୍ଡରର୍ସ କ୍ରିକେଟ ଗ୍ରାଉଣ୍ଡ। ପରେ ଅନ୍ୟ କଥା ଉପରେ ନିଷ୍ପତ୍ତି ନିଆଯିବ ବୋଲି ସିଏସ୍‌ଏ ପକ୍ଷରୁ କୁହାଯାଇଛି।

ସିଏସ୍‌ଏ ସଭାପତି ରିହାନ ରିଚାର୍ଡ୍ସଙ୍କ କହିବା ଅନୁଯାୟୀ ଦୀର୍ଘ ୨୪ ବର୍ଷ ପରେ ପୁରୁଷ କ୍ରିକେଟ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯାଉଥିବାରୁ ନୂଆ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ରହିଛି। ବିଶେଷ କରି ଡିଜିଟାଲ ଯୁଗରେ ଦର୍ଶକଙ୍କୁ କିପରି ଷ୍ଟାଡିୟମ୍‌କୁ ଆକୃଷ୍ଟ କରାଯିବ ତାହା ଉପରେ ଆମେ ବେଶ ଗୁରୁତ୍ୱ ଦେଉଛୁ। ଏହି ସୁଯୋଗକୁ ଆମେ ଆଦୌ ହାତଛଡ଼ା କରିବୁ ନାହିଁ। ଆଫ୍ରିକା ମହାଦେଶରେ କ୍ରିକେଟକୁ ଅଧିକ ଲୋକପ୍ରିୟ କରାଇବା ଏବଂ ନୂଆ ଦର୍ଶକଙ୍କୁ ଆକୃଷ୍ଟ କରିବା ଆମର ମୂଳ ଲକ୍ଷ୍ୟ। ଏହି ସମୟରେ ଏହି ମେଗା ଇଭେଣ୍ଟ କିପରି ଶୃଙ୍ଖଳାର ସହ ଆୟୋଜିତ ହେବ ତାହା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଦକ୍ଷିଣ ଆଫ୍ରିକାର ସରକାର ଓ ପ୍ରଶାସନ ପୂରା ସହଯୋଗ କରୁଛନ୍ତି। ଆମେ ବିଶ୍ୱ କ୍ରିକେଟ ପ୍ରେମୀଙ୍କୁ ଦକ୍ଷିଣ ଆଫ୍ରିକା ସହ ଯୋଡ଼ିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ରିଚାର୍ଡ୍ସ।

ପୂର୍ବପରି ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଅଂଶଗ୍ରହଣ କରିବେ। ଏହି ଦେଶଗୁଡ଼ିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯିବ। ରାଉଣ୍ଡ ରବିନ ଭିତ୍ତିରେ ଲିଗ୍ ମ୍ୟାଚ୍ ଖେଳାଯିବା ପରେ ପ୍ରତ୍ୟେକ ଗ୍ରୁପ୍‌ର ୩ଟି ଲେଖାଏଁ ଶ୍ରେଷ୍ଠ ଦଳ ସୁପର ସିକ୍ସକୁ ଉନ୍ନୀତ ହେବେ। ସୁପର ସିକ୍ସରେ ଯୋଗ୍ୟତା ଅର୍ଜନ କରିଥିବା ୩ଟି ଦଳ ଅନ୍ୟ ଗ୍ରୁପ୍‌ର ୩ଟି ଦଳ ସହ ଖେଳିବେ। ଏହା ପରେ ୧୯୯୯ ବିଶ୍ୱକପ୍ ଭଳି ପଏଣ୍ଟ ଭିତ୍ତିରେ ସେମିଫାଇନାଲ ଓ ଫାଇନାଲ ଖେଳାଯିବ। ଗତ ସଂସ୍କରଣ ବା ୨୦୨୩ରେ ଏହି ବିଶ୍ୱକପ୍ ଭାରତରେ ଖେଳାଯାଇଥିଲା। ଏଥିରେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲାବେଳେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

# ଦୁଲୀପ୍ ଟ୍ରଫି ଖେଳିବେନି ଗିଲ୍

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଅସୁସ୍ଥତା ଯୋଗୁ ଚଳିତମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ଦୁଲୀପ୍ ଟ୍ରଫି ଆନ୍ତଃଜୋନ୍ କ୍ରିକେଟ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ପୂର୍ବାଞ୍ଚଳ ସହ ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଗିଲ୍ ଉତ୍ତରାଞ୍ଚଳର ନେତୃତ୍ୱ ନେଇଥାନ୍ତେ। ଏବେ ତାଙ୍କ ସ୍ଥାନରେ ଅଙ୍କିତ କୁମାରଙ୍କୁ ଉତ୍ତରାଞ୍ଚଳ ଦଳର ଅଧିନାୟକ ମନୋନୀତ କରାଯାଇଛି। ଗିଲ୍ ଏହି ମ୍ୟାଚ୍ ଖେଳିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଦୁଲୀପ୍ ଟ୍ରଫି ଖେଳିବାରେ ଅସମର୍ଥ ହୋଇଥାନ୍ତେ। ସେପ୍ଟେମ୍ବର ୯ରୁ ଏସିଆ କପ୍ ଆରମ୍ଭ ହେବାକୁ ଥିଲାବେଳେ ଗିଲ୍ ଏହି ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୫ ଯାଏ ଦୁଲୀପ ଟ୍ରଫି ଖେଳାଯିବ। ଏଣୁ ସେ ପୂରା ଟୁର୍ଣ୍ଣାମେଣ୍ଟ ଖେଳିପାରି ନ ଥାନ୍ତେ।

ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଦଳର ନେତୃତ୍ୱ ନେଇ ଗିଲ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହା ଫଳରେ ତାଙ୍କ ଟି-୨୦ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ଟେଷ୍ଟ ସିରିଜ୍‌ରେ ସେ ୭୫୪ ରନ୍ କରିଥିଲେ। ଉତ୍ତରାଞ୍ଚଳ ତାହାର ପ୍ରଥମ ମ୍ୟାଚ୍ ପୂର୍ବାଞ୍ଚଳ ସହ ବେଙ୍ଗାଲୁରୁରେ ଅଗଷ୍ଟ ୨୮ରୁ ଖେଳିବ। ଏହି ମ୍ୟାଚ୍‌ରେ ପୂର୍ବାଞ୍ଚଳର ନେତୃତ୍ୱ ନେବାକୁ ମନୋନୀତ ହୋଇଥିବା ଇଶାନ କିସାନ ମଧ୍ୟ ଫିଟ୍ ହୋଇ ନ ଥିବାରୁ ଓହରିଯାଇଥିଲେ। ତାଙ୍କ ସ୍ଥାନରେ ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଅଙ୍କିତ ବନାମ ଅଭିମନ୍ୟୁଙ୍କ ନେତୃତ୍ୱରେ ଏହି ମ୍ୟାଚ୍ ଖେଳାଯିବ।

# ଜାତୀୟ ଜୁନିଅର ହକି: ଓଡ଼ିଶାକୁ ରୌପ୍ୟ




ଭୁବନେଶ୍ୱର, ୨୩।୮ (ସମିସ): ପଞ୍ଜାବରେ ଅନୁଷ୍ଠିତ ଜାତୀୟ ଜୁନିଅର ପୁରୁଷ ହକିର ୧୫ତମ ସଂସ୍କରଣରେ ଓଡ଼ିଶା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଓଡ଼ିଶା ୨-୩ ଗୋଲରେ ହରିୟାଣା ନିକଟରୁ ପରାସ୍ତ ହୋଇଥିଲା। ଏକଦା ୨-୦ରେ ଅଗ୍ରଣୀ ରହିଥିବା ଓଡ଼ିଶା ମ୍ୟାଚର ଶେଷ ୧୦ ମିନିଟରେ ୩ଟି ଗୋଲ୍‌ବରଣ କରି ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲା। ସେହିଭଳି ଆୟୋଜକ ପଞ୍ଜାବ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଥିଲା। ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ୨ଟି ଗୋଲ୍ ଦେଇଥିଲା। ୧୭ତମ ମିନିଟରେ ଦୀପକ ପ୍ରଧାନ ଓ ୧୯ତମ ମିନିଟରେ ପ୍ରତାପ ଟପ୍ପୋଙ୍କ ଷ୍ଟିକ୍ସରୁ ଏହି ଦୁଇଟି ଗୋଲ୍ ବାହାରିଥିଲା। ଫଳରେ ପ୍ରଥମାର୍ଦ୍ଧ ଓଡ଼ିଶା ସପକ୍ଷରେ ଯାଇଥିଲା। ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ମଧ୍ୟ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ହରିୟାଣା ଖେଳାଳି ଶେଷ ୧୦ ମିନିଟରେ ୩ଟି ଗୋଲ୍ ଦେଇ ଓଡ଼ିଶା ନିକଟରୁ ବିଜୟ ଛଡ଼ାଇ ନେଇଥିଲେ। ଏହି ୩ଟି ଗୋଲରୁ ନୀତୀନ ୨ଟି ଗୋଲ୍ ଦେଇ ହରିୟାଣାକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ବୁଚି ବାବୁ କ୍ରିକେଟ୍

# ରେଳବାଇ ବିପକ୍ଷରେ ଓଡ଼ିଶାର ସ୍ଥିତି ମଜଭୁତ

ଭୁବନେଶ୍ୱର, ୨୩।୮ (ସମିସ): ତାମିଲନାଡୁରେ ଚାଲିଥିବା ଆମନ୍ତ୍ରଣୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଚି ବାବୁ ଟ୍ରଫିରେ ଓଡ଼ିଶା ବିପକ୍ଷରେ ରେଳବାଇ ସଂଘର୍ଷ ଜାରି ରଖିଛି। ପ୍ରଥମ ଦିବସରେ ଓଡ଼ିଶା ପ୍ରଥମ ପାଳିରେ ୮୫.୪ ଓଭରରେ ୨୨୨ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ରେଳବାଇ ପ୍ରଥମ ପାଳି ଆରମ୍ଭ କରି ୪ ଓଭରରେ ୧୯ ରନ ସଂଗ୍ରହ କରିଥିଲା। ଶନିବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ରେଳବାଇ ଷ୍ଟମ୍ପ ସୁଦ୍ଧା ୪୮ ଓଭରରେ ୧୩୮ ରନରେ ୬ ୱିକେଟ ହରାଇ ସଂଘର୍ଷ ଜାରି ରଖିଛି। ରେଳବାଇ ପାଳି ଅଗ୍ରଣୀ ଲାଗି ବଳକା ୪ ୱିକେଟ୍‌ରେ ଆହୁରି ୮୫ ରନ ଆବଶ୍ୟକ କରୁଛି। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନ ବୋଲର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି। ବର୍ଷା ଲାଗି ୨ୟ ଦିବସରେ ୪୬ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା।

ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଆଜିଠାରୁ

# ଓଡ଼ିଶାରୁ ଭାଗନେବେ ୬ ପ୍ରତିଯୋଗୀ



ଭୁବନେଶ୍ୱର,୨୩।୮ (ସମିସ): ଅହମ୍ମଦାବାଦ୍‌ଠାରେ ଆସନ୍ତାକାଲିଠାରୁ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ବରିଷ୍ଠ, ଯୁବ ଓ କନିଷ୍ଠ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ଅଗଷ୍ଟ ୩୦ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗନେବାକୁ ଓଡ଼ିଶାର ୬ଜଣ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ଯୁବ ବାଳିକା ବିଭାଗ ୪୪ କେଜିରେ ପ୍ରୀତିସ୍ମିତା ଭୋଇ ଓ ୬୩ କେଜିରେ ଟିକି ମୋହିନୀ ମଲ୍ଲିକ। କନିଷ୍ଠ ବାଳିକା ୫୮ କେଜି ବିଭାଗରେ ମିନା ସାନ୍ତା-ଏ' ଓ ୬୩ କେଜି ବିଭାଗରେ ବିଦୁସ୍ମିତା ଭୋଇ ଏବଂ କନିଷ୍ଠ ବାଳକ ୮୮ କେଜି ବିଭାଗରେ ହୃଦାନନ୍ଦ ଦାସ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ବରିଷ୍ଠ ମହିଳା ବିଭାଗରେ ଜଣେ ମାତ୍ର ପ୍ରତିଯୋଗୀ ସ୍ନେହା ସୋରେନ୍ ରହିଛନ୍ତି। ସେ ୫୩ କେଜି ବିଭାଗରେ ଅଂଶଗ୍ରହଣ କରିବେ। ଏମାନେ ସମସ୍ତେ ରାଜ୍ୟ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟର ଓ ଢେଙ୍କାନାଳ ସବ୍‌ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ଚୟନ ଶିବିରରେ ଏମାନେଙ୍କୁ ମନୋନୀତ କରାଯାଇଥିଲା। ପ୍ରଥମଥର ଓଡ଼ିଶାର ଅଧାଡଜନେ ଖେଳାଳି ଭାଗ ନେଇଥିବାରୁ ଖେଳାଳି ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ସମସ୍ତ ପ୍ରତିଯୋଗୀଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଶୁଭେଚ୍ଛା କରାଯାଇଛି।

ଆନ୍ତଃଜୋନ୍ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍

# ପୂର୍ବାଞ୍ଚଳ ଚାମ୍ପିଅନ



ଭୁବନେଶ୍ୱର, ୨୩।୮ (ସମିସ): ବେଙ୍ଗାଲୁରୁରେ ଅନୁଷ୍ଠିତ ଆନ୍ତଃଜୋନ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍‌ରେ ପୂର୍ବାଞ୍ଚଳ ଦଳ ଚାମ୍ପିଅନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶାର ଫୁଲ ସୋରେନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ୪୦ ରନରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପୂର୍ବାଞ୍ଚଳ ୨୦ ଓଭରରେ ୫ ୱିକେଟ୍‌ରେ ୧୬୨ ରନ କରିଥିଲା। ଓଡ଼ିଶାର ପାର୍ବତୀ ମାରାଣ୍ଡି ୬୭, ଯମୁନାରାଣୀ ଟୁଡୁ ୨୬, ବାସନ୍ତୀ ହାଁସଦା ୨୦ ଓ ଝିଲ୍ଲି ବିରୁଆ ୧୮ ରନ କରିଥିଲେ। ଜବାବରେ ପଶ୍ଚିମାଞ୍ଚଳ ୧୫.୫ ଓଭରରେ ୧୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପାର୍ବତୀଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ସଫଳତା ପରେ ପୂର୍ବାଞ୍ଚଳ ଦଳର ସମ୍ପାଦକ ଏମଡି ଜାଫର ଇକବାଲ, ପ୍ରଶିକ୍ଷକ ସୁଖରାମ ମାଝୀ ପ୍ରମୁଖ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚାମ୍ପିଅନ ଦଳରେ ଓଡ଼ିଶାର ୯ଜଣ ଖେଳାଳି ସ୍ଥାନ ପାଇଥିଲେ। ଏହି ପ୍ରତିଯୋଗିତାରୁ ଆଗାମୀ ଦୃଷ୍ଟିହୀନ ମହିଳା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯିବ।

ଆଜିଠୁ ୟୁଏସ୍ ଓପନ୍

# ୨୫ତମ ଗ୍ରାଣ୍ଡସ୍ଲାମ୍ ଲକ୍ଷ୍ୟରେ ଜୋକୋଭିଚ୍

## ସିଙ୍ଗଲ୍ସ ଚାମ୍ପିଅନଙ୍କୁ ମିଳିବ ୪୩ କୋଟି

ନ୍ୟୁୟର୍କ, ୨୩।୮ (ଏଜେନ୍ସି):

ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୟୁଏସ୍ ଓପନର ଏହା ହେବ ୧୪୩ତମ ସଂସ୍କରଣ। ବିଶ୍ୱର ୭ ନମ୍ବର ଖେଳାଳି ତଥା ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଛନ୍ତି। ୩୮ ବର୍ଷୀୟ ଜୋକୋଭିଚ୍ ତାଙ୍କ କ୍ୟାରିୟରର ଅନ୍ତିମ ତଥା ୨୪ତମ ଗ୍ରାଣ୍ଡସ୍ଲାମ ୨ ବର୍ଷ ତଳେ ଏଠାରେ ଜିତିଥିଲେ। ତେଣୁ ଚଳିତ ବର୍ଷ ଏହି ସଫଳତାକୁ ଜୋକୋଭିଚ୍ ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ଯଦି ସେ ଚାମ୍ପିଅନ ହୁଅନ୍ତି ତେବେ ଓପନ ଏରାରେ ଉଭୟ ପୁରୁଷ ଓ ମହିଳାବର୍ଗରେ ବିଶ୍ୱର ପ୍ରଥମ ଟେନିସ ଖେଳାଳି ଭାବେ ୨୫ଟି ଗ୍ରାଣ୍ଡସ୍ଲାମ ଜିତିବାର ବିଶ୍ୱକୀର୍ତ୍ତିମାନ ସ୍ଥାପନ କରିବେ। ପ୍ରଥମ ରାଉଣ୍ଡରେ ଜୋକୋଭିଚ୍‌ଙ୍କ ମୁକାବିଲା ଆମେରିକାର ଯୁବ ଖଳାଳି ଲିନର ତିଏନ୍‌ଙ୍କ ସହ ହେବ।





### ୪୫ ବର୍ଷୀୟ ଭେନସ୍‌ଙ୍କୁ ୱାଇଲ୍ଡ କାର୍ଡ

ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଓ ଆରିନା ସାବାଲେଙ୍କା ଯଥାକ୍ରମେ ପୁରୁଷ ଏବଂ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ମାନ୍ୟତା ପାଇଛନ୍ତି। ଇଟାଲୀର ସିନର୍ ଚେକ୍ ଗଣରାଜ୍ୟର ଭିଟ୍ କୋପ୍ରିଭାଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ସେହିଭଳି ସାବାଲେଙ୍କା ପ୍ରଥମ ରାଉଣ୍ଡରେ ଡେନମାର୍କର ତୌସନଙ୍କୁ ଭେଟିବେ। ଅପରପକ୍ଷରେ ଘରୋଇ ଖେଳାଳି ତଥା ୭ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ୪୫ ବର୍ଷୀୟ ଭେନସ୍ ୱିଲିୟମ୍ସ ଦୀର୍ଘ ବର୍ଷର ବ୍ୟବଧାନ ପରେ ୟୁଏସ୍ ଓପନ୍ ଖେଳିବେ। ମହିଳା ସିଙ୍ଗଲ୍ସରେ ତାଙ୍କୁ ଏଥର ୱାଇଲ୍ଡ କାର୍ଡ ମିଳିଛି।

### ମୋଟ୍ ପୁରସ୍କାର ରାଶି ୭୮୫ କୋଟି

ଏଥର ୟୁଏସ୍ ଓପନରେ ରେକର୍ଡ ୭୮୫ କୋଟି ଟଙ୍କା ପୁରସ୍କାର ରଖାଯାଇଛି। ଗତ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ସେହିଭଳି ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳି ୪୩ କୋଟି ୬୫ ଲକ୍ଷ ଟଙ୍କା ପୁରସ୍କାର ପାଇବେ। ଯାହାକି ବିଶ୍ୱର ଯେକୌଣସି ଗ୍ରାଣ୍ଡସ୍ଲାମରେ ପ୍ରଦାନ କରାଯାଉଥିବା ସର୍ବାଧିକ ପୁରସ୍କାର ରାଶି। ସିଙ୍ଗଲ୍ସ ବିଭାଗରେ ପ୍ରଥମ ରାଉଣ୍ଡରେ ବିଜୟୀ ହେଲେ ୯୬ ଲକ୍ଷ ଟଙ୍କା, ଦ୍ୱିତୀୟ ରାଉଣ୍ଡରେ ୧ କୋଟି ୩୪ ଲକ୍ଷ, ୩ୟ ରାଉଣ୍ଡ ଜିତିଲେ ୨ କୋଟି ୬ ଲକ୍ଷ ଟଙ୍କା ଖେଳାଳି ସାଙ୍ଗରେ ନେଇ ଆସିବେ। ସେହିଭଳି ପ୍ରି-କ୍ୱାର୍ଟର ବିଜେତାଙ୍କ ୩.୫ କୋଟି, କ୍ୱାର୍ଟର ବିଜେତାଙ୍କୁ ୫.୭୬ କୋଟି ଏବଂ ସେମିଫାଇନାଲ ବିଜେତାଙ୍କୁ ୧୧ କୋଟି ଟଙ୍କା ମିଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS